୬ ପ୍ଲେ ଅଫ୍‌ରୁ ବାଦ୍ ପଡ଼ିଲା ଲକ୍ଷ୍ନୌ
ଚେନ୍ନାଇର ଷଷ୍ଠ ବିଜୟ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
# ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ବର୍ଣ୍ଣନ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
E-mail : sambadkalikanews@gmail.com
● ବର୍ଷ–୩୩ ● ସଂଖ୍ୟା–୧୦୦ ● ୧୧ ମଇ ୨୦୨୬ ସୋମବାର ● ଭୁବନେଶ୍ୱର ● Vol -33 ● Issue-100 ● 11th May 2026, Monday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

## ଆର୍ଟ ଅଫ୍ ଲିଭିଂର ୪୫ତମ ପ୍ରତିଷ୍ଠା ଦିବସ

# ଆଜି ସମଗ୍ର ବିଶ୍ୱ ଭାରତର ଆଧ୍ୟାତ୍ମିକ ମୂଲ୍ୟବୋଧ ଦ୍ୱାରା ପ୍ରଭାବିତ

**ବାଙ୍ଗାଲୋର, ୧୦।୫**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବେଙ୍ଗାଲୁରୁରେ ଆର୍ଟ ଅଫ୍ ଲିଭିଂର ୪୫ତମ ପ୍ରତିଷ୍ଠା ଦିବସ ସମାରୋହରେ ସାମିଲ ହୋଇ 'ଧ୍ୟାନ ମନ୍ଦିର' ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କର ମଧ୍ୟ ଉପସ୍ଥିତ ଥିଲେ। ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଜନ୍ମଦିନ ଉତ୍ସବକୁ ଆର୍ଟ ଅଫ୍ ଲିଭିଂ ସଂଗଠନ ଦ୍ୱାରା ଆଡମ୍ବର ସହିତ ପାଳନ କରାଯାଇଛି।



ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କାର୍ଯ୍ୟକ୍ରମରେ ଉପସ୍ଥିତ ସମାବେଶକୁ ସମ୍ବୋଧିତ କରି କହିଛନ୍ତି, ଆଜି ଗୁରୁଦେବଙ୍କ ୭୦ତମ ଜନ୍ମଦିନ ପାଳନ ହେଉଛି। ରବିବାର ଏହି ଦିବ୍ୟ ଏବଂ ଚମତ୍କାର 'ଧ୍ୟାନ ମନ୍ଦିର' ଜନସାଧାରଣଙ୍କ ପାଇଁ ଉତ୍ସର୍ଗ କରାଯାଇଛି। ଯେତେବେଳେ ସଂକଳ୍ପ ସ୍ୱଷ୍ଟ ହୋଇଥାଏ ଏବଂ ସେବା ମନୋଭାବ ସହିତ କାର୍ଯ୍ୟ କରାଯାଏ ପ୍ରତ୍ୟେକ ପ୍ରୟାସ ସକାରାତ୍ମକ ଫଳାଫଳ ପ୍ରଦାନ କରେ। ଆମେ ସମସ୍ତେ ପଦ୍ମର ଛତ୍ରଛାୟା ତଳେ ଅଛୁ। ଆମ ଉପରେ ଗୁରୁଦେବଙ୍କ ଆଶୀର୍ବାଦ ଅଛି। ଆଜିର ସକାଳ ଏକ ନୂଆ ଅନୁଭୂତି ନେଇ ଆସିଛି। ପ୍ରଧାନମନ୍ତ୍ରୀ ଓ ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ବହୁ ଅପେକ୍ଷିତ ସାକ୍ଷାତକାରରେ ଆତ୍ମୀୟତା, ସ୍ନେହ ଓ ଏକତ୍ରିତ ଭାବେ ଶକ୍ତିଶାଳୀ ଭାରତ ଗଢ଼ିବାର ସଂକଳ୍ପ ଦେଖାଦେଇଥିଲା। ବେଙ୍ଗାଲୁରୁରେ ୧୮୨ଟି ଦେଶରୁ ଏକ ଲକ୍ଷରୁ ଅଧିକ ଅଂଶଗ୍ରାହୀଙ୍କ ସମାଗମ ମଧ୍ୟରେ ଧ୍ୟାନ ମନ୍ଦିର ଉଦ୍‌ଘାଟନ ସହ ଦେଶବ୍ୟାପୀ ସେବାମୂଳକ ପଦକ୍ଷେପର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ।

"ଆଜି ଏହି ଦିବ୍ୟ ଓ ଶକ୍ତିଶାଳୀ ଧ୍ୟାନ ମନ୍ଦିରର ଉଦ୍‌ଘାଟନ ହୋଇଛି। ସଂକଳ୍ପ ସ୍ୱଷ୍ଟ ଥିଲେ ଏବଂ ସେବାଭାବରେ କାମ କରାଗଲେ ପ୍ରତ୍ୟେକ ପ୍ରୟାସ ସଫଳ ହୁଏ", ବୋଲି କହି ପ୍ରଧାନମନ୍ତ୍ରୀ ଗତ ୪୫ ବର୍ଷ ଧରି ସଂଗଠନ କରିଥିବା କାର୍ଯ୍ୟର ପ୍ରଶଂସା କରିଥିଲେ। ବେଙ୍ଗାଲୁରୁ, ୧୦ ମେ ୨୦୨୬: ଆର୍ଟ ଅଫ୍ ଲିଭିଂ ଅନ୍ତର୍ଜାତୀୟ ସେଣ୍ଟରରେ ଐତିହାସିକ ସମାଗମ ଦେଖାଗଲା। ଆର୍ଟ ଅଫ୍ ଲିଭିଂ ଆନ୍ଦୋଳନର ୪୫ ବର୍ଷ ପୂର୍ତ୍ତି ଏବଂ ଏହାର ସଂସ୍ଥାପକଙ୍କ ୭୦ତମ ଜନ୍ମଦିବସ ପାଳନ ଅବସରରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ସହ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀ ଏହି ଅବସରରେ ବିଶାଳ 'ଧ୍ୟାନ ମନ୍ଦିର'ର ମଧ୍ୟ ଉଦ୍‌ଘାଟନ କରିଥିଲେ। ଏହା ବିଶ୍ୱର ସର୍ବବୃହତ୍ ଧ୍ୟାନ ସମୁଦାୟମାନଙ୍କ ମଧ୍ୟରୁ ଗୋଟିଏକୁ ପ୍ରତିନିଧିତ୍ୱ କରୁଥିବା ଉଚ୍ଚ ଆଧ୍ୟାତ୍ମିକ ସ୍ପନ୍ଦନଯୁକ୍ତ ଏକ ଅନନ୍ୟ ଧ୍ୟାନ କେନ୍ଦ୍ର। ଏହି ନିର୍ଦ୍ଦିଷ୍ଟ କେନ୍ଦ୍ର ମାଧ୍ୟମରେ ବିଭିନ୍ନ ଦେଶ, ସଂସ୍କୃତି *(ପୃଷ୍ଠା ୭ରେ)*

## ତାମିଲନାଡୁରେ ଟିଭିକେ ସରକାର ଆରମ୍ଭ

# ୯ ଜଣିଆ କ୍ୟାବିନେଟ୍ ସହିତ ଶପଥ ନେଲେ ବିଜୟ

**ଚେନ୍ନାଇ, ୧୦।୫**

ତାମିଲନାଡୁରେ ସରକାର ଗଠନ ନେଇ କିଛି ଦିନର ଅନିଶ୍ଚିତତା ପରେ ତାମିଲଗା ଭେଟ୍ରି କାଝାଗମ (ଟିଭିକେ) ଅଧ୍ୟକ୍ଷ ଚନ୍ଦ୍ରଶେଖର ଜୋସେଫ ବିଜୟ ରାଜ୍ୟର ନବମ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ତାଙ୍କର ଶପଥ ଗ୍ରହଣ ତାମିଲନାଡୁରେ ଟିଭିକେ ସରକାରଙ୍କ ପାଇଁ ଏକ ନୂତନ ଅଧ୍ୟାୟ ଆରମ୍ଭ କରିଛି। ବିଜୟଙ୍କ ସହିତ ଏହି ବିଶେଷ ଅବସରରେ ଅନ୍ୟ ନଅ ଜଣ ବିଧାୟକ ମଧ୍ୟ ମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି। ଚେନ୍ନାଇର ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଶପଥ ଗ୍ରହଣ କରି ପ୍ରାୟ ୬୦ ବର୍ଷ ପରେ ତାମିଲନାଡୁରେ ପ୍ରଥମ ଅଣ-ଡିଏମକେ, ଅଣ-ଏଆଇଏଡିଏମକେ ସରକାର ମାଧ୍ୟମରେ ରାଜ୍ୟରେ ଅଣ-ଦ୍ରାବିଡ ସରକାରଙ୍କ ରାଜୁତି ଆରମ୍ଭ ହୋଇଛି। ବିଜୟଙ୍କ ନୂଆ କ୍ୟାବିନେଟ୍‌ରେ ଛଅ ଜଣ ମନ୍ତ୍ରୀ ତାଙ୍କ ଦଳ ଟିଭିକେର ଅଛନ୍ତି। ଯେତେବେଳେ ତିନି ଜଣ କଂଗ୍ରେସ କୋଟାରୁ ଅଛନ୍ତି। ଟିଭିକେ ପକ୍ଷରୁ କେ.ଏ. ସେଙ୍ଗୋଟାଇୟାନ୍, ଅଧର ଅର୍ଜୁନ ଏବଂ ବୁସ୍ସି ଆନନ୍ଦଙ୍କ ଭଳି ବିଶ୍ୱସ୍ତ ନେତାଙ୍କୁ ଦାୟିତ୍ୱ ଦିଆଯାଇଛି।




୯ ଜଣ ବିଧାୟକ ମନ୍ତ୍ରୀ ଭାବରେ ଶପଥ ନେଇଛନ୍ତି। ଟିଭିକେର ସାଧାରଣ ସମ୍ପାଦକ ଏବଂ ମୁଖପାତ୍ର ଏନ. ଆନନ୍ଦ ରାଜମୋହନ ଚେନ୍ନାଇର ନେହେରୁ ଷ୍ଟାଡିୟମରେ ମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି। ସେ ତ୍ୟାଗରାଜ ନିର୍ବାଚନମଣ୍ଡଳୀର ବିଧାୟକ। ସେ ପୂର୍ବରୁ ପୁଡୁଚେରୀରୁ ବିଧାୟକ ଭାବରେ କାର୍ଯ୍ୟ କରିଥିଲେ। ଟିଭିକେର ମୁଖ୍ୟ ରଣନୀତିଜ୍ଞ ଆଧବ ଅର୍ଜୁନ ମନ୍ତ୍ରୀ ଭାବରେ ଶପଥ ନେଇଛନ୍ତି। ସେ ଭିକେସିର ପୂର୍ବତନ ସାଧାରଣ ସମ୍ପାଦକ ଏବଂ ଭିଲିଭାକକମ ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ। ପୂର୍ବତନ ଆଇଆରଏସ ଅଧିକାରୀ ଡାକ୍ତର କେ.ଜି. ଅରୁଣରାଜ ମନ୍ତ୍ରୀ ଭାବରେ ଶପଥ ନେଇଛନ୍ତି। ସେ ତିରୁଚେଙ୍ଗୋଡ ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ। ତାଙ୍କର ଏମବିବିଏସ୍ ଡିଗ୍ରୀ ରହିଛି। କେ.ଏ. ସେଙ୍ଗୋଟାଇୟାନ୍ ମନ୍ତ୍ରୀ ଭାବରେ ଶପଥ ନେଇଛନ୍ତି। ତାଙ୍କର ପାଞ୍ଚ ଦଶନ୍ଧିରୁ ଅଧିକ ରାଜନୈତିକ ଅଭିଜ୍ଞତା ରହିଛି। ସେ ଗୋବିଚେଟିପାଲାୟମ୍ ନିର୍ବାଚନମଣ୍ଡଳୀରୁ ବିଧାୟକ *(ପୃଷ୍ଠା ୭ରେ)*

## ୧୨ରେ ଦ୍ୱିତୀୟ ଥର ପାଇଁ ଶପଥ ନେବେ ହିମନ୍ତ ବିଶ୍ୱ ଶର୍ମା

**ପଶ୍ଚିମବଙ୍ଗ, ୧୦।୫**

ଆଗାମୀ ମେ' ୧୨ରେ ଦ୍ୱିତୀୟ ଥର ପାଇଁ ଆସାମର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ହିମନ୍ତ ବିଶ୍ୱ ଶର୍ମା। ନୂତନ ମନ୍ତ୍ରୀ ପରିଷଦର ସଦସ୍ୟମାନଙ୍କ ସହିତ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେବେ ହିମନ୍ତ।

ଆସାମ ବିଧାନସଭା ନିର୍ବାଚନରେ ଏନଡିଏ ମେଣ୍ଟର ବିପୁଳ ବିଜୟ ପରେ ଲଗାତାର ଦ୍ୱିତୀୟ ଥର ପାଇଁ ଆସାମର ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି ହିମନ୍ତ ବିଶ୍ୱ ଶର୍ମା। ୧୨୬ ସଦସ୍ୟ ବିଶିଷ୍ଟ ଆସାମ ବିଧାନସଭାରେ ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ କରି ବିଜେପି ନେତୃତ୍ୱାଧୀନ ଏନଡିଏ ଲଗାତାର ତୃତୀୟ ଥର ପାଇଁ କ୍ଷମତାକୁ ଫେରିଛି। ବିଜେପି ୮୨ଟି ଆସନ ସହିତ ପ୍ରଭାବଶାଳୀ ଶକ୍ତି ଭାବରେ ଉଭା ହୋଇଛି। ଏହାର ସହଯୋଗୀ ଦଳ ଆସାମ ଗଣ ପରିଷଦ (ଏଜିପି) ଏବଂ ବୋଡୋଲ୍ୟାଣ୍ଡ ପିପୁଲ୍ସ ଫ୍ରଣ୍ଟ (ବିପିଏଫ) ୧୦ଟି ଲେଖାଏଁ ଆସନ ଜିତି ଏନଡିଏର ମୋଟ ଆସନ ୧୦୨ରେ ପହଞ୍ଚିଛି। କେନ୍ଦ୍ର ମନ୍ତ୍ରୀ ତଥା ଆସାମ ବିଜେପିର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଜେପି ନଡ୍ଡା କହିଛନ୍ତି ଯେ ବିଜେପିର ଆଠ ଜଣ ବିଧାୟକ ବିଧାୟକ ଦଳ ନେତା ଭାବରେ ହିମନ୍ତଙ୍କ ନାମ ପ୍ରସ୍ତାବ ଦେଇଥିଲେ।

## ରାଜ୍ୟ ସରକାରଙ୍କ ବଡ଼ କାର୍ଯ୍ୟାନୁଷ୍ଠାନ

# ବାଲିଅନ୍ତା ବର୍ବରତା ଘଟଣାରେ ୪ ପୋଲିସ୍ ନିଲମ୍ବିତ

**ଭୁବନେଶ୍ୱର, ୧୦।୫**
**ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱର ପୋଲିସ ଭବନରେ ଗୁରୁତତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଲିଅନ୍ତା ଘଟଣା ପରେ ଆକ୍ସନ ମୋଡ୍‌ରେ ପୋଲିସ ମହାନିର୍ଦ୍ଦେଶକ। ପୋଲିସ ଭବନରେ କମିଶନରେଟ୍ ପୋଲିସର ସମସ୍ତ ଆଇଆଇସି ମାନଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପୋଲିସ ଡିଜିଙ୍କ ସମେତ ସିପି, ଆଡିସନାଲ ସିପି ଓ ଡିସିପି ଉପସ୍ଥିତ ଥିଲେ। ବାଲିଅନ୍ତା ଘଟଣା ପରେ ଆଇନ ଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଥିଲେ।



ଅନଲାଇନରେ ମଧ୍ୟ ଯୋଡ଼ି ହୋଇଥିଲେ ବିଭିନ୍ନ ଥାନାର ଆଇଆଇସି। ବାଲିଅନ୍ତା ଭିଡ଼ ହତ୍ୟା ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ ହୋଇଛି। ବାଲିଅନ୍ତା ଥାନାରୁ *(ପୃଷ୍ଠା ୭ରେ)*

## ହଷ୍ଟେଲ ବାଲକୋନୀରୁ ପଡ଼ି ଛାତ୍ର ମୃତ

**ଭୁବନେଶ୍ୱର, ୧୦।୫**
**ନ୍ୟୁଜ୍‌ବ୍ୟୁରୋ**

ଆଇଆଇଟି କ୍ୟାମ୍ପସ୍‌ରେ ଅଘଟଣ। ବଏଜ୍ ହଷ୍ଟେଲର ବାଲ୍‌କୋନୀରୁ ପଡ଼ି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ଜଣକ ହେଉଛନ୍ତି ଆନ୍ଧ୍ରପ୍ରଦେଶର ତନିକୋଣ୍ଡା ନିଶାନ୍ତ କୁମାର। ନିଶାନ୍ତ ସେହି କଲେଜର ପିଏଚ୍‌ଡିର ଛାତ୍ର ଥିଲେ। ସେ ରହୁଥିବା ବ୍ରହ୍ମପୁତ୍ର ହଲ୍‌ର ଇ-ବ୍ଲକର ଷଷ୍ଠ ମହଲା ବାଲ୍‌କୋନୀରୁ ତଳେ ପଡ଼ି ଅଚେତ୍ ହୋଇ ପଡ଼ିଥିଲେ।

ତାଙ୍କୁ ପ୍ରଥମେ କ୍ୟାମ୍ପସ୍‌ରେ ଥିବା ହସ୍ପିଟାଲକୁ ନିଆଯାଇଥିଲା। ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ସେଠାରେ ତାଙ୍କ ମୃତ ଘୋଷଣା କରିଥିବା ପୋଲିସ କହିଛି। ତେବେ ପୋଲିସ ଏନେଇ ନିଶାନ୍ତଙ୍କ ପରିବାର ଲୋକଙ୍କୁ ଖବର ଦେବାସହ ଘଟଣାର ତଦନ୍ତ ଜାରି ରଖିଛି।

## ଲେବାନନ ଉପରେ ଇସ୍ରାଏଲ୍ ଜୋରଦାର ଆକ୍ରମଣ

# ହିଜବୁଲ୍ଲାର ୫୮ ଠିକଣାକୁ ଟାର୍ଗେଟ : ୩୧ ମୃତ

**ବିରୁଟ, ୧୦।୫**

ଦକ୍ଷିଣ ଲେବାନନ ଉପରେ ଇସ୍ରାଏଲ୍ ଜୋରଦାର ଆକ୍ରମଣ କରିଛି। ଏଥିରେ ଅନ୍ୟୁନ ୩୧ ଜଣଙ୍କ ମୃତ୍ୟୁ ଘଟିଛି। ହିଜବୁଲ୍ଲାର ୫୮ ଠିକଣାକୁ ଟାର୍ଗେଟ୍ କରାଯାଇ ଏହି ଆକ୍ରମଣ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ବେସାମରିକ ପ୍ରତିରକ୍ଷା କର୍ମଚାରୀ ଅଛନ୍ତି।

ସୂଚନା ମୁତାବକ, ଲେବାନନର ଟାୟର ଜିଲ୍ଲାସ୍ଥିତ ଟୌରା ସହର ଉପରେ ଦୁଇଟି ଏୟାର ଷ୍ଟ୍ରାଇକ୍ କରିଛି ଇସ୍ରାଏଲ। ଏଥିରେ ୫ ଜଣଙ୍କ ମୃତ୍ୟୁ ହୋଇଛି। ବିନ୍ତ ଜୁବୈଲ ଏବଂ ନବାତିୟେହ ଜିଲ୍ଲାର ଗ୍ରାମଗୁଡ଼ିକ ଉପରେ ହୋଇଥିବା ଏୟାରଷ୍ଟ୍ରାଇକ୍ ଯୋଗୁ



ଆଉ ୫ ଜଣଙ୍କ ମୃତ୍ୟୁ ଘଟିଛି। ଦୁଇଦେଶ ମଧ୍ୟରେ ଏପ୍ରିଲ ୧୭ରେ ଯୁଦ୍ଧବିରତି ଘୋଷଣା ହୋଇଥିଲା। ପରେ ଏହାକୁ ମେ' ୧୭ ପର୍ଯ୍ୟନ୍ତ ବଢ଼ାଯାଇଥିଲା। କିନ୍ତୁ ଦକ୍ଷିଣ ଲେବାନନ ଉପରେ ଇସ୍ରାଏଲର ଆକ୍ରମଣ ଜାରି ରହିଛି। *(ପୃଷ୍ଠା ୭ରେ)*

# ଖୁବ୍‌ଶୀଘ୍ର ବନ୍ଦ ହେବ ୟୁକ୍ରେନ୍ ସହ ଯୁଦ୍ଧ



**ମସ୍କୋ, ୧୦।୫**

ୟୁକ୍ରେନ ସହିତ ଗତ ଚାରି ବର୍ଷ ହେଲା ଚାଲି ଆସୁଥିବା ଯୁଦ୍ଧ ବନ୍ଦ ହେବା ନେଇ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ସଙ୍କେତ ଦେଇଛନ୍ତି। ୟୁକ୍ରେନ୍ ସହିତ ଯୁଦ୍ଧ ଶେଷ ହେବାକୁ ଯାଉଛି ବୋଲି ପୁଟିନ୍ କହିଛନ୍ତି। ୨୦୨୨ ଫେବୃୟାରୀରୁ ଆରମ୍ଭ ହୋଇ ଚାରି ବର୍ଷରୁ ଅଧିକ ସମୟ ଧରି ଚାଲିଥିବା ଏହି ଘାତକ ଯୁଦ୍ଧ ପରେ ସମ୍ଭାବ୍ୟ ଶାନ୍ତି ଆଲୋଚନା ନେଇ ନୂତନ ଆଶା ସୃଷ୍ଟି ହୋଇଛି। ୟୁକ୍ରେନ୍ ଯୁଦ୍ଧ ନେଇ ପୁଟିନ୍ ରୁଷ୍‌ର 'ବିଜୟ ଦିବସ' କାର୍ଯ୍ୟକ୍ରମ ଅବସରରେ କହିଛନ୍ତି, ଏହି ବିଷୟ ସମାପ୍ତ ହେବାକୁ ଯାଉଛି। ଅନେକ ଏହାକୁ ପୁଟିନ୍‌ଙ୍କ ପକ୍ଷରୁ ଯୁଦ୍ଧ ବନ୍ଦ ନେଇ ଦୃଢ଼ ସଙ୍କେତ ଭାବେ ଗ୍ରହଣ କରୁଛନ୍ତି। ଏହାଦ୍ୱାରା ବୁଝାମଣା ଓ କଥାବାର୍ତ୍ତା ଆରମ୍ଭ ହୋଇପାରେ ବୋଲି ଆଶା କରାଯାଉଛି। ସୂଚନାଯୋଗ୍ୟ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରସ୍ତାବରେ ରୁଷ୍ ଓ ୟୁକ୍ରେନ୍ ତିନିଦିନିଆ ଯୁଦ୍ଧ ବିରତି ଘୋଷଣା କରିଛନ୍ତି। ଉଭୟ ଦେଶ ୧୦୦୦ ଯୁଦ୍ଧବନ୍ଦୀଙ୍କୁ ଅଦଳବଦଳ କରିବାକୁ ରାଜି ହୋଇଛନ୍ତି। ଚାରି ବର୍ଷ ତଳେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏହା ସବୁଠୁ ବଡ଼ ଯୁଦ୍ଧବନ୍ଦୀ ଅଦଳବଦଳ ଘଟଣା।

# ଯୋଗୀଙ୍କ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଲେ ୬ ନୂଆ ମନ୍ତ୍ରୀ

**ଲକ୍ଷ୍ନୌ, ୧୦।୫**

ଆସନ୍ତା ୨୦୨୭ରେ ଉତ୍ତର ପ୍ରଦେଶରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ଏହାପୂର୍ବରୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ତାଙ୍କ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ କରିଛନ୍ତି। ରବିବାର ମୋଟ ୬ ଜଣ ନୂଆ ମନ୍ତ୍ରୀ ଶପଥ ନେଇଥିବାବେଳେ ଦୁଇ ଜଣ ମନ୍ତ୍ରୀଙ୍କୁ ପଦୋନ୍ନତି ଦିଆଯାଇଛି। ଭୁପେନ୍ଦ୍ର ଚୌଧୁରୀ ଓ ସମାଜବାଦୀ ପାର୍ଟିର ବିଦ୍ରୋହୀ ବିଧାୟକ ମନୋଜ ପାଣ୍ଡେ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଥିଲେ। କୃଷ୍ଣା ପାସୱାନ, କୈଳାଶ ସିଂ ରାଜପୁତ, ସୁରେନ୍ଦ୍ର ସିଂହ ଦିଲେର ଓ ହଂସରାଜ ବିଶ୍ୱକର୍ମା ରାଷ୍ଟ୍ରମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଏମାନଙ୍କ ବ୍ୟତୀତ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦୁଇ ଜଣ ମନ୍ତ୍ରୀଙ୍କୁ ପଦୋନ୍ନତି ଦେଇଛନ୍ତି। ସେମାନେ ହେଲେ



ଅଜିତ ସିଂହ ପାଲ ଓ ସୌମେନ୍ଦ୍ର ତୋମାର, ଉଭୟଙ୍କୁ ରାଷ୍ଟ୍ରମନ୍ତ୍ରୀ ପଦବୀ ସହିତ ସ୍ୱାଧୀନ ଦାୟିତ୍ୱ ମଧ୍ୟ ମିଳିଛି। ଯୋଗୀ ଆଦିତ୍ୟନାଥ ଦ୍ୱିତୀୟ ଥର ପାଇଁ କ୍ଷମତାକୁ ଆସିବା ପରଠାରୁ ଏହା ତାଙ୍କର ଦ୍ୱିତୀୟ କ୍ୟାବିନେଟ୍ ସମ୍ପ୍ରସାରଣ। ଏହାପୂର୍ବରୁ ମାର୍ଚ୍ଚ ୨୦୨୪ରେ ଯୋଗୀ ତାଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିଥିଲେ।

ଅପରପକ୍ଷେ କ୍ୟାବିନେଟ୍ ସମ୍ପ୍ରସାରଣକୁ ନେଇ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ପରିହାସ କରିଛନ୍ତି। ଏହା କେବଳ ସମୟ ଗଡ଼ାଇବା ବ୍ୟତୀତ ଆଉ କିଛି ନୁହେଁ ବୋଲି କହିଛନ୍ତି। ସେ ବିଜେପିରେ ଦଳର ନେତୃତ୍ୱ ନେବା ଶୈଳୀ ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ବିଜେପିରେ *(ପୃଷ୍ଠା ୭ରେ)*

## ଡ୍ୟାମ୍ ନିର୍ମାଣ କାମ ବେଳେ ଅଘଟଣ ବିଦ୍ୟୁତ୍ ଆଘାତରେ ୨ ଶ୍ରମିକଙ୍କ ମୃତ୍ୟୁ

**ବଡ଼ବିଲ, ୧୦।୫**
**ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝର ଜିଲ୍ଲାର କାନୁପୁର ବୃହତ୍ ଜଳ ସେଚନ ପ୍ରକଳ୍ପର ଡ୍ୟାମ୍ ନିର୍ମାଣ କାର୍ଯ୍ୟ ବେଳେ ଘଟିଛି ଅଘଟଣ। ୱେଲ୍ଡିଂ କାମ କରୁଥିବା ସମୟରେ ବିଦ୍ୟୁତ୍ ଆଘାତ ଲାଗି ୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ପଶ୍ଚିମବଙ୍ଗର ଜଲପାଇଗୁଡ଼ି ଅଞ୍ଚଳର ଉତ୍ତମ ରାୟ ଓ ଆପୁ ରାୟ। ସେମାନେ ଏକ ଠିକା ସଂସ୍ଥା ମାଧ୍ୟମରେ ଡ୍ୟାମ୍ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିଲେ।

ରବିବାର ପ୍ରକଳ୍ପ ଅଞ୍ଚଳରେ ଶ୍ରମିକ ଉତ୍ତମ ରାୟ ଓ ଆପୁ ରାୟ ୱେଲ୍ଡିଂ କାମ କରୁଥିଲେ। ହଠାତ୍ ଉଭୟଙ୍କୁ ବିଦ୍ୟୁତ୍ ଝଟ୍‌କା ଲାଗିଥିଲା। ଫଳରେ ସେମାନେ ଚେତାଶୂନ୍ୟ ହୋଇ ପଡ଼ି *(ପୃଷ୍ଠା ୭ରେ)*

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୨୩୫ (+୦)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୯୬୫ (+୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୪୨୬ (+୦)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୭୫ (+୦)

## ଏକାଳ ପଖାଳ



ଆଇନି କାନୁନୁ କେମିତି ଅଛି
ଜନେ ଟିକେ ଭାବି କୁହ
ଭାବିଭାବି ଭାବ ବିହ୍ୱଳ ହୁଅନି
ଆଖିରୁ ଗଡ଼ାନି ଲୁହ
ଦେଖି ଚକାଡ଼ୋଳା ମୁହଁ
ଶାସନ ଉପରେ ଭରସା ରଖିଣ
ଜଗିରଖି ଟିକେ ରୁହ !!

# ବିଶ୍ୱର ୯ ହଜାର ବିଶ୍ୱବିଦ୍ୟାଳୟ ଉପରେ ସାଇବର ଆକ୍ରମଣ



**ନୂଆଦିଲ୍ଲୀ, ୧୦।୫**

ଆମେରିକା, କାନାଡ଼ା ଏବଂ ଅଷ୍ଟ୍ରେଲିଆ ସମେତ ବିଶ୍ୱର ପ୍ରାୟ ୯ ହଜାର ପ୍ରମୁଖ ଶିକ୍ଷାନୁଷ୍ଠାନ ଏକ ବଡ଼ ସାଇବର ଆକ୍ରମଣର ଶିକାର ହୋଇଛନ୍ତି। କାନଭାସ୍ ଲର୍ଣ୍ଣିଂ ପ୍ଲାଟଫର୍ମକୁ ଟାର୍ଗେଟ କରି, ହ୍ୟାକର ଗୋଷ୍ଠୀ ସାଇନିହଣ୍ଟର୍ସ ସମଗ୍ର ଶିକ୍ଷା ବ୍ୟବସ୍ଥାକୁ ଗୁରୁତର ଭାବରେ ପ୍ରଭାବିତ କରିଛି। ହଠାତ୍ ଆକ୍ରମଣ ଫାଇନାଲ ପରୀକ୍ଷା ଏବଂ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମୟରେ ପ୍ରତିଷ୍ଠାନଗୁଡ଼ିକରେ ବ୍ୟାପକ ବିଶୃଙ୍ଖଳା ସୃଷ୍ଟି କରିଛି। ଛାତ୍ରଛାତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଏବଂ ସେମାନଙ୍କ ଦ୍ୱାରା କରାଯାଉଥିବା କାର୍ଯ୍ୟର ସୁରକ୍ଷା ନେଇ ଗମ୍ଭୀର ଚିନ୍ତା ଏବଂ ଭୟ ସୃଷ୍ଟି କରିଛି।

ଏହି ବଡ଼ ସାଇବର ଆକ୍ରମଣ ପାଇଁ ସାଇନିହଣ୍ଟର୍ସ ନାମକ ଏକ ହ୍ୟାକର ଗୋଷ୍ଠୀ ଆନୁଷ୍ଠାନିକ ଭାବରେ ନିଜକୁ ଦାୟୀ କରିଛି। ହ୍ୟାକରମାନେ ସିଷ୍ଟମକୁ ଭାଙ୍ଗି ଅନେକ ଛାତ୍ରଛାତ୍ରୀଙ୍କ କମ୍ପ୍ୟୁଟର ସ୍କ୍ରିନକୁ ବିଟକଏନ୍‌ର ମୋଟା ଅଙ୍କର ଟଙ୍କା ଦାବି କରି ମେସେଜ୍ ପଠାଇଥିଲେ।

ଏହି ମେସେଜଗୁଡ଼ିକରେ ସ୍ପଷ୍ଟ ଭାବରେ ଚେତାବନୀ ଦିଆଯାଇଥିଲା ଯେ, ଯଦି ଦେୟ ପ୍ରଦାନ କରା ନ ଯାଏ, ତେବେ ସମସ୍ତ ଚୋରି ହୋଇଥିବା ତଥ୍ୟ ସାର୍ବଜନୀନ କରାଯିବ। ଏହି ଭୟଙ୍କର ପରିସ୍ଥିତି ଅନେକ ପ୍ରମୁଖ ବିଶ୍ୱବିଦ୍ୟାଳୟକୁ ତୁରନ୍ତ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଫାଇନାଲ୍ ପରୀକ୍ଷା ସ୍ଥଗିତ ରଖିବାକୁ ବାଧ୍ୟ *(ପୃଷ୍ଠା ୭ରେ)*

# ଆସନ୍ତା ୨୪ ଘଣ୍ଟାରେ କାଳବୈଶାଖୀ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୧୦।୫**
**ନ୍ୟୁଜ୍‌ବ୍ୟୁରୋ**

ବାତ୍ୟା ଭୟ ମଧ୍ୟରେ ଡରାଇଛି ଶ୍ରୀଲଙ୍କା ସ୍ଥିତ ଗଲ୍ଫ ଅଫ୍ ମନାରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ। ଅନୁମାନ କରାଯାଉଛି ଏହା ଘନୀଭୂତ ହୋଇ ୧୧ ତାରିଖ ବେଳକୁ ଲଘୁଚାପର ରୂପ ନେଇପାରେ। ଅବଶ୍ୟ ଏହା ଓଡ଼ିଶାକୁ କେତେ ମାତ୍ରାରେ ପ୍ରଭାବିତ କରିବ ତାହା ଏବେଠାରୁ ଆକଳନ କରାଯାଇପାରିବନାହିଁ ବୋଲି କହିଛନ୍ତି ପାଣିପାଗ ବିଶେଷଜ୍ଞ। ସେପଟେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ଥିବାରୁ ୧୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର। ଏହି ଜିଲ୍ଲାଗୁଡ଼ିକ ହେଲା ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, କନ୍ଧମାଳ, ରାୟଗଡ଼ା, କୋରାପୁଟ୍, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲା । ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲା ବିଶେଷ ପ୍ରଭାବିତ ହୋଇପାରେ ବୋଲି ଆକଳନ କରାଯାଇଛି। ଏଥିସହିତ ପବନର ବେଗ ୪୦-୫୦ କିଲୋମିଟର ଯାଏ ରହିବ। ସେହିପରି ରାୟଗଡ଼ା, କୋରାପୁଟ୍, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ମଧ୍ୟ କାଳବୈଶାଖୀ ପ୍ରକୋପ ଅନୁଭୂତ ହେବ। ଏଭଳି କାଳବୈଶାଖୀର ପ୍ରଭାବ ଆସନ୍ତା ୧୫ ତାରିଖ ଯାଏ ରହିବ।





## ଇବ୍ ନଦୀରୁ ବେଆଇନ ଜଳ ଉଠାଣ ଅଭିଯୋଗ : ଓଡ଼ିଶା ମେଟାଲିକ୍ସ କମ୍ପାନୀ ବିରୋଧରେ ଜିଲ୍ଲାପାଳଙ୍କୁ ଦାବିପତ୍ର, ଆନ୍ଦୋଳନ ଚେତାବନୀ

**ଝାରସୁଗୁଡ଼ା, ନ୍ୟୁଜ ବ୍ୟୁରୋ**

ଝାରସୁଗୁଡ଼ା ସଦର ବ୍ଲକ୍ ଅନ୍ତର୍ଗତ ମରାକୁଟା ଠାରେ ଅବସ୍ଥିତ ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ବିରୋଧରେ ଇବ୍ ନଦୀରୁ ବେଆଇନ ଭାବେ ଜଳ ଉଠାଯାଉଥିବା ଅଭିଯୋଗ ଉଠିଛି। ଏହି ବେଆଇନ କାର୍ଯ୍ୟ ତୁରନ୍ତ ବନ୍ଦ କରିବାକୁ ଦାବି କରି ଏଚ୍. କଂଟାପାଲି, ଜମେରା, ମରାକୁଟା ଓ ଇବ୍ ଗ୍ରାମପଂଚାୟତ ଅଂଚଳର ଲୋକେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, କମ୍ପାନୀଟି ବିନା ସରକାରୀ ଅନୁମତିରେ ପାଇପ୍ ଲାଇନ୍ ଯୋଗେ ଇବ୍ ନଦୀରୁ ବହୁ ପରିମାଣର ଜଳ ଉଠାଉଛି। ଏଥିଯୋଗୁ ନଦୀର ଜଳସ୍ତର ହ୍ରାସ ପାଇଥିବା ବେଳେ ପାନୀୟ ଜଳ ଓ ଚାଷ କାର୍ଯ୍ୟ ପାଇଁ ସ୍ଥାନୀୟ ୩୦ରୁ ଅଧିକ ଗ୍ରାମର ଲୋକେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଖରାଦିନରେ ଇବ୍ ନଦୀ ଶୁଖିଯାଉଥିବାରୁ ଗୃହପାଳିତ ପଶୁପକ୍ଷୀମାନେ ମଧ୍ୟ ଜଳକଷ୍ଟ ଭୋଗୁଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ପ୍ରାୟ ୫ ବର୍ଷ ଧରି କମ୍ପାନୀଟି ବିନା ଅନୁମତିରେ ଏଭଳି ଜଳ ଉଠାଣ କାର୍ଯ୍ୟ କରୁଛି। ଏହାଦ୍ୱାରା ରାଜ୍ୟ ସରକାରଙ୍କ ରାଜସ୍ୱ ହାନି ହେଉଥିବା କୁହାଯାଇଛି। ପୂର୍ବରୁ ଝାରସୁଗୁଡ଼ା ଏସପି ଓ ଉପଜିଲାପାଳଙ୍କୁ ଏନେଇ ଅବଗତ କରାଯାଇଥିଲେ ମଧ୍ୟ କୌଣସି ଦୃଢ଼ ପଦକ୍ଷେପ ଗ୍ରହଣ ହୋଇନଥିବା ଦାବି କରିଛନ୍ତି ସ୍ଥାନୀୟ ଲୋକେ। ତୁରନ୍ତ କମ୍ପାନୀର ପମ୍ପହାଉସ ବନ୍ଦ କରିବାକୁ ଦାବି କରିଥିବା ବେଳେ ଆସନ୍ତା ୧୫ ତାରିଖ ମଧ୍ୟରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନଗଲେ ପମ୍ପହାଉସ ସମ୍ମୁଖରେ ଧାରଣା ଓ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସେବତ ଲୁହା, ପ୍ରେମାଶିନୀ ମାଳୀ, ରବିନା କୁଆଁ, ସଞ୍ଜୁକ୍ତା କୁଆଁ, ଗଣେସିନୀ ବାଗଙ୍କ ସମେତ ବହୁ ମହିଳା ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଏନେଇ କମ୍ପାନୀର ଅଧିକାରୀ ଅଜିତ୍ ସିଂଙ୍କୁ ପଚାରିବାରୁ ସେ କୌଣସି ମତାମତ ଦେବାକୁ ମନା କରିଥିଲେ। ଅନ୍ୟପଟେ ଝାରସୁଗୁଡ଼ା ଉପଜିଲାପାଳ ସବ୍ୟସାଚୀ ପଣ୍ଡା କହିଛନ୍ତି ଯେ, କମ୍ପାନୀ ବିରୋଧରେ ଅଭିଯୋଗ ମିଳିଛି ଓ ତଦନ୍ତ ପାଇଁ ଜଳସେଚନ ବିଭାଗକୁ ଚିଠି ଲେଖାଯିବ। ତଦନ୍ତ ରିପୋର୍ଟ ଆସିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

## +୨ ବିଜ୍ଞାନ ପୁସ୍ତକ ବଣ୍ଟନ ଓ ଶିକ୍ଷକ ପ୍ରଶିକ୍ଷଣ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**



କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପାଇଁ ଓଡ଼ିଆରେ ଲିଖିତ ବିଜ୍ଞାନ ପାଠ୍ୟପୁସ୍ତକ ପ୍ରଚଳନ ସମ୍ପର୍କିତ ଆଲୋଚନା ଜିଲ୍ଲାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଓ ବିଜ୍ଞାନ ଶିକ୍ଷକ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ଅନୁଯାୟୀ ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ, ପ୍ରାଧ୍ୟାପକ ରଂଜିତ୍ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ସଦସ୍ୟ ସଚୀବ ଡକ୍ଟର ସୁବ୍ରତ କୁମାର ପୃଷ୍ଟି ଓ ଉପାଧ୍ୟକ୍ଷ ଡଃ. ସିପ୍ରା ମଲ୍ଲିକ୍ ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ଓଡିଆ ବିଜ୍ଞାନ ଅଧ୍ୟୟନ ଓ ଶିକ୍ଷା ପ୍ରଦାନ ସମ୍ବନ୍ଧୀୟ ସମସ୍ୟା ସମାଧାନ ତଥା ଉପାଦେୟତା ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ମାତୃଭାଷାରେ ବିଜ୍ଞାନ ଶିକ୍ଷା ବୈଜ୍ଞାନିକ ଶ୍ରଦ୍ଧାବଳୀର ମାନବୀକରଣ ଶବ୍ଦ ଗୁଡିକର ସରଳ, ଓଡ଼ିଆ ରୂପାନ୍ତର, ପ୍ରସ୍ତୁତ ଓଡ଼ିଆ ପୁସ୍ତକର ବିଷୟବସ୍ତୁ, ଚିତ୍ର ଉଦାହରଣ ଏବଂ ଅଭ୍ୟାସ, ପ୍ରଶ୍ନ ଓ ଶିକ୍ଷଣ ପଦ୍ଧତି ସମୀକ୍ଷା ସହିତ ଓଡ଼ିଆ ମାଧ୍ୟମରେ ବିଜ୍ଞାନର ପ୍ରୟୋଗାତ୍ମକ ଦିଗ କିପରି ଅଧିକ ସଫଳ ହେବ ସେ ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ। ସେହିଭଳି ସରକାରୀ ବିଦ୍ୟାଳୟରେ ପଢୁଥିବା ପିଲାମାନଙ୍କ ପାଇଁ ଡାକ୍ତରୀ ଓ ଇଂଜିନିୟରିଂ ନାମ ଲେଖାରେ ୧୫ ପ୍ରତିଶତ ସ୍ଥାନ ସଂରକ୍ଷିତ ରହିଛି। ଆଇ.ଏ.ଏସ୍ ଓଏସ୍ ଆଦି ସମସ୍ତ ନିଯୁକ୍ତି ପରୀକ୍ଷା ଡାକ୍ତରୀ ଓ ଇଂଜିନିୟରିଂ ପ୍ରବେଶିକା ପରୀକ୍ଷା ପ୍ରଶ୍ନ ପତ୍ର ଓଡ଼ିଆରେ ଆସୁଥିବାରୁ ଓଡିଆରେ ବିଜ୍ଞାନ ପଢିଲେ ଭବିଷ୍ୟତରେ କୌଣସି ସମସ୍ୟା ସୃଷ୍ଟି ହେବ ନାହିଁ ବୋଲି ଉପସ୍ଥିତ ଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜିଲ୍ଲା ବିଜ୍ଞାନ ସୁପରଭାଇଜର ପ୍ରକାଶ ଚନ୍ଦ୍ର ପରିଡା କାର୍ଯ୍ୟକ୍ରମକୁ ପରିଚାଳନା କରୁଥିଲେ।

## ବୌଦ୍ଧ ଜିଲ୍ଲାର ବିଭିନ୍ନ ଗ୍ରାମରେ ବାଲ୍ୟ ବିବାହ ନିଷେଧ ଆଇନନେଇ ସଚେତନତା ସଭା

**ବୌଦ୍ଧ,ନ୍ୟୁଜ ବ୍ୟୁରୋ**

ବୌଦ୍ଧ ଜିଲା ରଇଠାଣି ଓ କରଡି ଗ୍ରାମ ଠାରେ ବିଶ୍ୱ ଯୁବ କେନ୍ଦ୍ର ସଂସ୍ଥାର ପ୍ରୟାସ ଓ ସହଯୋଗରେ ବାଲ୍ୟ ବିବାହ ନିଷେଧ ଆଇନନେଇ ସଚେତନତା ସଭା ଅନୁଷ୍ଠିତ ହୋଇଛି କ୍ଷ ପ୍ରୋଗ୍ରାମ କାଉନସ୍ଲେର ସ୍ୱେତା ପଟ୍ଟନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ସଚେତନତା ସଭାରେ ସମାଜରୁ ବାଲ୍ୟ ବିବାହ ଭଳି କୁପ୍ରଥାକୁ ସମୂଳେ ନିରାକରଣ କରିବା ଏବଂ ଶିଶୁମାନଙ୍କ ଭବିଷ୍ୟତକୁ ସୁରକ୍ଷିତ ଓ ସୁନିଶ୍ଚିତ କରିବା ନେଇ ଆଲୋଚନା କରାଯାଇଥିଲା । ବାଲ୍ୟ ବିବାହର ଭୟାବହ କୁପରିଣାମ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହା ସହିତ ବାଲ୍ୟ ବିବାହ ନିଷେଧ ଆଇନ ଓ ଏହା ସହ ସଂପୃକ୍ତ ଦଣ୍ଡ ବିଧାନ ବିଷୟରେ ମଧ୍ୟ ସମସ୍ତଙ୍କୁ ସଚେତନ କରାଯାଇଥିଲା। ସଭାରେ ଅପରିପକ୍ୱ ବୟସରେ ବିବାହ ହେବା ଫଳରେ କିଶୋରୀମାନଙ୍କ ଶାରୀରିକ ଓ ମାନସିକ ବିକାଶ ବାଧାପ୍ରାପ୍ତ ହେବା, ଶିକ୍ଷାରୁ ବଂଚିତ ହେବା, ମାତୃମୃତ୍ୟୁ ଓ ପୌଷ୍ଟିକ ଅଭାବ ପରି ଗୁରୁତର ସମସ୍ୟା ଉଦ୍ଭବ ହେବା ଆଦି ବିଷୟରେ ଆଲୋଚନା କରାଯାଇଥିଲା । ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏହି କୁପ୍ରଥା ବିରୋଧରେ ସଜାଗ ରହିବା ସହ ଯେକୌଣସି ବାଲ୍ୟ ବିବାହ ସମ୍ପର୍କିତ ସୂଚନା ତୁରନ୍ତ ପ୍ରଶାସନ କିମ୍ବା ସମ୍ପର୍କିତ ବିଭାଗକୁ ଜଣାଇବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହିଅବସରରେ ସମସ୍ତେ ବାଲ୍ୟ ବିବାହ ମୁକ୍ତ ସମାଜ ଗଠନ ପାଇଁ ଏକତ୍ରିତ ଭାବେ ଶପଥ ଗ୍ରହଣ କରିଥିଲେ। ସମାଜରେ ସଚେତନତାର ଆଲୋକ ପ୍ରଜ୍ୱଳିତ କରି ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ, ସୁରକ୍ଷିତ ଓ ଶିକ୍ଷିତ ପରିବେଶ ସୃଷ୍ଟି କରିବାର ସଙ୍କଳ୍ପ ନେଇଥିଲେ ।ସଚେତନତା ସଭାରେ ଅନେକ ଅଙ୍ଗନୱାଡ଼ି କର୍ମୀ, ୱାର୍ଡ ସଭ୍ୟ, ବରିଷ୍ଠ ବ୍ୟକ୍ତିବର୍ଗ ଓ ଗ୍ରାମବାସୀମାନେ ଉପସ୍ଥିତ ରହି ସମାଜିକ ଦାୟିତ୍ୱବୋଧର ପରିଚୟ ପ୍ରଦାନ କରିଥିଲେ।

## ଜିଲ୍ଲା ପ୍ରଶାସନକୁ ଭେଟିଲା ଅଭିଭାବକ ସଂଘ



**ବରଗଡ, ନ୍ୟୁଜ ବ୍ୟୁରୋ**

ଓଡିଶା ଅଭିଭାବକ ବରଗଡ ଜିଲ୍ଲାର ଏକ ପ୍ରତିନିଧି ଦଳ ଜିଲ୍ଲା ସଭାପତି ବିମଳ କୁମାର ଦାଶଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ଭେଟି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଚାଲିଥିବା ଦୁର୍ନୀତି,ଅନୈତିକ କାର୍ଯ୍ୟକଳାପକୁ ବିରୋଧ କରି ଏକ ଦାବୀ ପତ୍ର ପ୍ରଦାନ କରିଥିଲେ, ସେ ତାଙ୍କ ଦାବିପତ୍ରରେ ବରଗଡର ଏକ ଶିକ୍ଷୟତ୍ରୀଙ୍କ ଉପରେ ଘଟିଥିବା ଶାରୀରିକ ନିର୍ଯାତନା, ଶିକ୍ଷକ ବଦଳିରେ ଲାଞ୍ଚ, ସ୍କୁଲ ସାମଗ୍ରୀ କିଣା ରେ ଦୁର୍ନୀତି, ମଧ୍ୟାହ୍ନ ଭୋଜନ ଯୋଗାଣରେ ଦୁର୍ନୀତି, ଜାଲ ଶିକ୍ଷକ ନିଯୁକ୍ତି ରେ ଲାଞ୍ଚ କରିବାର ଆଦି ବିଭିନ୍ନ ମାମଲାର ବିଚାର ବିଭାଗୀୟ ତଦନ୍ତ କରି ଦୋଷୀ ବିରୁଦ୍ଧ ରେ କଠୋର କାର୍ଯାନୁଷ୍ଠାନ କରିବା ସହିତ ସ୍ଥାୟୀ ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀ ତୁରନ୍ତ ନିଯୁକ୍ତି ପାଇଁ ଦାବୀ କରିଥିଲେ, ଏହି ଅବସର ରେ ଓଡିଶା ଅଭିଭାବକ ମହାସଂଘ ର ସଦାନନ୍ଦ ମହାପାତ୍ର, ବାସୁଦେବ ଦାଶ, ବାଲ୍ମିକୀ ଷଡ଼ଙ୍ଗୀ, କାଳୀ ଚରଣ ବୋଷ, ରଞ୍ଜିତ ଯାଦବ, ଜଟାଧାରୀ ପ୍ରଧାନ, ଖିତେଶ୍ୱର୍ କୁମ୍ଭାର, ଖିରୋଦ୍ର ପ୍ରଧାନ ଆଦି ଉପସ୍ଥିତି ଥିଲେ

## ଚୌଦ୍ୱାର ଥାନରେ ଜୁଭେଟିକା ସଚେତନତା କାର୍ଯ୍ୟକ୍ରମ

**ଚୌଦ୍ୱାର, ନ୍ୟୁଜ ବ୍ୟୁରୋ**




ଓଡ଼ିଶା ପୋଲିସ୍ ଏବଂ ୟୁନିସେଫ ସଂଗଠନର ମିଳିତ ଅନୁକୁଲ୍ୟରେ ଚୌଦ୍ୱାର ଥାନାରେ ଜୁଭେଟିକା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଚୌଦ୍ୱାର ଥାନା ଆଇଆଇସି ରଜନୀକାନ୍ତ ଦାସଙ୍କ ପୌରୋହିତ୍ୟରେ ଥାନାର ମହିଳା ଓ ଶିଶୁ ଡ଼େସ୍କ ଅଭ୍ୟର୍ଥନା ଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକ ଆଡ଼ିସନାଲ ଡିସିପି କ୍ଷୀରସାଗର ନାୟକ ଅତିଥି ଭାବେ ଯୋଗଦେଇ ଡିଜିଟାଲ ମାଧ୍ୟମ ଏବଂ ଇଣ୍ଟରନେଟର ଅପବ୍ୟବହାର, ଡିଜିଟାଲ ହାଇଜିନ୍, ଶିଶୁ ଶ୍ରମିକ, ବାଲ୍ୟ ବିବାହ, ଶିଶୁ ଅପରାଧ ସମ୍ପର୍କିତ ବିସୟବସ୍ତୁ ଉପରେ ଆଲୋଚନା କରି ଡିଜିଟାଲ ମାଧ୍ୟମର ସଠିକ୍ ବ୍ୟବହାର ସମ୍ପର୍କରେ ପରାମର୍ଶ ଦେଇଥିଲ । ଏଥି ସହିତ ବାଲ୍ୟବିବାହ, ଶିଶୁ ଶ୍ରମିକ ନିରୋଧ, ଶିଶୁ ଅପରାଧ ଜନୀତ ଆଇନ୍ ସମ୍ପର୍କରେ ଉପସ୍ଥିତ ମହିଳା, କିଶୋର ଓ କିଶୋରୀ ବାଳିକା ମାନଙ୍କୁ ସଚେତନ କରାଇଥିଲେ। ଅତିରିକ୍ତ ଥାନା ଅଧିକାରୀ ନିରଞ୍ଜନ ଭୋଇ ଓ ଏଏସ୍ଆଇ ସୁମିମଣୀ ହାସଦା ସଚେତନତା ବିସୟବସ୍ତୁ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ଅଞ୍ଚଳର ମହିଳା ଓ କିଶୋରୀମାନଙ୍କୁ ଆଇଆଇସି ଶ୍ରୀ ଦାସ ଥାନାର ବିଭିନ୍ନ ବିଭାଗ ବୁଲାଇ ଦେଖାଇବାସହିତ ବିଭାଗର କାର୍ଯ୍ୟାବଳୀ ସମ୍ପର୍କରେ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ସଂଖ୍ୟକ ମହିଳା, କିଶୋର ଓ କିଶୋରୀ ବାଳିକା ଅଂଶ ଗ୍ରହଣ କରିଥିଲେ ।

## ଜିଲ୍ଲା ଯୋଜନା କମିଟି ଅଧକ୍ଷ ଭାବେ ବିଧାୟକ ଅମରେନ୍ଦ୍ର ଦାସଙ୍କ ଦାୟିତ୍ୱ ଗ୍ରହଣ

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**



ରାଜ୍ୟ ସରକାରଙ୍କ ଯୋଜନା ଅନୁଯାୟୀ ଜଗତସିଂହପୁର ଜିଲ୍ଲା ଯୋଜନା କମିଟି ଅଧକ୍ଷ ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ପ୍ରାରମ୍ଭରେ ବିଧାୟକ ଶ୍ରୀ ଦାସ ଝଙ୍କଡ଼ ସ୍ଥିତ ମା ଶାରଳାଙ୍କ ମନ୍ଦିରରେ ପୂଜା ଅର୍ଚ୍ଚନା କରିବା ପରେ ଚାରିପୋଲିଆ ଛକ ଠାରୁ ୩ ହଜାରରୁ ଊର୍ଦ୍ଧ୍ୱ ମଟର ସାଇକେଲ, ସୁସଜ୍ଜିତ ଟ୍ରାକ୍ଟର ଏବଂ ହଜାର ହଜାର ସଂଖ୍ୟାରେ ବିଜେପି କର୍ମୀଙ୍କ ଗହଣରେ ଏକ ବିରାଟ ଶୋଭାଯାତ୍ରା ରେ ଜିଲ୍ଲାପାଳଙ୍କ ଅଫିସ ପ୍ରାଙ୍ଗଣରେ ପଂହଁଚି ଥିଲେ । ଏହି ଅବସରରେ ଗାନ୍ଧିଛକ ଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରୀ ଦାସ ତାଙ୍କର କର୍ମ କର୍ତ୍ତା ମାଲ୍ୟାର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ୫ ହଜାରରୁ ଉର୍ଦ୍ଧ୍ୱ କର୍ମୀମାନେ ଯୋଗଦେଇ ଥିଲେ । ପରେ ଅଫିସ ପ୍ରାଙ୍ଗଣରେ ଥିବା ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲା ଯୋଜନା କମିଟିର ଦାୟିତ୍ୱ ଗ୍ରହଣ କରିଥିଲେ । ଏହି ସମୟରେ ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଏହି ଶୋଭାଯାତ୍ରା ଖୁବ ଆକର୍ଷଣୀୟ ହେବା ସହ ରାସ୍ତା ଘାଟ ଚାରିଆଡେ ଲୋକାରଣ୍ୟ ହୋଇଥିବା ଦେଖିବାକୁ ମିଳିଥିଲା । ପ୍ରବଳ ଗ୍ରୀଷ୍ମ ପ୍ରଭାବ ସତ୍ତ୍ୱେ ଛକ ଛକରେ ବିଧାୟକଙ୍କୁ ରାସ୍ତା ପାଖରେ ମା ଭଉଣୀ ମାନେ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଶୋଭାଯାତ୍ରାରେ ପୂର୍ବତନ ଜିଲ୍ଲାପରିଷଦ ଅଧକ୍ଷ ଦେବୀଦତ୍ତ ମହାନ୍ତି, ପୂର୍ବତନ ବ୍ଲକ ଅଧକ୍ଷ ପ୍ରସନ୍ନ ସ୍ୱାଇଁ, ପୂର୍ବତନ ଉପାଧ୍ୟକ୍ଷ ତଥା ଜିଲ୍ଲା ବିଜେପି ଉପସଭାପତି ଲକ୍ଷ୍ମୀକାନ୍ତ ସ୍ୱାଇଁ, ବିଧାୟକଙ୍କ ନଗର ପ୍ରତିନିଧି ସୁଶାନ୍ତ ସ୍ୱାଇଁ, ବରିଷ୍ଠ ନେତା ଜଗନ୍ନାଥ ଦାସ, ବରିଷ୍ଠ ନେତା ପ୍ରଦୀପ୍ତ ସ୍ୱାଇଁ, ଶ୍ରୀକାନ୍ତ ଚୌଧୁରୀ, ଦେବୀ ପ୍ରସାଦ ସାହାଣୀ, ସୁଶାନ୍ତ ମଲ୍ଲିକ୍, ବିଦୁର ନାୟକ, ତାପସ ଦାସ, ପାରିଷଦ ଗୋଲାମ ଅଲ୍ଲୀ ଖାଁ, ଦେବାଶିଷ ସ୍ୱାଇଁ, ବିଜେପି ସମର୍ଥିତ ସମସ୍ତ ସରପଞ୍ଚ, ସମିତିସଭ୍ୟ, ସମେତ ପ୍ରତ୍ୟକ ମଣ୍ଡଳର ସଂଯୋଜକ, ପଞ୍ଚାୟତ ସଭାପତି ଅନ୍ୟାନ୍ୟ କର୍ମକର୍ତ୍ତା ଯୋଗଦେଇ ଥିଲେ ।

## ନଲ୍ଲାରାମା ଠାକୁରାଣୀଙ୍କ ବାର୍ଷିକ ଉତ୍ସବ

**ଚୌଦ୍ୱାର, ନ୍ୟୁଜ ବ୍ୟୁରୋ**



ତେଲୁଗୁ ସମ୍ପ୍ରଦାୟର ଆରାଧ୍ୟା ଦେବୀ ନଲ୍ଲାରାମା ଠାକୁରାଣୀଙ୍କ ବାର୍ଷିକୋତ୍ସବ ଓ ଯାତ୍ରା ଚୌଦ୍ୱାରରେ ଅନୁଷ୍ଠିତ ହୋଇ ଯାଇଛି । ଦୀର୍ଘ ୩ଦିନ ଧରି ଆୟୋଜିତ ଏହି ଉତ୍ସବରେ ଚୌଦ୍ୱାର ଅଞ୍ଚଳରେ ବସବାସ କରୁଥିବା ତେଲୁଗୁ ସମ୍ପ୍ରଦାୟର ମହିଳା, ଯୁବକ, ଯୁବତୀ,ପିଲା ଓ ବରିଷ୍ଠ ନାଗରିକ ମାନେ ରବିବାରଦିନ ହଳଦୀ ପାଣିଭର୍ତ୍ତି କଳସ ମୁଣ୍ଡାଇ ଓଟିଏମ୍ କଲୋନୀସ୍ଥିତ ତେଲୁଗୁ କ୍ଲବ୍ ପରିସରରୁ ବାହାରି ଶୋଭାଯାତ୍ରାରେ ଯାଇ ୧୨ ନମ୍ବର ୱାର୍ଡ଼ ଅନ୍ତର୍ଗତ ବାଟବୁଢ଼ୀ କଲୋନୀସ୍ଥିତ ମା' ବାଟବୁଢ଼ୀ ଠାକୁରାଣୀଙ୍କୁ ପବିତ୍ର ସ୍ନାନ କରାଇଥିଲେ । ପରେପରେ ମା'ଙ୍କର ପୂଜାର୍ଚ୍ଚନା ସହିତ ଘଟ ସ୍ଥାପନ କରାଯାଇ ଠାକୁରାଣୀଙ୍କୁ ଆବାହନ କରି ଶୋଭାଯାତ୍ରାରେ ନିଆଯାଇ ତେଲୁଗୁ କ୍ଲବ୍ ସ୍ଥିତ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା । ଏହି ଅବସରରେ ମା'ଙ୍କ ନିକଟରେ ଏକ ହଜାର ଆଠ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଉଦ୍ଯାପନୀ ଦିବସରେ ମା'ଙ୍କୁ ପୁଷ୍ପାଞ୍ଜଳି ଓ ପ୍ରସାଦ ପ୍ରଦାନ କରାଯାଇ ବାଜା, ରୋଷଣି, ବାଘ, କାଳୀ ଓ ଭାଲୁନୃତ୍ୟ ସହିତ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଅଞ୍ଚଳ ପରିକ୍ରମା କରାଯାଇ ବିଦାୟ ଦିଆ ଯାଇଥିଲା । ସମ୍ପ୍ରଦାୟର ଝିଅ ମାନଙ୍କଦ୍ୱାରା ପରିବେଷିତ ଦାଣ୍ଡିଆ ନୃତ୍ୟ ବେଶ ଅକର୍ଷଣୀୟ ହୋଇଥିଲା । ସ୍ଥାନୀୟ ବିଧାୟକ ସୌଭିକ୍ ବିଶ୍ୱାଳ, ପୌର ଉପାଧକ୍ଷ ଶୁଭେନ୍ଦୁ ସାମଲ, ଯୁବନେତା ବିଷ୍ଣୁ ଚରଣ ପରିଡ଼ା, କାଉନସିଲର ଦିଲ୍ଲିପ ସାହୁ, ସୁବ୍ରତ ସାମଲ, କଲ୍ୟାଣୀ ସାହୁ ପ୍ରମୁଖ ଉତ୍ସବରେ ଅତିଥି ଭାବେ ଯୋଗଦେଇଥିଲେ । ଏହି ଉତ୍ସବରେ କଟକ ଜିଲ୍ଲାର ବିଭିନ୍ନ ଅ□ଳରୁ ତେଲୁଗୁ ସମ୍ପ୍ରଦାୟର ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦେଇଥିଲେ ।

## ଖଣି ଚୋରି ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**



କେନ୍ଦ୍ରାପଡା ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ଅଧକ୍ଷତାରେ ଏକ ରାଜସ୍ୱ ସମୀକ୍ଷା ବୈଠକ ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ଜିଲ୍ଲା ଖଣି ଅଧିକାରୀ, ଜିଲ୍ଲା ଅବକାରୀ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ସମୀକ୍ଷାରେ ଅଂଶ ଗ୍ରହଣ କରିଥିଲେ। ଏହି ସମୀକ୍ଷା ବୈଠକରେ ଜିଲ୍ଲାକୁ ଦିଆଯାଇଥିବା ଧାର୍ଯ୍ୟଲକ୍ଷ୍ୟଠାରୁ ୪୧୨ ପ୍ରତିଶତ ରାଜସ୍ୱ ଅଧିକ ଆଦାୟ ହୋଇଥିବାରୁ ଉପଜିଲ୍ଲାପାଳ ଶ୍ରୀ ନାୟକ ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର ଓ ସୁପରଭାଇଜରମାନଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ବୈଠକରେ ଖଣିଚୋରୀକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଖଣି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାଲି ମାଟି ଇତ୍ୟାଦି ଚୋରା ଉଠାଇ ନେଉଥିବା ଗାଡି ଓ ମାଲିକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଉପଜିଲ୍ଲାପାଳ ଖଣି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ଚୋରା ମଦ, ଗଞ୍ଜେଇ ଓ ବ୍ରାଉନ୍ସୁଗାର ବିକ୍ରି ବଢୁଥିବାରୁ ଅବକାରୀ ଅଧିକ୍ଷକଙ୍କୁ ଚୋରା ବ୍ୟବସାୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ଏମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଆଲୋଚନା କରାଯାଇଛି। ଏଥିସହିତ ତହସିଲଦାରମାନଙ୍କୁ ବେ ବନ୍ଦୋବସ୍ତ, ବସୁନ୍ଧରା ଯୋଜନାରେ ପଟ୍ଟା ପ୍ରଦାନ ଆଦି ଉପରେ ଗୁରୁତ୍ୱ ଦେବାରୁ କୁହାଯାଇଛି।

## ତହସିଲ୍ସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ରାଜସ୍ୱ ସମ୍ବନ୍ଧୀୟ ଅଭିଯୋଗ ମାମଲା ଗୁଡିକର ଶୀଘ୍ର ସମାଧାନ ଏବଂ ଅଭିଯୋଗ ତ୍ୱରିତ ଶୁଣାଣୀ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ମେ ମାସରେ ବିଭିନ୍ନ ତହସିଲ୍ସ୍ତରୀୟ ଅଭିଯୋଗ ଶୁଣାଣୀ ଶିବିର ଆୟୋଜନ କରାଯାଇଛି। ଏହି ଶିବିରରେ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣ ଲୋକଙ୍କ ରାଜସ୍ୱ ସମ୍ବନ୍ଧୀୟ ଅଭିଯୋଗ ଗୁଡିକ ଶୁଣାଣୀ କରି ସେଗୁଡିକୁ ସମାଧାନ କରିବେ। ଆସନ୍ତା ୧୪ ତାରିଖ ପଟ୍ଟାମୁଣ୍ଡାଇ ତହସିଲ୍ରେ ଉପଜିଲ୍ଲାପାଳ ୧୫ ତାରିଖ ମାର୍ଶାଘାଇ ତହସିଲ୍ରେ ଜିଲ୍ଲାପାଳ, ୧୯ ତାରିଖରେ ମହାକାଳପଡା ତହସିଲ୍ରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ୨୦ ତାରିଖରେ ଡେରାବିଶ ତହସିଲ୍ରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ୨୯ ତାରିଖରେ କନିକା ତହସିଲ୍ରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଭିଯୋଗ ଶୁଣିବେ। ଏହି ଅଭିଯୋଗ ଶୁଣାଣି ଶିବିର ସକାଳ ୭ଟା ୩୦ ମିନିଟ୍ରୁ ଆରମ୍ଭ ହୋଇ ଦିନ ୧୦ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ରାଜସ୍ୱ ଅଭିଯୋଗ ଗୁଡିକ ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ସମସ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଜୟପୁର ପୌର ସଂସ୍ଥାର ସଫେଇ ଟେଣ୍ଡରେ ଅନିୟମିତତା ଅଭିଯୋଗର ତଦନ୍ତ

**ଜୟପୁର,ନ୍ୟୁଜ ବ୍ୟୁରୋ**

କୋରାପୁଟ ଜିଲ୍ଲା ଜୟପୁର ପୌରସଂସ୍ଥାର ସଫେଇ କାର୍ଯ୍ୟ ପାଇଁ ଟେଣ୍ଡର ଲଟେରୀ ଉଠାଣ ପ୍ରକ୍ରିୟାରେ ବ୍ୟାପକ ଅନିୟମତା ହୋଇଥିବା ନେଇ ଅଭିଯୋଗ କ୍ରମେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆଜି ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥା(ଡୁଡା)ର ପ୍ରକଳ୍ପ ନିର୍ଦ୍ଦେଶକ (ପି.ଡି)ଜୟପୁର ପୌରସଂସ୍ଥା କାର୍ଯ୍ୟାଳୟ ଠାରେ ପହଂଚି ତଦନ୍ତ କରିଛନ୍ତି । ପୂର୍ବାହ୍ନରେ ୧୧ ଟା ସମୟରେ ଡୁଡାର ପିଡି ତପନ କୁମାର ନାୟକ କାର୍ଯ୍ୟାଳୟ ଠାରେ ପହଂଚି ପ୍ରାୟ ୩ ଘଂଟା ସମୟ ପର୍ଯ୍ୟନ୍ତ ପୌର ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ଚାମ୍ବର ବସି ଟେଣ୍ଡର ପ୍ରକ୍ରିୟାର କାଗଜପତ୍ର ଯାଂଚ କରିଥିଲେ । ଏହିପରି ଅନ୍ତିମ ପର୍ଯ୍ୟାୟରେ ଯୋଗ୍ୟତା ହାସଲ କରିଥିବା ୩ଟି ଠିକାସଂସ୍ଥାର ପ୍ରତିନିଧିଙ୍କ ଉପସ୍ଥିତିରେ ବିବାଦିୟ ଲଟେରୀ ପ୍ରକ୍ରିୟାର ମଧ୍ୟ ଭିଡିଓ ଓ ସିସି ଟିଭି ଯାଂଚ କରିଥିଲେ । ପି.ଡି ଶ୍ରୀ ନାୟକ ଏହି ଟେଣ୍ଡର ପ୍ରକ୍ରିୟାର ବିଭିନ୍ନ ପର୍ଯ୍ୟାୟରେ ଦାଖଲ ଟେଣ୍ଡର ପେପର ଯାଂଚ ବେଳେ ବୈଷୟିକ ବିଶେଷଜ୍ଞ ଭାବେ ଟେଣ୍ଡର କମିଟିର ସଦସ୍ୟ ତଥା ପୌରଯନ୍ତ୍ରୀ, ଆର୍ଥିକ ବିଶେଷଜ୍ଞ ଭାବେ ଏକାଉଂଟାଂଟ ଏବଂ ଅଡିଟରଙ୍କୁ ମଧ୍ୟ ପଚରାଉଚରା କରିଥିଲେ । ସମସ୍ତ ଘଟଣାର ପ୍ରମାଣ ସହିତ ଏକ ବିସ୍ତୃତ ରିପୋର୍ଟ କରାଯାଇ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଡୁଡା (ପି.ଡି) ଶ୍ରୀ ନାୟକ ପ୍ରକାଶ କରିଛନ୍ତି। କିନ୍ତୁ ଏହି ଅବସରରେ ଭାରପ୍ରାପ୍ତ ପୌର ନିର୍ବାହୀ ଅଧିକାରୀ ଛୁଟିରେ ରହିଥିବା ଯୋଗୁଁ ଅନୁପସ୍ଥିତ ରହିଥିଲେ ଏବଂ ଟେଣ୍ଡର କମିଟିର ଅଧକ୍ଷ ତଥା ପୌରାଧକ୍ଷ ନରେନ୍ଦ୍ର ମହାନ୍ତି ପୌରକାର୍ଯ୍ୟାଳୟର ନିଜସ୍ୱ କକ୍ଷରେ ଉପସ୍ଥିତ ରହିଥିଲେ । ସୂଚନା ଯୋଗ୍ୟ, ଜୟପୁର ପୌରସଂସ୍ଥାର ଆସନ୍ତା ବର୍ଷ ସହରର ସଫେଇ ଟେଣ୍ଡର ଆହ୍ୱାନ କରାଯାଇଥିଲା । ଏହିପରି ସମୁଦାୟ ୧୦ ଜଣ ଅନଲାଇନ ଟେଣ୍ଡର ପ୍ରକ୍ରିୟାର ସାମିଲ ହୋଇଥିଲେ । ସେଥିମଧ୍ୟରୁ ୯ଜଣ ଯୋଗ୍ୟତା ହାସଲ କରିଥିଲେ । ପୌରସଂସ୍ଥାର ଟେଣ୍ଡର ନିୟମ ଏବଂ ବୈଷୟିକ ଯାଂଚ ବେଳେ ମାତ୍ର ୫ଜଣ ଯୋଗ୍ୟତା ହାସଲ କରିଥିଲେ । ଏହାପରେ ଆର୍ଥିକି ଯାଂଚ ବେଳେ ମାତ୍ର ୩ଜଣ ଅନ୍ତିମ ପର୍ଯ୍ୟାୟ ଏବଂ ସମାନ ଟଙ୍କାରେ ଟେଣ୍ଡର ଦାଖଲ କରିଥିବା ଯୋଗୁଁ ଲଟେରୀ ମାଧ୍ୟମରେ କମିଟିର ଅଧକ୍ଷ ଓ ଅଧିକାଂଶ ସଦସ୍ୟ ଉପସ୍ଥିତିରେ ଉଠାଣ କରାଯାଇଥିଲା। କିନ୍ତୁ ୩ଟି ଲିଖିତ ଚିଟ୍ କୁ ନେଇ ଲଟେରୀ ସମୟରେ ଗୋଟିଏ ଚିଟ୍ ଟେବୁଲ ତଳକୁ ଖସିପଡିଥିଲା । ଏହାକୁ ଉଠାଯାଇ ପୁଣି ଲଟେରୀ କରାଯାଇଥିଲା । ଗୋଟିଏ ଚିଟ୍କୁ ଉଠାଯାଇଥିଲା ଏହା ଚନ୍ଦନ ସିକ୍ୟୁରିଟି ନାମକ ଭାଗ ନେଇଥିବା ଠିକାସଂସ୍ଥାର ନାମରେ ବାହାରିଥିଲା। କିନ୍ତୁ ଉକ୍ତ ତଳେ ପଡିଥିବା ଚିଟକୁ ଉଠାଣ ବେଳେ ମୋଡି ଦିଆଯାଇଥିବା ଅଭିଯୋଗ ନେଇ ଏହି ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇ ପିଏମଆପ କନ୍ସ୍ୟୁଉମ ନାମକ ସଂସ୍ଥାର ପ୍ରତିନିଧି ବିରୋଧ କରିବା ସହିତ ବ୍ୟାପକ ଅନିୟମତା ହୋଇଥିବା ନେଇ ଅଭିଯୋଗ କରିଥିଲେ। ଏହିପରି ଲଟେରୀ ପ୍ରକ୍ରିୟା ବିବାଦିୟ ହୋଇଥିବା ଦର୍ଶାଇଥିଲେ , ଏହାପରେ ପୌରସଂସ୍ଥା ପକ୍ଷରୁ କିଛି ସମୟ ପରେ ଆଲୋଚନା କରାଯାଇ ପୁଣି ସମସ୍ତ ୩ଜଣ ଭାଗ ନେଇଥିବା ଠିକାସଂସ୍ଥାର ଲଟେରୀ ପ୍ରକ୍ରିୟାର ମତାମତ ଅନୁଯାୟୀ ପୁଣି ଲଟେରୀ କରାଯାଇଥିଲା। ଦ୍ୱିତୀୟ ପର ?ୟ୍ୟାୟ ଲଟେରୀରେ ଅଭିଯୋଗ କରିଥିବା ପିଏମଆର ନାମକ ଠିକାସଂସ୍ଥାର ଉଠାଣ ଚିଟରେ ନାମ ବାହାରିଥିଲା । କିନ୍ତୁ ପୁଣି ଦ୍ୱିତୀୟ ଥର ଲଟେରୀ ପ୍ରକ୍ରିୟାକୁ ଭାଗ ନେଇଥିବା ଅନ୍ୟ ଦୁଇଟି ଠିକାଦାରୀ ସଂସ୍ଥାର ପ୍ରତିନିଧି ମାନେ ବିରୋଧ କରିଥିଲେ । ଫଳରେ ଲଟେରୀ ପ୍ରକ୍ରିୟା ବିବାଦିୟ ହୋଇପଡିଥିବା ଯୋଗୁଁ ପରବର୍ତ୍ତୀ ନିଷ୍ପତି ଗ୍ରହଣ କରାଯିବା କହି ପୌରସଂସ୍ଥା କର୍ତ୍ତୃପକ୍ଷ ଏହାକୁ ସ୍ଥଗିତ ରଖିଥିଲେ । ଏଥିନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା। ସେହିପରି ପୌରସଂସ୍ଥାର ୪ଜଣ କାଉନସିଲର ସଫେଇ ଟେଣ୍ଡର ପ୍ରକ୍ରିୟାରେ ବ୍ୟାପକ ଅନିୟମତା ହୋଇଥିବା ସହିତ ଏହାର ଯାଂଚ କରିବାକୁ ଗତ ସୋମବାର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ । ଏଥିନେଇ ଜିଲ୍ଲାପାଳ ମନୋଜ ସତ୍ୟ ୱାନ ମହାଜନ ତଦନ୍ତ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । ଜିଲ୍ଲାପାଳ ଶେଷରେ ଡୁଡାର ପି.ଡିଙ୍କୁ ଏହାର ତଦନ୍ତ ଦାୟୀତ୍ୱ ଦେବା ସହିତ ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଆଜିର ପ୍ରଶାସନ ପକ୍ଷରୁ ଜୟପୁର ପୌରସଂସ୍ଥାର ସଫେଇ ଟେଣ୍ଡର ଅନିୟମତା ଅଭିଯୋଗର ଯାଂଚକୁ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ସ୍ୱାଗତ କରିଛନ୍ତି । ଏଥିରେ କୌଣସି ଅନିୟମତା ହୋଇଥିବା ତଦନ୍ତରେ ଜଣାପଡିବା ସେଥିପାଇଁ ଯେ କୌଣସି ବ୍ୟକ୍ତି କିମ୍ବା ପଦାଧିକାରୀ ସଂଶ୍ଳିଷ୍ଟ ରହିଥିବେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରିବେ ବୋଲି କହିଛନ୍ତି । ସେହିପରି ପୌରସଂସ୍ଥାର କିଛି କାଉନସିଲର ମାନେ କାଉନସିଲ ବୈଠକରେ ଗ୍ରହଣ କରାଯାଇଥିବା ପ୍ରସ୍ତାବ ଗୁଡିକରେ ବୈଠକରେ ରାଜି ହେଉଥିଲେ ସୁଦ୍ଧା ପରବର୍ତ୍ତୀ ମୁହୁର୍ତରେ କିଛି ଜାଣିନଥିବା ନେଇ ଗଣମାଧ୍ୟମରେ ପ୍ରକାଶ କରିବା ଦୁର୍ଭାଗ୍ୟର ବିଷୟ ବୋଲି କହିଛନ୍ତି ।

## ଭିନ୍ନକ୍ଷମ ଅଧିକାର ଆଇନ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ସଂସ୍କୃତି ଭବନ ଠାରେ ଭିନ୍ନକ୍ଷମ ଅଧିକାର ଆଇନ, ୨୦୧୬ ଉପରେ ଏକ ସଚେତନତା ଶିବିର ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଦ୍ୱାରା ଜିଲ୍ଲାପାଳ ଡ଼. ନୃପରାଜ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ହୋଇଥିଲା। ଏହି ଶିବିରରେ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ଶ୍ରୀମତୀ ବ୍ରତତୀ ହରିଚନ୍ଦନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ବଳ ବ୍ୟକ୍ତିତ୍ୱ ଆଁ. କେ. ଶର୍ମା ଆଇନ ସମ୍ପର୍କରେ ଉପସ୍ଥିତ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଭିନ୍ନକ୍ଷମ ବ୍ୟକ୍ତିବିଶେଷଙ୍କୁ ଅବଗତ କରାଇବା ସହ ଏହାକୁ କିପରି ଲାଗୁ କରାଯିବ, ସେ ବିଷୟରେ ଆଲୋଚନା କରାଯାଇଥିଲା। ଓଡ଼ିଶା ସରକାର ଏହି ନିୟମକୁ ୨୦୧୮ ମସିହାରେ ଲାଗୁ କରିଥିଲେ। ଶିବିରରେ ସଚେତନ କରାଯାଇଥିଲା ଯେ ୨୧ ପ୍ରକାରର ଭିନ୍ନକ୍ଷମତା ଅଛି। ତନ୍ମଧ୍ୟରୁ ୧୪ ପ୍ରକାରର ଭିନ୍ନକ୍ଷମତା ରୋଜଗାର ଓ ଚାକିରୀରେ ଆରକ୍ଷଣ ରହିଛି। ଶତକଡା ୪ ଭାଗ ଚାକିରୀରେ ଆରକ୍ଷଣ ପାଇଁ ରଖାଯାଇଛି। ଏହାଛଡା ପ୍ରତି ଘଣ୍ଟାରେ ୨୦ ମିନିଟ ଅତିରିକ୍ତ ସମୟ ପରୀକ୍ଷାରେ ପ୍ରଶ୍ନର ଉତ୍ତର ଦେବା ପାଇଁ ମିଳିଥାଏ। ଭିନ୍ନକ୍ଷମମାନଙ୍କୁ ନେଇ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କଲେ ୫ ଜଣରେ ଏକ ଗୋଷ୍ଠୀ ଗଠିତ ହେବ। କୌଣସି ଚାକିରୀ ପାଇଁ ଆବେଦନ କଲେ ବୟସ ସୀମାରେ ୧୦ ବର୍ଷ ପର୍ଯ୍ୟନ୍ତ କୋହଳ ରହିଛି। ଏତଦ୍ବ୍ୟତୀତ କୌଣସି ବ୍ୟକ୍ତି ବିଶେଷ ଯଦି ଭିନ୍ନକ୍ଷମ ଆଇନର ଉଲ୍ଲଂଘନ କରନ୍ତି, ତାଙ୍କୁ ଅତିକମରେ ୬ ମାସର ଜେଲ ଦଣ୍ଡ ସହ ୧୦ ହଜାର ଟଙ୍କାର ଆର୍ଥିକ ଜରିମାନା ଦେବାକୁ ପଡିବ। ଜିଲ୍ଲାରେ ଏକ ଭିନ୍ନକ୍ଷମ ଅଧିକାର ସମିତି ବୈଠକ ପ୍ରତି ୧-୩ ମାସରେ ଥରେ ବସିବା ଆବଶ୍ୟକ ବୋଲି ଶିବିରରେ ପ୍ରକାଶ ପାଇଥିଲା। ଏହି ସମିତି ବୈଠକରେ ଭିନ୍ନକ୍ଷମମାନେ ନିଜ ନିଜର ଅସୁବିଧା ଜଣାଇ ପାରିବେ। ଶିବିରରେ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ନିଜ ନିଜର କାର୍ଯ୍ୟାଳୟକୁ କିପରି ଭିନ୍ନକ୍ଷମମାନେ ସହଜରେ ପହଞ୍ଚି ପାରିବେ ସେଥିପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିଲା। ଏହି ଶିବିରରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀମତୀ ଅଞ୍ଜୋଲୀନା ପ୍ରଧାନ, ଉପଜିଲ୍ଲାପାଳ ସୋନପୁର ଡ଼. ସୌମ୍ୟରୂପା ରଥ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀମତୀ ଉଷାରାଣୀ ଦାସ, ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତଙ୍କ ଓଏସଡି ଦେବୀ ପ୍ରସାଦ ବାରିକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ସଡ଼ଙ୍ଗୀ, ସାଂକେତିକ ଭାଷା ଅନୁବାଦକ ଦେବାଶିଷ ପଣ୍ଡା ସହ ବିଭିନ୍ନ ବିଭାଗର ଅଧିକାରୀ ଏବଂ ଭିନ୍ନକ୍ଷମ ସଶକ୍ତିକରଣ ସମ୍ପର୍କିତ ବିଭିନ୍ନ ଏନଜିଓର ପ୍ରତିନିଧି ଉପସ୍ଥିତ ଥିଲେ। ଏହି ଶିବିରକୁ ତରଭା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ପ୍ରଭାସ କୁମାର କର୍ଣ୍ଣ ପରିଚାଳନା କରିଥିଲେ। ପରିଶେଷରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଆଞ୍ଜୁଲତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଅଣୁ ଅସ୍ତ୍ର ରଖିଥିବା ଦେଶ

ୟୁରାନିୟମ ହେଉଛି ଏକ ଭାରୀ ଧାତୁ ଯାହାକୁ ଆଣବିକ ରିଆକ୍ଟର ଏବଂ ଅସ୍ତ୍ରଶସ୍ତ୍ରରେ ଇନ୍ଧନ ଭାବେ ବ୍ୟବହାର କରାଯାଏ । ପ୍ରାକୃତିକ ଭାବେ ଏହା ରେଡିଓଆକ୍ଟିଭ୍ ହୋଇଥାଏ ଏବଂ ସାଧାରଣତଃ ପାହାଡ଼ ଓ ମାଟି ସମେତ ସାମୁଦ୍ରିକ ଜଳରେ ବି ସ୍ୱଳ୍ପ ମାତ୍ରାରେ ମିଳିଥାଏ । ବିଶ୍ୱର ପ୍ରାୟ ୯୦% ୟୁରାନିୟମ କେବଳ ୫ଟି ଦେଶରେ ଉତ୍ପନ୍ନ ହୋଇଥାଏ ଯଥା କାଜାଖସ୍ତାନ, କାନାଡା, ନାମିଆ, ଅଷ୍ଟ୍ରେଲିଆ ଏବଂ ଉଜବେକିସ୍ତାନ । ଅନ୍ୟ କେତେକ ଦେଶରେ ବି ୟୁରାନିୟମର ଭଣ୍ଡାର ମିଳିଥିବା କୁହାଯାଉଛି । ୟୁରାନିୟମକୁ ସାଧାରଣତଃ ଭୂମି ଖୋଳି ବାହାର କରାଯାଏ କିମ୍ବା ରାସାୟନିକ ପ୍ରକ୍ରିୟା ଜରିଆରେ ସୃଷ୍ଟି କରାଯାଇଥାଏ, ସେଉଠିରେ ପାହାଡ଼ ଭିତରୁ ୟୁରାନିୟମକୁ ତରଳାଇ ପୃଥକ କରାଯାଏ । ନ୍ୟୁକ୍ଲିୟର ଏନର୍ଜି ଏଜେନ୍ସି ରିପୋର୍ଟ ଅନୁସାରେ, ୟୁରାନିୟମ ଭଣ୍ଡାରରେ ଅଷ୍ଟ୍ରେଲିଆ ଶୀର୍ଷ ସ୍ଥାନରେ ରହିଛି । ଏହା ପାଖରେ ୩୬ ଲକ୍ଷ ଟନ୍ ୟୁରାନିୟମ ରହିଛି । ଏହା ପଛକୁ ଦ୍ୱିତୀୟ ସ୍ଥାନରେ ଥିବା କାଜାଖସ୍ତାନ ପାଖରେ ୨୯ ଲକ୍ଷ ଟନ, କାନାଡାରେ ୧୭ ଲକ୍ଷ ଟନ, ରୁଷରେ ୧୨ ଲକ୍ଷ ଟନ, ନାମିଆରେ ୧୦ ଲକ୍ଷ ଟନ, ଦକ୍ଷିଣ ଆଫ୍ରିକାରେ ୯.୯୪ ଲକ୍ଷ ଟନ, ବ୍ରାଜିଲରେ ୯.୨୧ ଲକ୍ଷ ଟନ, ନାଇଜରରେ ୭.୯୪ ଲକ୍ଷ ଟନ, ଚୀନରେ ୬.୭୪ ଲକ୍ଷ ଟନ୍ ଏବଂ ଉଜବେକିସ୍ତାନରେ ୩.୬୭ ଲକ୍ଷ ଟନ ୟୁରାନିୟମ ରହିଛି । ପଥର, ମୃତ୍ତିକା ଏବଂ ସମୁଦ୍ର ଜଳରେ ଏହା ରହିଥାଏ । ଫେଡେରେସନ ଅଫ୍ ଆମେରିକାନ ସାଇଣ୍ଟିଷ୍ଟସର ରିପୋର୍ଟ ମୁତାବକ, ୯ଟି ଦେଶ ପାଖରେ ମୋଟ ପ୍ରାୟ ୧୨,୧୮୭ ପରମାଣୁ ବୋମା ରହିଛି । ସେଥିମଧ୍ୟରେ ଦୁଇ ତୃତୀୟାଂଶ ଦୁଇଟି ଦେଶ ପାଖରେ ମହଜୁଦ ଅଛି । ରୁଷ ପାଖରେ ସର୍ବାଧିକ ୪,୪୦୦ ଅଣୁ ଅସ୍ତ୍ର ରହିଛି । ଦ୍ୱିତୀୟ ସ୍ଥାନରେ ଥିବା ଆମେରିକା ପାଖରେ ୩,୭୦୦ଟି ଅଛି । ୩,୯୧୨ଟି ଅଣୁ ଅସ୍ତ୍ର ବର୍ତ୍ତମାନ ମିସାଇଲ କିମ୍ବା ବୋମାବର୍ଷୀ ଘାଟିରେ ମୁତୟନ ଅବସ୍ଥାରେ ରହିଛି । ଏଥିରୁ ପ୍ରାୟ ୨,୧୦୦ ବୋମା ରୁଷ, ଆମେରିକା, ବ୍ରିଟେନ ଏବଂ ଫ୍ରାନ୍ସର ହାଇଆଲର୍ଟରେ ରହିଛି, ଯାହାକୁ ବହୁତ ସ୍ୱଳ୍ପ ସମୟ ମଧ୍ୟରେ ବ୍ୟବହାର କରାଯାଇ ପାରିବ । ରିପୋର୍ଟ ଅନୁସାରେ, ରୁଷ ଏବଂ ଆମେରିକା ହଜାର ହଜାର ୱାରହେଡ଼ ଅଚଳ କରିଦେଇଥିବା ବେଳେ ଚୀନ ଭଳି ଅନେକ ଦେଶ ସେମାନଙ୍କ ଅଣୁ ଅସ୍ତ୍ର ଭଣ୍ଡାର ବୃଦ୍ଧି କରିଚାଲିଛନ୍ତି । ଏକମାତ୍ର ଦେଶ ଭାବେ ଦକ୍ଷିଣ ଆଫ୍ରିକା ସ୍ୱେଚ୍ଛାକୃତ ଭାବେ ପରମାଣୁ ଅସ୍ତ୍ର ଛାଡ଼ି ଦେଇଛି । ୧୯୮୯ରେ ଦକ୍ଷିଣ ଆଫ୍ରିକା ସରକାର ନିଜ ପରମାଣୁ ଅସ୍ତ୍ର କାର୍ଯ୍ୟକ୍ରମ ରୋକିଥିଲେ ଏବଂ ପରବର୍ତ୍ତୀ ବର୍ଷ ହିଁ ନିଜର ୬ଟି ଅଣୁ ଅସ୍ତ୍ରକୁ ନଷ୍ଟ ପ୍ରକ୍ରିୟା ଆରମ୍ଭ କରିଥିଲେ । କୁହାଯାଉଛି ଯେ ଇସ୍ରାଏଲ ପାଖରେ ଅତିକମରେ ୯୦ ଅଣୁ ଅସ୍ତ୍ର ରହିଛି । ତେବେ ଇସ୍ରାଏଲ ପରମାଣୁ ରଖିଥିବା କଥା ସ୍ୱୀକାର କରିନାହିଁ କିମ୍ବା ମନା କରିନାହିଁ । ରୁଷ ଓ ଆମେରିକା ପଛକୁ ତୃତୀୟ ସ୍ଥାନରେ ଥିବା ଚୀନ ପାଖରେ ୬୨୦ ଅଣୁ ଅସ୍ତ୍ର ରହିଛି । ଫ୍ରାନ୍ସରେ ୩୭୦, ବ୍ରିଟେନରେ ୨୨୫, ଭାରତରେ ୧୯୦, ପାକିସ୍ତାନରେ ୧୭୦, ଇସ୍ରାଏଲରେ ୯୦ ଓ ଉତ୍ତର କୋରିଆରେ ୭୦ଟି ରହିଛି ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

ପାଠକେ ଭିତରକୁ ନିଅ, ସନାତନ ଧର୍ମର ନୀତି, ନିୟମ, ଆଦର୍ଶ କେବଳ ଜୀବଜଗତ ପାଇଁ, ସେଥିରେ ଛୁଆଁ ଅଛୁଆଁ ପ୍ରଶ୍ନ କେଉଁଠି ଅଛି । ତେଣୁ ସନାତନ ଧର୍ମ କହେ ମାଛ ଖାଅ କି ମାଂସ ଖାଅ ସବୁତ ଖାଦ୍ୟ, କିନ୍ତୁ ଆମିଷ ଖାଅନାହିଁ । ଏହାର ତାତ୍ପର୍ଯ୍ୟ ହେଉଛି, କାମ, କ୍ରୋଧ, ଲୋଭ, ମୋହ ମଦ, ମାତ୍ସର୍ଯ୍ୟ ଏହି ଷଡ ଅଇରୀ ହେଲେ ଆମିଷ, ତୁମେ ପ୍ରଥମେ ଏହାକୁ ତୁମ ଭିତରୁ ଦୂରେଇଛତ ? ଆଉ ଦ୍ୱିତୀୟ କଥା ହେଲା ହାଡ଼ି, ପାଣକୁ ଛୁଅଁ ନାହିଁ, ଆରେ ସେତ ମନୁଷ୍ୟ ଶ୍ରେଷ୍ଠ ପ୍ରାଣୀ ତାକୁ କିପରି ତୁମେ ଘୃଣା ଚକ୍ଷୁରେ ଦେଖୁଛ ଅଛୁଁଆ ପ୍ରକୃତରେ ହେଉଛି ତୁମର ଅଂହଙ୍କାର, ଗର୍ବ, କ୍ରୋଧ ଏହି ତିନି ଦ୍ରବ୍ୟ ଯାହା ପାଖରେ ଅଛି ସେହିଁ ପ୍ରକୃତରେ ଅଛୁଁଆ, ତାକୁ ତୁମେ ଛୁଅଁନାହିଁ । ସାବଧାନ ନଚେତ ଠକି ଯିବଟି । ହରିଓଁ ।

### ପୁନର୍ଜନ୍ମ

"ପିତ୍ୱା ପିତ୍ୱା ପୁନଃ ପିତ୍ୱା
ପତିତଂ ଭୂମି ମଣ୍ଡଳେ
ଉଥାୟଚ ପୁନ୍ନ ପିତ୍ୱା
ପୁନର୍ଜନ୍ମ ନି ବିଦ୍ୟତେ''

ହେ ଭକ୍ତ ଭଗବାନଙ୍କୁ ନିଜର କରି ତାଙ୍କରି ନାମରସକୁ ବାରମ୍ବାର ପାନକରି ଚାଲ । ଶୋଇବା ପର୍ଯ୍ୟନ୍ତ, ଶୋଇ କରି ଉଠିଲା ପରେବି ପୁନଶ୍ଚ ସେହି ନାମ ମହାମନ୍ତ୍ର ଜପିଚାଲ । ଦେଖିବୁତୁ ଆଉ ତୁ ହୋଇ ନଥିବୁ । ସେହି ଏକାକାର ବ୍ରହ୍ମ ବା ଏକାକ୍ଷର ବ୍ରହ୍ମ, ପାଲଟି ଯାଇଥିବୁ । ଏଥିରେ ତିଳେ ହେଲେ ସନ୍ଦେହ ନାହିଁ । ଲୋକ ଖୋଜୁଛନ୍ତି ଏକାକ୍ଷର ଏକାକ୍ଷର ମନ୍ତ୍ର ଏ କଣ, କେଉଁଠୁ ମିଳିବ, କାହାପାଖରୁ ମିଳିବ, ଆରେ ସବୁ ସେଇ ଏକ ଜଗନ୍ନାଥ । ସେହି ଏକାକ୍ଷର, ଅଣାକ୍ଷର ତାଙ୍କୁ ହିଁ ପୂଜ, ତାଙ୍କୁ ହିଁ ଭକ୍ତି କର,ତାଙ୍କୁ ହିଁ ଲୟ କର । ତାଙ୍କରି ଠାରେ ଭାବ ପ୍ରେମ ଲଗାଇ ଦିଅ । ଦେଖିବ ସବୁ ଠିକ କିଛି ଭୁଲ ନାହିଁ । ହରିଓଁ ।

### ଜୀବ ଓ ବ୍ରହ୍ମ

"ଜୀବ ଭୋଜନରେ ସନ୍ତୁଷ୍ଟ
ବ୍ରହ୍ମ ଭଜନରେ ସନ୍ତୁଷ୍ଟ''

ଜୀବ ଜଗତ ଜଗନ୍ନାଥ, ଜଗନ୍ନାଥଙ୍କ ସୃଷ୍ଟିରେ ଯେତେ ଜୀବ ଅଛନ୍ତି ସମସ୍ତେ ଭୋଜନ ପ୍ରିୟ, କିନ୍ତୁ ସେହି ଭୋଜନର ଅର୍ଥ କଣ ଭୋକ-ଦୁଇ ପ୍ରକାର, ଏକ ଭଗବାନଙ୍କ ନାମଙ୍କୁ ସ୍ମରଣ କୀର୍ତ୍ତନ, ଭଜନ କରିବାକୁ ପରମାର୍ଥିକ ଭୋକ କୁହାଯାଏ । କିନ୍ତୁ ଦ୍ୱିତୀୟ ଭୋକ ଆପେ ଖାଇବା ଆପେ ବଞ୍ଚିବା । ଏହି ଦୁଇଟିରୁ ଯେ ପ୍ରଥମ କଥାଟିକୁ ମାନି କର୍ମ କରେ ସେ ହିଁ ବ୍ରହ୍ମାନନ୍ଦରେ ଲୀନ ହୁଏ । ଅନ୍ୟଥା ବୃଥା ତେଣୁ ରାମ, କୃଷ୍ଣ, ନାରାୟଣ ଭଜନ କଲେ ନିଶ୍ଚୟ ଶାନ୍ତି ମୁକ୍ତିର ପଥ ଦେଖାଦେବ । ଏହା ହିଁ ଶିବ, ତତ୍ତ୍ୱ, ଆଉ ଜୀବତତ୍ତ୍ୱ ହେଲେ ଭୋଜନ, ପଶୁ ପ୍ରକୃତି । ସେଥିରୁ ଯେତେ ବିରତ ରହିବ ସେତେଭଲ । କଥାରେ ଅଛି -

"ଜଳ ପବନ ଲାଗି ଦେହ
ଏଥୁ ଅଧିକ ଥିଲେ କହ'' । ହରିଓଁ । (କ୍ରମଶଃ...)

◆◆

# ପଞ୍ଚସଖା - ଯୁଗର ଆଧ୍ୟାତ୍ମିକ ପୃଷ୍ଠଭୂମି: ଜଗନ୍ନାଥ ଦାସଙ୍କ ଭାଗବତ-୩

## (ପୂର୍ବ ପ୍ରକାଶନ ଉତ୍ତାରୁ)



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ଜଗନ୍ନାଥ ଦାସଙ୍କ ଅନ୍ତିମ ଜୀବନ ପୁରୀ ଶ୍ରୀକ୍ଷେତ୍ରରେ ଅତିବାହିତ । ପୁରୁଷୋତ୍ତମ କ୍ଷେତ୍ର ନିତ୍ୟ ବୃନ୍ଦାବନ, ଭାର୍ଗବୀ ନଦୀ ଯମୁନା, ଗୁଣ୍ଡିଚାଘରର ଦକ୍ଷିଣାଞ୍ଚଳ ଗୋପ, ମଥୁରା; ବଳଗଣ୍ଡି ଅଯୋଧ୍ୟା, ଦ୍ୱାରକା; ନରେନ୍ଦ୍ର ସରୋବର ରତ୍ନକୁଣ୍ଡ, ଶ୍ୱେତଗଙ୍ଗା ଅଷ୍ଟସାଧ ପ୍ରବାହିନୀ ଗଙ୍ଗାର ଏକମଧାରା - ଏପରି ଜଗନ୍ନାଥ ବିବେଚନା କରୁଥିଲେ । ଶ୍ରୀକ୍ଷେତ୍ର ପୁରୀ, ୭୦ ବର୍ଷ ବୟସରେ ତାଙ୍କର ଇହଲୀଳା ସମ୍ବରଣ (୧୫୫୭) । ଶ୍ରୀଚୈତନ୍ୟଙ୍କ ମହାପ୍ରୟାଣର ସାତବର୍ଷ ପରେ ଜଗନ୍ନାଥଙ୍କର ମହାଯାତ୍ରା । ଅତିବଡ଼ୀ ରୂପେ ନୁହେଁ, ନୈସର୍ଗିକ କବିତ୍ୱର ମହାଯାତ୍ରା । ଜଗନ୍ନାଥ ଦାସ, ପ୍ରତିଟି ଓଡ଼ିଆ ପ୍ରାଣରେ ସେ ସୁପ୍ରତିଷ୍ଠିତ । ସଂସ୍କୃତ, ଓଡ଼ିଆ - ଉଭୟ ଭାଷାରେ ସେ ବହୁ ପୁସ୍ତକର ରଚୟିତା । ସଂସ୍କୃତ ଭାଷାରେ ତାଙ୍କର ସାରସ୍ୱତ ସୃଷ୍ଟି : କୃଷ୍ଣଭକ୍ତ କଳ୍ପଲତା, ନିତ୍ୟ ଗୁପ୍ତଲୀଳା, ଉପାସନା ଶତକ, ପ୍ରେମ ସୁଧାନିଧି, ନିତ୍ୟାଚାର, ନୀଳାଦ୍ରି ଶତକମ୍, ଜଗନ୍ନାଥ ଚରିତାମ୍ଭୋଧି ସରଣୀ ପ୍ରଭୃତି ।

ଓଡ଼ିଆ ଭାଷାରେ ତାଙ୍କର ଅମ୍ଳାନ କୃତି : ଭାଗବତ, ଦୀକ୍ଷା ସମ୍ବାଦ, ବୋଲେ ହୁଁ ଗୀତା, ଗୁପ୍ତ ଭାଗବତ, ଦାରୁବ୍ରହ୍ମଗୀତା, ଗଜସ୍ତୁତି, ଅର୍ଥକୋଇଲି, ମୃଗୁଣୀ ସ୍ତୁତି, ତୁଳାଭିଣା, ଇତିହାସ ପୁରାଣ, ପାଷଣ୍ଡ ଦଳନ, ମହାଭାରତ, ମନଶିକ୍ଷା ପ୍ରଭୃତି । ଏତଦ୍‌ବ୍ୟତୀତ ଗୁଣ୍ଡିଚା ବିଜେ, ଶୈବରାମ ଓ ଭାଗବତ, ଷୋଳ ଚୌପଦୀ - ଏ ସମସ୍ତ ଜଗନ୍ନାଥ ଦାସଙ୍କ ନାମରେ ପ୍ରଚଳିତ । ସବୁର ଊର୍ଦ୍ଧ୍ୱରେ 'ଭାଗବତ' ଜଗନ୍ନାଥଙ୍କର ସର୍ବଶ୍ରେଷ୍ଠ କୃତି । ସାରଳା, ବଳରାମଙ୍କ ପରି ଅନର୍ଗଳ କବିତ୍ୱର ଅଧିକାରୀ ନ ଥିଲେ ଜଗନ୍ନାଥ; ମାତ୍ର 'ଭାଗବତ'ର ଅକୃତ୍ରିମ ସୌନ୍ଦର୍ଯ୍ୟ; ତାହା ଶ୍ରେଷ୍ଠ ଆଧ୍ୟାତ୍ମିକ-ସାହିତ୍ୟର ପଙ୍କ୍ତିଭୁକ୍ତ - ଏହା ନିଃସନ୍ଦେହ ।

ଭାଗବତ ସଂସ୍କୃତ ଭାଗବତର ଆକ୍ଷରିକ ଅନୁବାଦ ନୁହେଁ । ମୂଳ ସଂସ୍କୃତ ପଦାବଳୀର ଛାୟାରେ ରଚିତ । ଭାଗବତ ପଦାବଳୀ ଅନେକତ୍ର ସହଜ ବୋଧଗମ୍ୟ ନୁହେଁ । ଏହାର ଆଧ୍ୟାତ୍ମିକ ସୌନ୍ଦର୍ଯ୍ୟ, ରହସ୍ୟମୟ କବିତ୍ୱ ମଧ୍ୟରେ ପୂର୍ଣ୍ଣ ଭାବପୁଷ୍ଟି ସାଧିତ । ଜନ୍ ଉଇକ୍ଲିଫ୍ ଇଂରାଜୀ ଭାଷାରେ 'ବାଇବେଲ'ର ଅନୁବାଦ କଲେ । ଉକ୍ତ ଅନୁଦିତ ଧର୍ମପୁସ୍ତକ; ଇଂଲଣ୍ଡରେ ନବଜାଗରଣ ସୃଷ୍ଟିକଲା । ସମଗ୍ର ଇଂରାଜୀ ସାହିତ୍ୟ, ଇଂରେଜ ଜନଜୀବନରେ ଅଭୂତପୂର୍ବ ଜନଜାଗରଣ । ଇତିହାସ ପ୍ରସିଦ୍ଧ ମାର୍ଟିନ ଲୁଥର । ବାଇବେଲକୁ ଜର୍ମାନ୍ ଭାଷାରେ ଅନୁବାଦ କଲେ । ସମଗ୍ର ୟୁରୋପରେ ଅଭାବନୀୟ ପରିବର୍ତ୍ତନର ସୂତ୍ରପାତ । ଭକ୍ତକବି ଜଗନ୍ନାଥ ଦାସ, ସଂସ୍କୃତ ଭାଗବତ ଅନୁକରଣରେ ଓଡ଼ିଆ ଭାଗବତ ଲେଖିଲେ । ଏହାକୁ 'ତେଲି ଭାଗବତ' କହି ତାଚ୍ଛଲ୍ୟ କରାଗଲା; ମାତ୍ର ଜଗନ୍ନାଥ ଦାସ ଉତ୍କଳ ଭୂମିର ମାର୍ଟିନ୍ ଲୁଥର ଭାବେ ପରିକଳ୍ପିତ । ସଂସ୍କୃତ ଭାଷାରେ ଲିଖିତ ଭାଗବତ ଏକ ପବିତ୍ର ଗ୍ରନ୍ଥ । ଏହା ଥିଲା ବ୍ରାହ୍ମଣମାନଙ୍କର ଏକଚାଟିଆ । ବ୍ରାହ୍ମଣେତର ଜାତି ଭାଗବତର ଭାବ ସମ୍ପଦରୁ ବଞ୍ଚିତ । ଜଗନ୍ନାଥ ଦାସ ଭାଗବତକୁ ସୁବୋଧ, ସୁଲଳିତ ଢଙ୍ଗରେ ଲେଖିଲେ । ବହୁ ପ୍ରତିବାଦର ସମ୍ମୁଖୀନ ହେଲେ । ଶେଷରେ ହେଲା ସତ୍ୟର ବିଜୟ । ଏହାକୁ ଅଧ୍ୟୟନ କରି ଓଡ଼ିଆ ଜାତିର ଆଧ୍ୟାତ୍ମିକ ଉତ୍ତରଣ ସହ ଦାର୍ଶନିକ ବିକାଶ, ଏ ଥିଲା ଏକ ଯୁଗାନ୍ତକାରୀ ଘଟଣା । ଗାଁ ଗାଁରେ ଭାଗବତ ଟୁଙ୍ଗୀ । ସଞ୍ଜ ନଇଁ ଆସେ । ପୁରୋହିତ ପଢ଼ନ୍ତି ଜଗନ୍ନାଥ ଦାସଙ୍କ ଭାଗବତ । ଦିବସର କ୍ଳାନ୍ତି ମେଣ୍ଟେ । ଭାଗବତ ଅଧ୍ୟୟନ - ଉତ୍କଣ୍ଠା ବଢ଼ିଲା । ନିରକ୍ଷର ଗ୍ରାମବାସୀ, ଅକ୍ଷର ଶିକ୍ଷାରେ ପ୍ରବୃତ୍ତ; ଏହାର ସୁଫଳ ମିଳିଲା । ୧୯୦୦ ମସିହାର ଜନଗଣନା । ଭାରତର ଅନ୍ୟ କେତେକ ପ୍ରଦେଶର ସାକ୍ଷର ସଂଖ୍ୟା, ଏହାଠାରୁ ଢେର୍ ଅଧିକ । ଏହା ଭାଗବତର ସୁଫଳ ।

ଷୋଡ଼ଶ ଶତାବ୍ଦୀର ଜନଜୀବନରେ ସଂସ୍କୃତ ପ୍ରବଣତା । ଏଥିରେ ବ୍ୟତିକ୍ରମ ମୁଣ୍ଡକାଟ ଶାସ୍ତି ସହ ସମାନ । ମାତ୍ର ଜଗନ୍ନାଥ ଦାସ ଥିଲେ ବ୍ୟତିକ୍ରମ । ଅହଂକାର, ଅନ୍ଧତା, ସ୍ୱାର୍ଥପରତା; ଏହା ବିରୋଧରେ ତୀବ୍ର ପ୍ରତିବାଦ । ଶାସ୍ତ୍ର ବ୍ୟବସାୟୀ ପୁରୋହିତ ଗୋଷ୍ଠୀ ବ୍ରାହ୍ମଣ ସମାଜକୁ ତାଙ୍କର ବଜ୍ରଗମ୍ଭୀର ଆହ୍ୱାନ - "କପଟ ଧର୍ମ ଯହିଁ ନାହିଁ / ସ୍ୱଭାବେ ଶାସ୍ତ୍ର ଯେ ବୋଲାଇ / ଆତ୍ମାର ଆତ୍ମା ଯେ ଦେଖନ୍ତି / ଜନ୍ମ ମରଣେ ନାହିଁ ଭ୍ରାନ୍ତି ।" କେବଳ ଉପବୀତ ଧାରଣ, ବ୍ରାହ୍ମଣଧର୍ମର ଏକମାତ୍ର ପରିଚୟ ନୁହେଁ । ଏଥିପାଇଁ ତପସ୍ୟା, ଯୋଗ୍ୟତା ଲୋଡ଼ା । ବେଦାନ୍ତ, ଉପନିଷଦୀୟ ଜ୍ଞାନ, ତତ୍ ସହିତ ଚତୁର୍ବେଦରେ ପାରଦର୍ଶିତା - ଏ ସବୁ ବ୍ରାହ୍ମଣଙ୍କର ମୌଳିକ ଧର୍ମ । ପରିବର୍ତ୍ତିତ ସମାଜ । ଶେଷରେ ଉପବୀତରୁ ବ୍ରାହ୍ମଣ - ଏହା ମୁଖ୍ୟ ପାଲଟିଲା । ଜଗନ୍ନାଥ ଦାସଙ୍କ ବଜ୍ର ଆହ୍ୱାନ, "ଏକାକ୍ଷର ବ୍ରହ୍ମ ପୁଣ, ଜଣାଇ ସେ ସୁବ୍ରାହ୍ମଣ / ନ ଜାଣିଲେ କେବେହେଁ ବ୍ରାହ୍ମଣ ନୋହିଛ / ଅଣ୍ଡବସ୍ତୁ ଏକକରି, ପ୍ରଣବ ଶରୀରେ ଭରି / ଦାରୁବ୍ରହ୍ମ ପଞ୍ଚାତ୍ମିକା ନାମ ବହିଛି / ଚତୁର୍ଦ୍ଦଶ ଖଣ୍ଡେ ରହିଲା / ଅପରେ ପଞ୍ଚମ ବିନ୍ଦୁ କେହୁ ହୋଇଲା ।" ଇତ୍ୟାଦି । ଜଗନ୍ନାଥ ଦାସ ପରମ ଯୋଗ ସାଧକ । ଆତ୍ମାକୁ ଉପଲବ୍ଧି କଲେ ମନୁଷ୍ୟ ପରମ ସନ୍ଧାନ ପାଇବ, ସେହିପରି ତିଳକ ଧାରଣକାରୀ ଭଣ୍ଡ ବୈଷ୍ଣବ । ଏମାନେ ଲୋକ ସମାଜର ବିଭ୍ରାନ୍ତକାରୀ, ସେମାନଙ୍କ ବିରୋଧରେ ଜଗନ୍ନାଥ ଦାସଙ୍କ ବିଷୋଦ୍‌ଗାର । ଯନ୍ତ୍ର, ମନ୍ତ୍ର, ତନ୍ତ୍ର - ଏହାକୁ ଅୟତ୍ତ କରିବାକୁ ହେବ । ତା'ପରେ ମିଳିବ ବୈଷ୍ଣବର ସମ୍ମାନ, ଏକଥାବି ଲେଖିଲେ । ଓଡ଼ିଆ ଜାତିର ଅବଚେତନାରେ ଭାଗବତ ବେଶ୍ ପ୍ରତିଷ୍ଠାଲାଭ କରିଛି । ଭାଗବତ ପଦାବଳୀର ଉଦ୍ଧାର ପୂର୍ବକ ସବୁ ଯୁକ୍ତି, ବିତର୍କର ଚରମ ସନ୍ଧାନ ମିଳେ । ଯଥା - "ଆତ୍ମା କୌଶଳେ ସର୍ବ ସିଦ୍ଧି / ତରଇ ସଂସାର ବାରିଧି / ଧନ କାର୍ପଣ୍ୟ ସେବାଫଳେ / କିବା ଅସାଧ୍ୟ ମହୀତଳେ ।" ଏ ସବୁ ଭାଗବତର ପଦାବଳୀ । ସମସ୍ତ ଯୁକ୍ତି, ବିତର୍କର ସର୍ବସମ୍ମତ ସମାଧାନ ରୂପେ ତାହା ଗୃହୀତ । ସାରଳା ଦାସଙ୍କ ମହାଭାରତ, ବଳରାମ ଦାସଙ୍କ ରାମାୟଣ, ସଦୃଶ୍ୟ ଜଗନ୍ନାଥ ଦାସଙ୍କ ଭାଗବତ - ଏସବୁ ଗ୍ରନ୍ଥ ସଂସ୍କୃତ ଗ୍ରନ୍ଥର ଆକ୍ଷରିକ ଅନୁବାଦ ନୁହେଁ । ଭାଗବତରେ ମୂଳ ରଚନାର ବିଷୟଗତ, ଭାବଗତ ବ୍ୟତିକ୍ରମ ପରିଲକ୍ଷିତ । ଓଡ଼ିଆ ଭାଗବତ ଓଡ଼ିଆ ଜାତିର ବେଦ ସ୍ୱରୂପ । ଜନଜୀବନରେ ଏ ଗ୍ରନ୍ଥର ପ୍ରଭାବ ସୁଦୂର ପ୍ରସାରୀ । ଏତାଦୃଶ ଅନ୍ୟ କୌଣସି ଗ୍ରନ୍ଥ ସେପରି ଆଚ୍ଛନ୍ନ କରିପାରିନାହିଁ । ଜଗନ୍ନାଥ ଦାସଙ୍କ ଭାଗବତର ସ୍କନ୍ଧ ସଂଖ୍ୟାକୁ ନେଇ ଦ୍ୱନ୍ଦ୍ୱ ରହିଛି, ଏହାର ସ୍କନ୍ଧ ସଂଖ୍ୟା ମୋଟ୍ ୧୩ ଗୋଟି ବୋଲି ସସାଧାରଣରେ ଧାରଣା । ମାତ୍ର ଜଗନ୍ନାଥ ଲେଖିଲେ ୧୧ଶ ସ୍କନ୍ଧ । ମହାଦେବ ଦାସ ନାମକ କବି ଲେଖିଲେ ଦ୍ୱାଦଶ, ତ୍ରୟୋଦଶ ସ୍କନ୍ଧ । "ଜଗନ୍ନାଥ ଦାସ ଗୀତ / ନାମ ତା' ଶିରୀ ଭାଗବତ / +++ / ବିପ୍ରଙ୍କ ଠାରୁ ଶୁଣି ମନେ / ଚିତ୍ତୋର କରିଲି ଲେଖନେ / +++/ ତେଣୁ ତାଙ୍କ ଚରଣେ ମନ / ସୁଜନେ ଦୋଷ ମୋ ନ ଘେନ / ଆଶା ମୋ ସାଧୁଙ୍କ ଚରଣ/ ଶରଣ ମହାଦେବ ହୀନ ।" ଏକଥାଟି ବି ପ୍ରମାଦପୂର୍ଣ୍ଣ, ମହାଦେବ ଦାଶ ଦ୍ୱାଦଶ ସ୍କନ୍ଧର ରଚୟିତା; ତ୍ରୟୋଦଶ ସ୍କନ୍ଧର ସ୍ରଷ୍ଟା ଦ୍ୱାରକା ଦାଶ । ଦ୍ୱାରକା ଦାଶ ଚଉତିଶା, ଭକ୍ତିସଂଗୀତ, ଗୁପ୍ତଗୀତା, ପ୍ରେମରସ ଚନ୍ଦ୍ରିକା ପ୍ରଭୃତି ଗ୍ରନ୍ଥର ପ୍ରଣେତା । ସେ ଜଣେ ବିଦ୍‌ବତ୍ତା ସମ୍ପନ୍ନ କବି । ତ୍ରୟୋଦଶ ସ୍କନ୍ଧରେ ଆଲୋଚ୍ୟ ବିଷୟ ବ୍ରହ୍ମଜ୍ଞାନ, ସାଧନାତତ୍ତ୍ୱ । ଏହା ସହଦେବ ଦାସଙ୍କ ପରି ପଣ୍ଡିତଙ୍କ ପକ୍ଷେ ସମ୍ଭବ । ଓଡ଼ିଶାରେ ପ୍ରଚାରିତ ଖାଡ଼ଙ୍ଗା ଭାଗବତ, ଏଇଟି ସଂସ୍କୃତ ଭାଗବତର ଅନୁବାଦ । ଜଗନ୍ନାଥ ଦାସ ଶ୍ରୀ ଶ୍ରୀଧର ଗୋସ୍ୱାମୀଙ୍କ ଟୀକା ଅନୁକରଣ କରିଛନ୍ତି । ଲେଖିଛନ୍ତି ଭାଗବତ - ଏକଥାଟି ମଧ କୁହାଯାଏ । କବି ମହାଦେବ ଦାସ ଲେଖିଲେ, "ଶ୍ରୀ ଭାଗବତ ଯେ ପୁରାଣ / ଅଷ୍ଟାଦସସ୍ର ଶ୍ଳୋକେଣ / ତାଟୀକା ଚଉବିଂଶ ସସ୍ର / କରଇ ଶ୍ରୀଧର ପ୍ରକାଶ / ବିପ୍ରକୁଳେ ଜନମ ହୋଇ / ଜଗନ୍ନାଥ ନାମ ଯେ ବହି / ପ୍ରାକୃତ ବନ୍ଧେ ଭାଗବତ / କହିଲେ ସଜ୍ଜନ ହିତ ।" ଶ୍ରୀଧରୀୟ ଟୀକା ଅବଲମ୍ବନରେ ଭାଗବତର ସୃଷ୍ଟି, ଏକଥାଟି କହିବାରେ ଯଥାର୍ଥତା ନାହିଁ । ଜଗନ୍ନାଥ ଦାସଙ୍କର ସଂସ୍କୃତରେ ଅଗାଧ ପାଣ୍ଡିତ୍ୟ । ସେ ନିପୁଣ ପୁରାଣର ଓଡ଼ିଆ ବ୍ୟାଖ୍ୟାକାର । ଭାଗବତ ଭଳି ମହାନ୍ କୃତିର ସେ ସ୍ରଷ୍ଟା । ତହିଁରେ ତାଙ୍କର ମୌଳିକତା ଦିବାଲୋକ ପରି ସ୍ପଷ୍ଟ - ଏଥିରେ ଦ୍ୱିରୁକ୍ତି ନାହିଁ । ଜଗନ୍ନାଥ ଦାସଙ୍କ ମୌଳିକ ଅବକଳତ୍ୱର ଏକ ଉଦାହରଣ - "ସଦା ଇଦଂ ବିଶ୍ୱମୋଘ ଲୀଳଃ / ସୃଜତ୍ୟ ବିଦ୍ୟତ୍ତି ନ ସଜ୍ଜତେଽସ୍ମିନ୍ / ଭୁତେଷୁ ଚାନ୍ତର୍ହିତ ଆତ୍ମତନ୍ତ୍ରଃ / ଷାଡ଼ୁର୍ଗିଙ୍କ ଜିଘ୍ରତି ଷଡ଼ଗୁଣେଶଃ ।" ଜଗନ୍ନାଥ ଦାସଙ୍କ ଭାଷାରେ, "ଭାମୋହ (ଅମେଘ) ଲୀଳା ନରହରି / ଆତ୍ମାରେ ବିଶ୍ୱ ମାୟା କରି / ବ୍ରହ୍ମାଣ୍ଡ ସର୍ଜଇ ପାଳଇ / ଅନେ ତା ଆପଣା (ଆପଣେ) ରକ୍ଷଇ, ପ୍ରାଣୀଙ୍କ ମଧ୍ୟେ ଆତ୍ମାତନ୍ତ୍ରେ / ଷଡ଼ବର୍ଗେ ଭୋଗ କରେ ନିତ୍ୟେ / ଏଣୁ ହୃଷିକେଶ ବୋଲାଇ / ସେ ଦୋଷ ତାକୁ ନ ଲାଗଇ ।" ସଂସ୍କୃତ ଭାଗବତର ସାବଲୀଳ ଓଡ଼ିଆ ଅନୁବାଦ; ଜଗନ୍ନାଥଙ୍କର କଳା-କାରିଗରୀ କୁଶଳତାର ଅନନ୍ୟ ନିଦର୍ଶନ ।

ଭାରତୀୟ ସାହିତ୍ୟ ଜଗତରେ ଭାଗବତ ସଦୃଶ ଗ୍ରନ୍ଥ ଦୁର୍ଲ୍ଲଭ । ବିଶ୍ୱ ସାହିତ୍ୟରେ ଏହା ନାହିଁ ପଟାନ୍ତର । ମହର୍ଷି ବ୍ୟାସ, ନାନାଦି ପୁରାଣ ଶାସ୍ତ୍ର ରଚୟିତା, ତଥାପି ତାଙ୍କ ମନରେ ନାହିଁ ଶାନ୍ତି । ଏହାର କାରଣ ଦେବର୍ଷିଙ୍କୁ ପଚାରିଲେ । ଜନସେବା ପାଇଁ ବ୍ୟାସଙ୍କ ଗ୍ରନ୍ଥ ଉଦ୍ଦିଷ୍ଟ; ମାତ୍ର ହରିସେବା ପ୍ରଚେଷ୍ଟା ନାହିଁ । ଏକଥା ବ୍ୟାସଙ୍କୁ କହିଲେ ନାରଦ । ଭାଗବତ ରଚନା ପାଇଁ ପ୍ରୋତ୍ସାହନ ଦେଲେ । ଅହଂକାରଶୂନ୍ୟ ହେବା, ସଭିଙ୍କୁ ସମଚକ୍ଷୁରେ ଦେଖିବା, ହିଂସା ଦ୍ୱେଷ ଦୂର କରିବା - ଏଥିରୁ ନିବୃତ୍ତ ହେବା । ତା'ପରେ ଆଧ୍ୟାତ୍ମିକତାର ବାଟ ପରିଷ୍କାର । ସର୍ବାନ୍ତକରଣରେ ହରିପାଦ - ପଦ୍ମାଶ୍ରିତ ହେବା ବିଧେୟ । ତାପରେ ମିଳିବ ଅନିର୍ବଚନୀୟ ଆନନ୍ଦ । ଅଧ୍ୟାତ୍ମ ଚିନ୍ତା ଚେତନା ମଧ୍ୟରେ ଜୀବନରେ ଚରମ ପୁରୁଷାର୍ଥ ଅନ୍ୱେଷଣ କରିବା - ଏ ନିର୍ଦ୍ଦେଶ ଭାଗବତରେ ସ୍ଥାନିତ । ଏ ସଂସାର ଅନିତ୍ୟ, ଅଳ୍ପକାଳ ସ୍ଥାୟୀ । ମାୟାରେ ଆବଦ୍ଧ ପ୍ରାଣୀଏ, ଏ କଥା ଯଥାର୍ଥରେ କୁହାଯାଇଛି, "ବୃକ୍ଷର ତଳେ ଯେହ୍ନେ ଆସି / ପଥିକ ବିଶ୍ରାମନ୍ତି ବସି / ପୁଣି ଚଳନ୍ତି ଶ୍ରମ ସାରି / ସେ ବୃକ୍ଷ ନୁହଁଇ କାହାରି / ତେମନ୍ତ ମାୟା ଏ ସଂସାର / କେ ପିତା କେ କାହାର କୁମର ।" ଯାହାର ଜନ୍ମ ଅଛି, ମୃତ୍ୟୁ ବି । ମାତ୍ର ମାୟାରେ ଜୀବ ପଥଭ୍ରଷ୍ଟ । ଅନ୍ତକାଳ ପାଇଁ ଦେହଧାରଣ, ସମ୍ଭୋଗ ଲାଳସାରେ ମତ୍ତ ହେବା; ଏ ସଂସାର ବାସୀଙ୍କ ଲକ୍ଷଣ, ଏ ପରିପ୍ରେକ୍ଷୀରେ ଭାଗବତ ବାଣୀ ପ୍ରଣିଧାନଯୋଗ୍ୟ, "ମର୍ତ୍ତ୍ୟ ମଣ୍ଡଳେ ଦେହ ବହି / ଦେବତା ହୋଇଲେ ମରଇ ।" ଅହଂକାରୀ ଏ ମଣିଷ, ଉଦ୍ଧତ, ଗର୍ବୀ । ସର୍ବଶକ୍ତିମାନ ନିଜକୁ ମଣେ; ମାତ୍ର ସେ ଯେ କେତେ ଦୁର୍ବଳ, ତାହା ତା'ର କଳ୍ପନା ବାହାରେ । ଯେମିତି, "ନିଜ ରକ୍ଷଣ ଅସମ୍ଭବ / ସେ କାହୁଁ ପରକୁ ରଖିବ ।" ଏମିତି ଶତ ଶତ ନୀତି ଉପଦେଶ ଭାଗବତରେ ସ୍ଥାନିତ । ଭାଗବତରେ ବୈରାଗ୍ୟ ପ୍ରଚାର ନାହିଁ । ଅଥବା ବୈରାଗ୍ୟ, ସନ୍ନ୍ୟାସ ପାଇଁ ନାହିଁ ନୀତିକଥା । କର୍ମଯୋଗୀ ହେବା ପାଇଁ ଏଥିରେ ରହିଛି ପ୍ରେରଣା । "କର୍ମ ହିଁ ନାହିଁ ଆନ ଦେବ / ଭୋ ତାତ କର୍ମ ପାଦେ ସେବ / କର୍ମ ସେ ଶତ୍ରୁମିତ୍ର ହୋଇ / ଗୁରୁଙ୍କ ପ୍ରାୟ ଦୀକ୍ଷା ନେଇ / ସମସ୍ତେ କର୍ମ ସେବାକର / କହନ୍ତି ପ୍ରଭୁ ଦାମୋଦର ।" ଶେଷରେ ମରଣଶୀଳ ସଂସାରକୁ ଅମୃତମୟ କରିବାର ହିତୋପଦେଶ । ପ୍ରଭୁପାଦେ ସମ୍ପୂର୍ଣ୍ଣ ସମର୍ପଣ ଭାବ ଲୋଡ଼ା, "ସକଳ ତୀର୍ଥ ତୋ ଚରଣେ/ ବଦ୍ରିକା ଯିବି କି କାରଣେ ।" ସଂସାର ଏକ ଧର୍ମନାବ । ସଦାଚାର, ମାନବିକତା ଧର୍ମ ଆଚରଣୀୟ । ସଂସାର ସାଗରୁ ପାରହେବା ପାଇଁ ଏଇ ଧର୍ମ ନାବଟି ସାହା । ଏଥିପାଇଁ ପୁଣ୍ୟ ଅର୍ଜନ ଏକାନ୍ତ କାମ୍ୟ, "ଧନ ଅର୍ଜନେ ଧର୍ମକରି / ଧର୍ମେ ପ୍ରାପତ ନରହରି ।" ସମଗ୍ର ଭାଗବତରେ ଏକ ସୁଖୀ, ପରିପୂର୍ଣ୍ଣ ସଂସାର ପାଇଁ ରହିଛି ନିର୍ଦ୍ଦେଶ । ସବୁ ଯୁଗରେ, ସବୁ କାଳରେ ଏହାର ଶାଶ୍ୱତ ମୂଲ୍ୟବୋଧ ଜାଜ୍ୱଲ୍ୟମାନ । ସାହିତ୍ୟ ସହିତରେ ବର୍ତ୍ତମାନ, ସମ୍ୟକ ହିତ ସାଧକ, ଜାତି, ସମାଜ ସୌନ୍ଦର୍ଯ୍ୟର ବାର୍ତ୍ତାବହ - ଏ ସମସ୍ତ ବିଚାରରେ ଜଗନ୍ନାଥ ଦାସଙ୍କ ନିର୍ଦ୍ଧନ, ପଥଚାରୀ, କୃଷିକାରୀ - ସମସ୍ତେ ଭାଗବତରୁ ପ୍ରେରଣା ପାଇ ଚାଲିଛନ୍ତି । ଭାଗବତର କାବ୍ୟ ଯୁଗ, ମଧ୍ୟଯୁଗରେ ବହୁ କବିଙ୍କ ପ୍ରଭାବିତ କରିଛି । ଦାର୍ଶନିକ ଭାବଚେତନା ବିମଣ୍ଡିତ ଉକ୍ତ ଗ୍ରନ୍ଥ ବହୁ ଚମତ୍କାରିତାର ଆଲୋକ ବର୍ତ୍ତିକା । ଅମୃତମୟ ଭାଷା, ସୁଲଳିତ ରସ ମାଧୁର୍ଯ୍ୟ ଆବାଳ ବୃଦ୍ଧବନିତା ଚିତ୍ତ-ମନ-ପ୍ରସନ୍ନକାରୀ, ଚମତ୍କାର ଉପମାର ପ୍ରୟୋଗ; ଜଟିଳ ଭାବ ସମ୍ପଦକୁ ଅତ୍ୟନ୍ତ ସହଜ ଭାବେ ପରିପ୍ରକାଶର ସହାୟକ । ଭାଗବତର ଛନ୍ଦ, "ନବାକ୍ଷରୀ ଛନ୍ଦ ବା ଗୁଜ୍ଜରୀ । ସ୍ୱଚ୍ଛ ଭକ୍ତି; ମାତ୍ର ବହୁ କ୍ଳିଷ୍ଟତା ସତ୍ତ୍ୱେ; ସହଜ ବୋଧତା ଭାଗବତର ଆଉ ଏକ ବିଶେଷତ୍ୱ । ଭାଗବତର ଲୋକପ୍ରିୟତା ଆକାଶସ୍ପର୍ଶୀ । ଏହାର ସର୍ବଜନ ଲୋକପ୍ରିୟତା, ଏଥିପାଇଁ ଏ ଗ୍ରନ୍ଥ 'ଭାଗବତ ବୃତ' ବା ଭାଗବତ ବାଣୀ ନାମେ ପ୍ରସିଦ୍ଧ । ଅନେକ କାବ୍ୟକର୍ତ୍ତା ଉକ୍ତ ବୃତ୍ତିରେ ପଦ୍ୟରଚନା କରିଚାଲିଛନ୍ତି । ଅପର ପକ୍ଷରେ ଭାଗବତର କବିତ୍ୱ ଅନନ୍ୟ ସାଧାରଣ, ଏହାର ଶବ୍ଦ ସଂଯୋଜନା, ଐନ୍ଦ୍ରଜାଲିକ ବିଭୂତିରେ ପାଠକେ ଅଭିଭୂତ, ପ୍ରକୃତି, ମନୁଷ୍ୟ, ଈଶ୍ୱର, କବିତ୍ୱର ଭାବୋଚ୍ଛ୍ୱାସ ଭାବଗତରେ ଏକୀଭୂତ । ପାଠକୀୟ ଉପଲବ୍ଧି କେବଳ ଭାବଜଗତରେ; ଯୁକ୍ତି ସମ୍ମତ ବିଶ୍ଳେଷଣରେ ନୁହେଁ । 'ଗୋପଲୀଳା'ରେ ଶ୍ରୀକୃଷ୍ଣଙ୍କ ଅନ୍ୱେଷଣରେ ବିରହ ଜ୍ୱାଳା ଜର୍ଜରିତା ଗୋପିକା । ଏ ସମ୍ପର୍କରେ କବିଙ୍କର ଚମତ୍କାର ବର୍ଣ୍ଣନା, "ହେ କରୁକେୟୀ, ନାଗେଶ୍ୱର / ଚମ୍ପା, ପୁନ୍ନାଗ କନିଅର, ତୁମ୍ଭ ପିରତି ଘେନି ଚିତ୍ତେ / ଗୋବିନ୍ଦ ଗଲେ କି ଏ ପଥେ ?"

ଅବା "ମାଳତୀ, ମଲ୍ଲୀ; ଜାଇଯୂଇ / ତୁମ୍ଭେ ଦେଖିଲ ଭାବଗ୍ରାହୀ ?/ କୃଷ୍ଣର ନଖ କ୍ଷତ ଲାଗି / ନ ପୁଣ ହୋଇଛ ସୁଆଗୀ / ହେ ଚୂତ, ପନସ, ପିଆଳ / ଅଶନ ଜମ୍ବୁ କୋବିଦାର / ବେଲ ବକୁଳ ନିମ୍ବ ଯୂଥେ / ଗୋବିନ୍ଦ ଗଲେ କି ଏ ପଥେ ?" ଏ ପ୍ରକାର ଚମତ୍କାର ପରିବେଷଣ ବେଶ୍ ମନମୁଗ୍ଧକାରୀ । 'ଭାଗବତ'ର ପ୍ରକୃତି, ଶୃଙ୍ଗାର ପୀଡ଼ିତା ନାୟକ ବା କାମଦଗ୍ଧ ନାୟକର ଉଚ୍ଚାଟ ପୃଷ୍ଠଭୂମି ନୁହେଁ; ଏହା ଭାବଭକ୍ତିର ସ୍ନିଗ୍ଧ ପୃଷ୍ଠଭୂମି । ତାହା ଚିରସୁନ୍ଦର । ଏପରି ବର୍ଣ୍ଣନା ଯଥାର୍ଥରେ ଅନୁପମ । ଈଶ୍ୱର, ପ୍ରକୃତି ସୌନ୍ଦର୍ଯ୍ୟର ମହା ଆଲିଙ୍ଗନ; ଏହାରି ମଧ୍ୟରେ ଭାଗବତ ରମଣୀୟ ଅଦ୍ୱୟତା ପ୍ରାପ୍ତି ଘଟେ - ଏହା ଧ୍ରୁବଲୋକ ପରି ସତ୍ୟ ।

# ଜୈବିକ ଭିତ୍ତିଭୂମିର ସ୍ଥିରତା



ଅଶୋକ ବିଶ୍ୱାଳ
(ପୂର୍ବତନ ପିସିସିଏଫ,
ଅରୁଣାଚଳ ପ୍ରଦେଶ, ମିଜୋରାମ,
ଆଣ୍ଡାମାନ ଏବଂ ନିକୋବର
ଦ୍ୱୀପପୁଞ୍ଜ)

ବହୁ ପ୍ରଚାର ହେଉଛି ଆଉ ପର୍ଯ୍ୟଟକମାନଙ୍କର ସଂଖ୍ୟା ବଢ଼ିଚାଲିଛି । ଦୂରଦୂରାନ୍ତରୁ ଅର୍ଥ ଆଉ ସମୟ ବ୍ୟୟ କରି ସେମାନେ ଆସୁଛନ୍ତି, ଜଙ୍ଗଲର ଅନୁଭୂତି ନେଉଛନ୍ତି । ତେଣୁ ଅଧିକାଂଶ ଲୋକଙ୍କର ମତ ଥିଲା ସରକାର ଉପଯୁକ୍ତ ଭିତ୍ତିଭୂମି ପ୍ରସ୍ତୁତ କରି ପ୍ରକୃତି ପର୍ଯ୍ୟଟନକୁ ଆନୁପାତିକ ପ୍ରୋତ୍ସାହନ ଦିଅନ୍ତୁ । ସବୁ ସୁବିଧା ହାତପାହାନ୍ତାରେ ଉପଲବ୍ଧ ହେଉ । ଦୃଢ଼ ଭିତ୍ତିଭୂମିର ପ୍ରତିଷ୍ଠା ଉପରେ ଦ୍ୱିମତ ହୋଇନପାରେ । କିଛି ଉଦାହରଣ ବା ଆଉ କାରଣ ପାଇଁ ପର୍ଯ୍ୟଟକମାନେ ସୁବିଧାରୁ ବଞ୍ଚିତ ନହୁଅନ୍ତୁ । କେବଳ ଶୁଣିଲେ ଏମିତି ମୂଲ୍ୟାଙ୍କନ ଅତି ଯୁକ୍ତିସଙ୍ଗତ ଲାଗିବ । କିଛିଦିନ ତଳେ ଜଣେ ଉଚ୍ଚପଦସ୍ଥ ଅଫିସର ସପରିବାର ଆସିଥିଲେ । ତାଙ୍କ ପତ୍ନୀ ଶୌଚାଳୟ ଯାଇ ନାକ ଟେକି ଫେରିଆସିଲେ । ମହିଳାମାନେ ଅପରିଷ୍କାର ଶୌଚାଳୟ କଥା କହୁଛନ୍ତି । ନେଚର କଲ । କେଉଁଠାକୁ ଯିବେ ? ସରକାର ଶୌଚାଳୟର ଉନ୍ନତିକରଣ ତଥା ରକ୍ଷଣାବେକ୍ଷଣ ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବା ଦରକାର । ଏଇଠି ଅବଶ୍ୟ ଶୌଚାଳୟ ଅଛି, ହେଲେ ଏତେ ସଫାସୁତୁରା ହୋଇପାରୁନାହିଁ । ତା'ପରେ ବସିବା ସ୍ଥାନର କଥା ଆସିଲା । ଲୋକେ ସପରିବାର ଆସୁଛନ୍ତି । ପିଲାମାନଙ୍କ ପାଇଁ ଏକ ମିନି ପାର୍କ ହେଲେ ଭଲ ହୁଅନ୍ତା । ବାବୁମାନଙ୍କ ଦେହରେ କଡ଼ା ଇସ୍ତ୍ରୀବାଲା ପ୍ୟାଣ୍ଟସାର୍ଟ ରହୁଛି । ସେମାନଙ୍କ ପାଇଁ ବସିବାର ଉପଯୁକ୍ତ ବ୍ୟବସ୍ଥା ନାହିଁ । ଏଠାକାର ସୁବିଧା ସୁଯୋଗର ବହୁ ନିନ୍ଦା ହେଉଛି । ଏପରି ବିମର୍ଷକୁ ଆର୍ଥିକ ସମୀକରଣରେ ପକାଇ ଦେଖିଲେ ଶବ୍ଦମାନ ଓଜନିଆ ଲାଗିବ । ଭିତ୍ତି ଭୂମିର ଉନ୍ନତିକରଣ ପର୍ଯ୍ୟଟନର ବିକାଶ ଆଣିବ । ଅଧିକ ସଂଖ୍ୟାରେ ପର୍ଯ୍ୟଟକ ଆସିବେ । ଏଠାକାର ସାଧାରଣ ଲୋକଙ୍କ ପାଇଁ ରୋଜଗାରର ଅନେକ ପନ୍ଥା ଖୋଲିବ । ଜୀବନର ମାନରେ ଉନ୍ନତି ହେବ । ରାସ୍ତାଘାଟ ପିଚୁ ହୋଇଯିବ । ଗାଡ଼ି ମୋଟର ସୁରୁଖୁରୁରେ ଦୌଡ଼ିବ । କେଉଁଠି ଟିକିଏ ହଲିବାର ନଥବ । ସ୍ଥାନର ମହାତ୍ମ୍ୟ ବଢ଼ିବ । କିଛି ସିଦ୍ଧାନ୍ତରେ ପର୍ଯ୍ୟଟନର ଅର୍ଥ ମଧ୍ୟ ହେଉଛି ଉପଭୋକ୍ତା ପାଇଁ ସହଯୋଗ, ସମନ୍ୱୟ ଆଉ ସନ୍ତୋଷ ଚକ୍ରର ସୃଷ୍ଟି । ପର୍ଯ୍ୟଟକମାନେ ସ୍ଥାନର ସଂସ୍କୃତି, ପ୍ରକୃତି, ବା କାର୍ଯ୍ୟକ୍ରମ ଆଦି ଉପରେ ପର୍ଯ୍ୟାପ୍ତ ଜ୍ଞାନ ଆହାରଣ କରିବେ ଆଉ ମଧୁର ଅନୁଭୂତି ନେଇ ପ୍ରତ୍ୟାବର୍ତ୍ତନ କରିବେ । ସବୁ କନ୍ଦି ବିକନ୍ଦିରେ ହୋଟେଲ, ରିସୋର୍ଟ, ହୋମ ଷ୍ଟେ ଆଦି ଖୋଲିଲାଣି । ଚାରିଆଡ଼େ ପିଚୁ ରାସ୍ତାଘାଟ, ବିଜୁଳି ପାଣିର ବେଶ ସୁବିଧା ଅଛି । ସମସ୍ତଙ୍କ ମନରେ ଦୃଢ଼ ନିଶ୍ଚୟ ପର୍ଯ୍ୟଟକମାନେ ଏକ ଭଲ ଅନୁଭୂତି ନେଇ ଫେରିବେ । ସବୁ ଟୁରିଷ୍ଟ ଫ୍ରେଣ୍ଡଲି ହେବ । କେଉଁ ପୃଷ୍ଠଭୂମିର ଉପରେ ? କିନ୍ତୁ ସ୍ଥାନଟା ଯେ ବନ୍ୟପ୍ରାଣୀ ଅଧିକ । ଆଉ କେତେ ବା ଅକ୍ଷୁର୍ଣ୍ଣ ଅଞ୍ଚଳ ଅଛି ପ୍ରଦେଶରେ ? ପ୍ରକୃତି ପର୍ଯ୍ୟଟନ ପାଇଁ କେଉଁ ପ୍ରକାରର ଭିତ୍ତିଭୂମି ଉପଯୁକ୍ତ ? କ'ଣ କେବଳ କିଛି ନିର୍ମାଣଧୀନ ଅଞ୍ଚଳ ଯେଉଁ ସ୍ଥାନରେ କିଛି ନଥିଲା, ସେଠାରେ କୋଠାବାଡ଼ି, ରାସ୍ତା ଘାଟ, ବିଦ୍ୟୁତକରଣ ଇତ୍ୟାଦିର ସୁବିଧା ହେବ । ସେଇଥିପାଇଁ ବହୁ ଚକଚକିଆ ଚିତ୍ର ପ୍ରସ୍ତୁତ ହୋଇଛି ଆଉ ବହୁ ଚର୍ଚ୍ଚା ହୋଇସାରିଛି । ତେବେବି ମନରେ ପ୍ରତିଧ୍ୱନିତ ଶବ୍ଦମାନ ରହୁଥିଲା-ସ୍ଥାନ ନେଇ ଅନୁଭୂତି ଶ୍ରେୟ । ମରୁଭୂମିରେ ତୁଷାରର କାନ୍ତି ଏକ ବିଚ୍ଛିତ ନିଷ୍କର୍ଷ ଯାହା ବ୍ୟୟବହୁଳ ତଥା ଅନାବଶ୍ୟକ । ସେଇମିତି ଏକ ପତ୍ରଝଡ଼ା ଜଙ୍ଗଲରେ ବର୍ଷାବନର ସବୁଜିମାର କଳ୍ପନା ଏକ ଦିଗହୀନ ଚିନ୍ତାଧାରା । ପ୍ରକୃତି ପର୍ଯ୍ୟଟନରେ ସ୍ଥାନ ନେଇ ଦୃଶ୍ୟ ତଥା ଅନୁଭୂତି । ଏକ କୋଠରୀ ଭିତରେ ଉପଲବ୍ଧର ମାର୍ଜନାଠାରୁ, ବାହାରେ ସେଇ ସ୍ଥାନର ଅନୁଭୂତି ବେଶି ଶ୍ରେୟ । ସମୁଦ୍ର କୂଳର ଅନୁଭୂତି ସମୁଦ୍ରର ଲୁଣି ପାଣି ପବନ ଆଉ ବାଲି ସହ ହେଉ, ନହେଉ କେବଳ ତାପନିୟନ୍ତ୍ରିତ ପ୍ରକୋଷ୍ଠର କାଚ ଝରକା ପଛରୁ ଢେଉର ଦୃଶ୍ୟ ଦେଖୁଦେଖୁ ଓ କାହିଁ ଦୂରକୁ ସମୁଦ୍ର ଲମ୍ବିଯାଇଛି ଯାହା ସହରର ରଙ୍ଗଭୂମିରେ ସମ୍ଭବ ନୁହେଁ । ସମୁଦ୍ରର ପ୍ରକୃତ ଅନୁଭୂତି ଖାଲି ପାଦରେ ସମୁଦ୍ର କୂଳରେ ଚାଲିଲେ ମିଳିପାରିବ । ବାଲି ପାଦରେ ଲାଗୁଥିବ, ଲହଡ଼ି ପରେ ଲହଡ଼ି କୂଳରେ ଭାଙ୍ଗିପଡୁଥିବ, ଢେଉ ପାଦ ଛୁଇଁ ଫେରିଯାଉଥିବ । ସମୁଦ୍ରର ଆହ୍ୱାନ ଚାରିଆଡ଼େ ଥିବ । ଏମିତି ଅନୁଭୂତି କେବେବି ବାତାନୁକୁଳିତ ପ୍ରକୋଷ୍ଠରେ ସମ୍ଭବ ନୁହେଁ । ତେଣୁ ଜଙ୍ଗଲିଆ ଅଞ୍ଚଳରେ ସବୁକିଛି ସହର ଭଳି ଚକଚକ ହେବ କ'ଣ ପାଇଁ ? ଜଙ୍ଗଲରେ ଏକ ସହର ଅନୁଭୂତିକୁ ଆମେ ଘୋଷିହେବା କ'ଣ ପାଇଁ ? କେବଳ ଆମର ଚିନ୍ତାଧାରା ଭିତରେ ସହରର ତୀବ୍ର ଆଲୋକ ଅଛି ବୋଲି, ଆଉ ଆମକୁ ସବୁ ଅନ୍ଧାରୁଆ ଲାଗୁଛି, ତେଣୁ କି ଆମେ ବିଜୁଳିର କୃତ୍ରିମ ଆଲୋକରେ ସବୁକୁ ଆଲୋକିତ, ଚିତ୍ରିତ, ତରଙ୍ଗାୟିତ କରିବାକୁ ଚାହୁଁଛୁ ? ଏଇ ଭିତରେ ପ୍ରକୃତିର ଜ୍ଞାନାଲୋକ ଆମକୁ ଦୃଷ୍ଟ ହେଉନାହିଁ ବୋଲି ଆମେ ଜାଣିପାରୁନୁ । ଏକ ଜୁଳୁଜୁଳିଆ ପୋକର ସ୍ୱଚ୍ଛ ଆଲୋକ ପାଇଁ ଘନ ଅନ୍ଧକାର ଆବଶ୍ୟକ । ଅରଣ୍ୟର କୃଷ୍ଣ ପୃଷ୍ଠଭୂମିରେ ସେମାନେ ପରୀପରି ଯେ ନାଚ କରନ୍ତି । ଆମେ ସମସ୍ତେ ଗଛ ତଳ ଚଉତରାରେ ବସିଥିଲୁ । ସେଥିରେ କାହିଁ ଆମ ପୋଷାକ ମଇଳା ହେଉଛି ଭାବି ବିଚଳିତ ହେଉନଥିଲୁ । କାରଣ ମନରେ ଆମେ ପ୍ରକୃତିଦତ୍ତ ସାମାନ୍ୟ ଧୂଳିକୁ ସମସ୍ୟା ବୋଲି ଭାବୁନଥିଲୁ । ତେଣୁ ଯେଉଁ ବିଚାରବନ୍ତ ବ୍ୟକ୍ତି ଧୂଳିକୁ କେବଳ ସମସ୍ୟା ଭାବିଛନ୍ତି ଆଉ ସବୁକୁ କଂକ୍ରିଟରେ ଆଚ୍ଛଦିତ କରିବାକୁ ଆବଶ୍ୟକ ମନେକରିଛନ୍ତି, ତାଙ୍କ ପାଇଁ ଜଙ୍ଗଲ ବୋଧହୁଏ ଉପଯୁକ୍ତ ସ୍ଥାନ ନୁହେଁ । ଅରଣ୍ୟାଞ୍ଚଳ ଅତି ସାଧାରଣ ଜ୍ଞାନ ଆବଶ୍ୟକ କରେ । ଏଠାରେ ପରିବେଶକୁ ପରିବର୍ତ୍ତନ ନକରି, ଜଙ୍ଗଲ, ପାଣି ଆଉ ପବନର ଭିନ୍ନ ଦୁନିଆକୁ ନିଜ ପ୍ରକୃତ ରୂପରେ ଦେଖି ଅନ୍ତରରେ ଅନୁଭବ କରିବାକୁ ଅଛି । ହୃଦୟ ଖୋଲିଯାଉଥବ, ଏକ ଅମଳିନ ପ୍ରକୃତିରେ ନିଜତ୍ୱ ହଜିଯାଉଥିବ । ଭାବନାରେ ଶରୀର ପ୍ରକୃତିର ଅଂଶ ହୋଇଯାଉ, ମନ ନିଜ ଅସ୍ତିତ୍ୱକୁ ଭିନ୍ନ ନକରୁ, ପ୍ରକୃତିର ଅଂଶ ବୋଲି ଭାବୁ । ଯଦି ପ୍ରକୃତି ବିଚାରରେ କାହାର ସଙ୍କଟ ରହୁଛି, ତେବେ ଏ ସ୍ଥାନରେ ସେମାନେ ଗ୍ରହଣୀୟ ନୁହନ୍ତି । ସବୁ ସ୍ଥାନର ନିଜର ସାଙ୍କଟିଟି ବା ପବିତ୍ରତା ଅଛି । ଏକ ମନ୍ଦିରରେ ମାଂସ ଭକ୍ଷଣ କେବେ ଖାଦ୍ୟର ଆବଶ୍ୟକତା ତଥା ନିର୍ବିକାରତା ପରି ଆକାଶଚୁମ୍ବୀ ଯୁକ୍ତିର ଆଶ୍ରୟନେଇ ଗ୍ରହଣଯୋଗ୍ୟ ହୋଇନପାରେ । ତେଣୁ ଅରଣ୍ୟ ପରି ନିର୍ମଳ ତଥା ପବିତ୍ର ସ୍ଥାନରେ, ପ୍ରକୃତିର ସୁଦୀର୍ଘ ବିସ୍ତୃତି ଆଗରେ, ନିଜ ବିଚାର ବୁଦ୍ଧିର ଶାଣିତ ପ୍ରତିପାଦନ ମୂଲ୍ୟହୀନ । ଏକ ମହିମାମଣ୍ଡିତ ଅରଣ୍ୟର ପୃଷ୍ଠଭୂମିରେ ଧୂଳିଶୂନ୍ୟ ବାତାନୁକୂଳିତ ପ୍ରକୋଷ୍ଠର ବିଶ୍ୱାସକୁ ପରିତ୍ୟାଗ କରି, ଧୂସର ଜଙ୍ଗଲରେ ପ୍ରକୃତିର ଅଂଶ ହୋଇ ପ୍ରକୃତିର ସ୍ୱରକୁ ଶୁଣିପାରିଲେ ସମୟ ସାର୍ଥକ ହେବ । ପ୍ରକୃତରେ, ଆମକୁ ସବୁକିଛି ବଦଳାଇଦେବାର ମାନସିକତାରୁ ମୁକ୍ତି ଆବଶ୍ୟକ । ମନୁଷ୍ୟ ଜଗତର ଶ୍ରେଷ୍ଠତମ ପ୍ରାଣୀ, ଧରାକୁ ବଦଳାଇ ଦେବାର ଅଧିକାର ଜନ୍ମଗତ, ଏହା ଏକ ବିବଶ ଧାରଣା ମାତ୍ର । ଏମିତି ବିଚାର ଆମକୁ ଧ୍ୱଂସ ମୁହଁକୁ ଠେଲିଚାଲିଛି । ଅତି ଦର୍ପେ ହତ ଲଙ୍କା ପରି କଥାଟା କେମିତି ପ୍ରଜୁଜ୍ୟ ଲାଗୁଥିଲା ସେତେବେଳେ ଛାମୁଣ୍ଡିଆ ପାଖ ମହାନଦୀର ଗଭୀର ପାଣିରେ ମେସିନ ବୋଟଟିଏ ପାଣିକୁ ଜୋରରେ ଦୁଇଭାଗକରି ଯାଉଥିଲା । ଲହଡ଼ି ଜୋରରେ ହେଉଥିଲା । ଆରୋହୀମାନେ ତରୁଣୀ ଥିଲେ ଆଉ ଚାଳକ ବୋଧହୁଏ କେଉଁ ସଂସ୍ଥାରୁ ନିଯୁକ୍ତ ଏକ ଯୁବକ । କିନ୍ତୁ ସ୍ଥାନଟା ଯେ ସାତକୋଶିଆ ଗଣ୍ଡ, ଅଭୟାରଣ୍ୟର ଜଳୀୟ ଭାଗ, ଆଉ ବହୁ ଦୁର୍ଲ୍ଲଭ ଜୀବ, କୁମ୍ଭୀର ତଥା ପକ୍ଷୀଙ୍କର ବାସସ୍ଥଳ । ଏଭଳି ଢେଉ ମାଡରେ କୁମ୍ଭୀରମାନେ ଚଡାରେ ଖରା ନପୁଆଇଁ ପାଣି ଭିତରକୁ ଚାଲିଯିବେ ଆଉ ପାଣିକୁଆମାନେ ଶିକାର କରିବାରେ ଅସୁବିଧା ଭୋଗ କରୁଥିବେ । ବାତାବାରଣରେ ଏପରି ଗମ୍ଭୀର ବିଚଳତା ବିରଳ ପ୍ରାଣୀମାନଙ୍କ ବିଶ୍ରାମ ବା ଧୈର୍ଯ୍ୟରେ ଆଘାତ ଘଟାଇବ, ଏହି ବୋଧଶକ୍ତି ସେମାନଙ୍କର ଥିଲା ପରି ଲାଗୁନଥିଲା । ଏ ସ୍ଥାନରେ ଯେ ନିଜକୁ ନମ୍ର ରଖୁ, ପାଦର ବେଗକୁ ପ୍ରକୃତିର ଗତି ସହ ମିଳାଇବାର ଅଛି, ନିଜର ତାଳକୁ ପ୍ରକୃତି ସହ ପ୍ରାୟ ସମତାଳ କରି ପ୍ରାଣୀ ଜଗତକୁ ଲକ୍ଷ୍ୟ କରିବାର ଅଛି । ଏ ଚିନ୍ତା ଅଧିକାଂଶ ରଖୁନାହାନ୍ତି । ଶେଷରେ, ସାମାନ୍ୟ ସୁବିଧା ଆଉ ସ୍ଥାନର ସଫାସୁତୁରା ଭଳି ସାଧାରଣ କାମପାଇଁ ସରକାରଙ୍କୁ ଅପେକ୍ଷା କରିବାର ଆବଶ୍ୟକତା ଏତେ କାହିଁକି ? ବହୁ କାମ ଆମେମାନେ ମିଳି କରିପାରିବା । ସଫାସୁତୁରା ପାଇଁ ପ୍ରବେଶ ଟିକେଟରେ ଆଉ ଦଶ ଟଙ୍କାର ଟିକସ ବରାଦ କରାଗଲେ ଅର୍ଥ ପର୍ଯ୍ୟାପ୍ତ ହେବ । ପାରଦର୍ଶିତା ପାଇଁ ତାହା ଟିକେଟରେ ଦର୍ଶାଯିବ । ସେହି ଆୟକୁ କେବଳ ଇଡିସି ଦ୍ୱାରା ନିୟୋଜିତ ସଫେଇ କର୍ମଚାରୀଙ୍କ ଦରମାରେ ଖର୍ଚ୍ଚ କରାଯିବ । ସେମାନେ ପ୍ରତି ଦଶ ମିନିଟରେ ଦୁଇ ବାଲିଟି ପାଣି ଢାଳିଦେଲେ ସବୁ ପରିଷ୍କାର ହୋଇଯିବ । କେବଳ ନିଷ୍ଠାର ସହ କାମ କରିବାର ଅଛି । ପାଣି ପାଖରେ, ଅସୁବିଧା ହେବ ନାହିଁ । ପ୍ରକୃତି ପର୍ଯ୍ୟଟନରେ ପ୍ରକୃତିର ସ୍ୱରୂପ ବଦଳାଇବାର ଇନ୍ଦ୍ରଧନୁ ଧାରଣ ନରହୁ । ଅରଣ୍ୟ ପରି ଏକ ନିର୍ଜନ ପବିତ୍ର ସ୍ଥାନର ନିରବତା ମନୁଷ୍ୟକୃତ ଶବ୍ଦର ପ୍ରାବଲ୍ୟରେ କୋଳାହଳରେ ପରିଣତ ନହେଉ । ପ୍ଲାଷ୍ଟିକ ପ୍ରଦୂଷଣରେ ସମସ୍ତେ ଅତିଷ୍ଠ ନହୁଅନ୍ତୁ । ଲୋକେ ପ୍ରକୃତିର ସ୍ୱର ଶୁଣନ୍ତୁ ଓ ତେବେ ଇକୋ ଟୁରିଜିମର ବା ପ୍ରକୃତି ପର୍ଯ୍ୟଟନର ମୂଲ୍ୟ ରହିବ । ଅନ୍ୟଥା ଆଉ ଏକ ବିପର୍ଯ୍ୟସ୍ତ ପର୍ଯ୍ୟଟନ ସ୍ଥଳୀରେ ଛତୁ ଫୁଟିଲା ପରି ଦୋକାନ ବଜାର ଖୋଲିଯିବ, ଲୋକେ ହାଉଯାଉ ହେବେ କିନ୍ତୁ ଯାହାକୁ ନେଇ ଇକୋ ଟୁରିଜିମ, ଅର୍ଥାତ ସେଇ ଜୈବିକ ଭିତ୍ତିଭୂମି ଅକ୍ଷୁର୍ଣ୍ଣ ରହିବନି, କ୍ରମ କ୍ଷୟଶୀଳ ହୋଇଚାଲିବ । ଅର୍ଥ, ଅନର୍ଥ ଆସିବ । ଜୈବିକି ଭିତ୍ତିଭୂମି ଦୃଢ଼ ରହୁ । ଏଠାରେ ନିର୍ମାଣ ଭିତ୍ତିଭୂମିର ତୀବ୍ର ଆବଶ୍ୟକତା ନାହିଁ । ସହରକୁ ଅରଣ୍ୟ ସୀମାରୁ ବାଟବରେଣି ନକରାଯାଉ । ଜଙ୍ଗଲ ଅଧିକ ଜଙ୍ଗଲିଆ ହୋଇ ରହୁ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୧ ମଇ ୨୦୨୬ ସୋମବାର





# ହୋଟେଲ୍‌ରେ ପରଷା ଯାଉଛି ବାସିଖାଦ୍ୟ:ଚଢ଼ଉ ପାଇଁ ଦାବି



**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲା ହୋଟେଲ୍‌ରେ ବାସୀ ଖାଦ୍ୟ ଦିଆଯାଉଥିବା ଅଭିଯୋଗ ହେଉଛି । ବର୍ଦ୍ଧିତ ଜନସଂଖ୍ୟାକୁ ଦୃଷ୍ଟିରେ ରଖି କୋରାପୁଟ ଜିଲ୍ଲାର ଜୟପୁର, ସେମିଳିଗୁଡା, କୋରାପୁଟ, ବୋରିଗୁମ୍ମା, କୋଟପାଡ, ବୈପାରିଗୁଡା, କୁନ୍ଦୁରା ପ୍ରମୁଖ ଅଞ୍ଚଳରେ ଛତୁ ଫୁଟିବା ଭଳି ହୋଟେଲ, ରେଷ୍ଟୁରାଣ୍ଟ ଗଢି ଉଠୁଛି । ସେଠାରେ ଗ୍ରାହକଙ୍କ ଭିଡ଼ ବି ଜମୁଛି । ଖାଦ୍ୟ ଆଳରେ କିନ୍ତୁ ସେମାନଙ୍କୁ ଜହର ପରଷା ଯାଉଛି । ପ୍ରତିଦିନ ଗ୍ରାହକଙ୍କ ବିଶ୍ୱାସ ସହ ହୋଟେଲ ଓ ରେଷ୍ଟୁରାଣ୍ଟ କର୍ତ୍ତୃପକ୍ଷ ଖେଳୁଥିବା ବେଳେ ଖାଦ୍ୟ ସୁରକ୍ଷା ବିଭାଗ ନିଘୋଡ଼ ନିଦରେ ଶୋଇ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଅଭିଯୋଗ ହେଲେ କାଁ ଭାଁ ଚଢଉ କରି ନିଜ ଦାୟିତ୍ୱ ତୁଲାଇ ଦେଉଛି ପ୍ରଶାସନ । ପ୍ରତ୍ୟେକ ଦିନ ରାଜ୍ୟର କୋଣ ଅନୁ କୋଣରୁ କୋରାପୁଟ ଜିଲ୍ଲାରୁ ପରିଦର୍ଶନ କରିବାକୁ ଆସି ଅଞ୍ଚଳର ବିଭିନ୍ନ ହୋଟେଲରେ ଖାଦ୍ୟ ଖାଉଛନ୍ତି । ମାତ୍ର ହୋଟେଲ କର୍ତ୍ତୃପକ୍ଷ ବାହ୍ୟ ଚାକଚକ୍ୟକୁ ଗୁରୁତ୍ୱ ଦେଉଥିବା ବେଳେ ଖାଦ୍ୟ ପ୍ରସ୍ତୁତି ଦିଗରେ ଯତ୍ନବାନ ହେଉନାହାନ୍ତି । ଫଳ ସ୍ୱରୂପ ପ୍ରତିଦିନ ଗ୍ରାହକ ଟଙ୍କା ଦେଇ ବାସି ଓ ଅପମିଶ୍ରିତ ଖାଦ୍ୟ ଖାଉଛନ୍ତି । ଅଞ୍ଚଳରେ ଶତାଧିକ ହୋଟେଲ ଅଛି । ଅନେକ ହୋଟେଲରେ ଖାଦ୍ୟ ପ୍ରସ୍ତୁତି ପ୍ରକ୍ରିୟା ଅତ୍ୟନ୍ତ ନିମ୍ନମାନର । ସବୁଠାରୁ ବଡ଼ କଥା ହେଉଛି ସ୍ଥାନୀୟ ଅଞ୍ଚଳରେ କିଛି ନାଁ କରିଥିବା ହୋଟେଲ ଗୁଡିକରେ ପ୍ରତିଦିନ ବାସି ଖାଦ୍ୟ ଗ୍ରାହକଙ୍କୁ ପରଷୁଛନ୍ତି । ଯାହାର ପ୍ରମାଣ ସ୍ୱରୂପ ଯଦି ଖାଦ୍ୟ ନିରାପତ୍ତା ବିଭାଗ ଅଚାନକ୍ ସକାଳୁ ଆସି ହୋଟେଲ୍‌ରେ ଥିବା ରେଫ୍ରିଜିରେଟର କିମ୍ବା ଫ୍ରିଜ୍ ଯାଞ୍ଚ କରିବେ ସତ୍ୟାସତ୍ୟ ସାମ୍ନାକୁ ଆସିବ । ଖାଦ୍ୟ ଗ୍ରାହକଙ୍କୁ ପରସୁଛନ୍ତି, ବିଶ୍ୱାସରେ ଗ୍ରାହକ ଏହାକୁ ଖାଉଛନ୍ତି । କେବଳ ବାସି ଖାଦ୍ୟ ନୁହେଁ, ଖାଦ୍ୟ ପ୍ରସ୍ତୁତ ସ୍ଥାନ ଉପରେ ନକହିବା ଭଲ । ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ ହେଉଛି । ମାସେ କିମ୍ବା ଦୁଇ ମାସ ନୁହେଁ ବର୍ଷ ବର୍ଷ ଧରି ଏଭଳି କାର୍ଯ୍ୟ ହୋଇଆସୁଛି । ଜିଲ୍ଲାର ବିଭିନ୍ନ ଅଞ୍ଚଳରେ କିଛି ଦିନ ପୂର୍ବେ ଖାଦ୍ୟ ସୁରକ୍ଷା ବିଭାଗ ତରଫରୁ ଯାଞ୍ଚ ହୋଇଥିଲା । କିନ୍ତୁ ନିୟମିତ ବ୍ୟବଧାନରେ ଯାଞ୍ଚ ହେଉନଥିବାରୁ ଅନେକ ହୋଟେଲ୍‌ରେ ଖୁଲମ୍ ଖୁଲ୍ଲା ବାସି ଖାଦ୍ୟ ବିକ୍ରି କରୁଛନ୍ତି । ସ୍ଥାନୀୟ କିଛି ବ୍ୟକ୍ତି ବିଶେଷ କହିଛନ୍ତି, ବଡ଼ ବଡ଼ ହୋଟେଲ୍ ମାଲିକଙ୍କ ସହ ଖାଦ୍ୟ ସୁରକ୍ଷା ବିଭାଗର ମଧୁଚନ୍ଦ୍ରିକା ରହିଛି । ଯେଉଁଥିପାଇଁ ଅଭିଯୋଗ ସତ୍ତ୍ୱେ ବିଭାଗ ସେଠାରେ ନିୟମିତ ବ୍ୟବଧାନରେ ଖାଦ୍ୟର ମାନ ଯାଞ୍ଚ ନକରି ଚୁପ୍ ବସିଛି । ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ସ୍ୱତନ୍ତ୍ର ଟିମ୍ ଅଚାନକ୍ ବିଭିନ୍ନ ହୋଟେଲ୍ ଯାଞ୍ଚ କଲେ ବାସି ଖାଦ୍ୟର ସତ୍ୟାସତ୍ୟ ସାମ୍ନାକୁ ଆସିପାରିବ ।

# ଚମକ ହରାଉଛି ଚିଲିକାର ବତୀଘର



**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ରମ୍ଭା ନିକଟ ଚିଲିକା ଉପକୂଳରେ ରହିଛି ବତୀଘର । ଚିଲିକା ସୌନ୍ଦର୍ଯ୍ୟକୁ ଦୁଇ ଗୁଣା କରୁଥିବା ଏହି ବତୀଘର ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷଣ କରୁଛି । ତେବେ ଏହି ବତୀଘରକୁ ନେଇ ଅନେକ ଲୋକକଥା ଶୁଣିବାକୁ ମିଳେ । ରମ୍ଭା ପାନ୍ଥନିବାସ ଜେଟି ଠାରୁ ଚିଲିକା ଜଳପଥର ୩ କିଲୋମିଟର ଦୂରରେ ରହିଛି ଏହି ବତୀଘର । ମଧୁରଚୁଆ ଗୌରାଙ୍ଗପାଟଣା ଉତ୍ତରକୋଣ ପାହାଡ଼କୁ ଲାଗି ଏହି ବତୀ ଘର ଅବସ୍ଥିତ । ଶୀତ ଦିନେ ବିଦେଶୀ ପକ୍ଷୀ ଚିଲିକା ସହ ଏହି ବତୀଘରରେ ସମାଗମ ହୋଇଥାନ୍ତି । ଯାହାକୁ ଦେଖିବାକୁ ପର୍ଯ୍ୟଟକମାନେ ଆସିଥାନ୍ତି । ଏହି ବତୀ ଘର ନିକଟରେ ଅନେକ କିମ୍ବଦନ୍ତି ରହିଛି । ବତୀଘର ହେଉଛି ଚିଲିକା ଉପକୂଳରେ ନିର୍ମିତ ଏକ ସ୍ତମ୍ଭ । ଚିଲିକାକୁ ଆକର୍ଷିତ କରିବା ସହ ଆଲୋକିତ କରିଥାଏ । ଏହା ରାତ୍ରି ସମୟରେ ଡ଼ଙ୍ଗାଗୁଡ଼ିକୁ ଦିଗ ନିର୍ଣ୍ଣୟ କରିବା, ପଥୁରିଆ ଉପକୂଳରୁ ସୁରକ୍ଷିତ ରହିବା ଏବଂ ଗ୍ରାମ ଉପକୂଳ ଭିତରକୁ ପ୍ରବେଶ କରିବାରେ ସାହାଯ୍ୟ କରିଥାଏ । ରାତିରେ ବହୁ ଦୂର ପର୍ଯ୍ୟନ୍ତ ଆଲୋକ ସଙ୍କେତ ଦେଇ ନାବିକଙ୍କୁ ଦିଗ ଠଉରାଉବାରେ ସହାୟକ ହୋଇଥାଏ । ସେହିପରି ଆକାଶପଥରେ ଉଡୁଥିବା ବିମାନ ପାଇଁ ମଧ୍ୟ ଏହା ଏକ ଦିଗବାରେଣୀ ପରି କାମ କରିଥାଏ । ପୂର୍ବ କାଳରେ ଚିଲିକା ପଥରେ ଯାତାୟାତ ଓ ବାଣିଜ୍ୟ ପାଇଁ ସ୍ଥାନେ ସ୍ଥାନେ ବତିଘର ନିର୍ମିତ ହୋଇଥିଲା । ଆଧୁନିକ ଯୁଗରେ ବୈଷୟିକ ଜ୍ଞାନକୌଶଳ ଓ ଆଧୁନିକ ଉପକରଣ ସହାୟତାରେ ନାବିକମାନେ ଦିଗ ଓ ପଥ ନିର୍ଣ୍ଣୟ କରିପାରୁଛନ୍ତି । ତେଣୁ ରକ୍ଷଣାବେକ୍ଷଣ ଅଭାବରୁ ବର୍ତ୍ତମାନ ଚିଲିକାର ଏହି ବତିଘର ଚମକ ଓ ଅସ୍ତିତ୍ୱ ହରାଇ ବସିଛି । ଚିଲିକା କୂଳ ଗ୍ରାମର ଯାତାୟାତ ବ୍ୟବସ୍ଥା ବିକଶିତ ହେବା ପୂର୍ବରୁ ପାହାଡ଼ମାନଙ୍କ ଉପରେ ନିଆଁ ଜଳାଇ ବା ବଡ଼ ମଶାଲ୍ ରଖାଯାଉଥିଲା ଯାହା ନାବିକ ଓ ମତ୍ସ୍ୟଜୀବୀଙ୍କୁ ରାତିର ଅନ୍ଧାରରେ ବାଟ ଖୋଜିବାରେ ସହାୟକ ହେଉଥିଲା । ପ୍ରାଚୀନ କାଳରେ ମୁଖ୍ୟତଃ ପାଲୁର ବନ୍ଦରକୁ ରହିଥିବା ପ୍ରବେଶ ପଥରେ ବତୀଘର ସ୍ଥାପିତ ହେଉଥିଲା । ଆଧୁନିକ ସମୟରେ ଯେପରି ଅନ୍ତରୀପ, ସମୁଦ୍ର ଗର୍ଭରୁ ଅକସ୍ମାତ ବାହାରି ଆସିଥିବା ପାହାଡ଼ ବା ଶିଳାଖଣ୍ଡ ପ୍ରଭୃତିରୁ ଜାହାଜକୁ ଦୂରେଇ ରହିବା ପାଇଁ ବତୀଘର ସଙ୍କେତ ଦେଇଥାଏ ସେପରି ପ୍ରାଚୀନ ସମୟରେ ହେଉନଥିବା ଅନୁମାନ କରାଯାଏ ।

## ମହୀଧର ହେଲେ ଜିଲ୍ଲା ବିଜେଡ଼ିର କାର୍ଯ୍ୟକାରୀ ସଭାପତି, ଅଶୋକ ରାଜ୍ୟ ବିଜେଡିର ସମ୍ପାଦକ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ବିଜେଡି କାର୍ଯ୍ୟାଳୟ ଶଙ୍ଖ ଭବନ ପକ୍ଷରୁ ପ୍ରାପ୍ତ ସୂଚନା ଅନୁଯାୟୀ ବୌଦ୍ଧ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ଭାବେ କନ୍ଧମାଳର ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେଡି ନେତା ମହୀଧର ରଣା ନିଯୁକ୍ତ ହୋଇଛନ୍ତି । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏହି ନିଯୁକ୍ତି ପ୍ରଦାନ କରିଥିବା ସୂଚନା ମିଳିଛି । ସେହିପରି ବୌଦ୍ଧ ଜିଲ୍ଲାର ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଅଶୋକ କୁମାର ସାହୁ ରାଜ୍ୟ ବିଜେଡିର ସମ୍ପାଦକ ଭାବେ ନିଯୁକ୍ତ ହୋଇଛନ୍ତି । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଉକ୍ତ ନିଯୁକ୍ତି ପ୍ରଦାନ କରିଥିବା ବେଳେ ଶ୍ରୀ ସାହୁଙ୍କୁ ଦଳୀୟ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି ।

## ନିର୍ମାଣର ୫ ବର୍ଷ ବିତିଲା, ତଥାପି ହସ୍ତାନ୍ତର ହେଉନି ଅଙ୍ଗନୱାଡି ଗୃହ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ ଅଙ୍ଗନୱାଡି ଗୃହ ଅଧିକାଂଶ ଜାଗାରେ ନଥିବାରୁ ଅଙ୍ଗନୱାଡି ଶିଶୁ ଦୟନୀୟ ଅବସ୍ଥାରେ ପାଠ ପଢୁଛନ୍ତି । ଜିଲ୍ଲାର କେତେକ ବ୍ଲକରେ ଅଙ୍ଗନୱାଡି ଗୃହ ୫ ବର୍ଷ ହେଲା ନିର୍ମାଣ ସରିବା ସତ୍ତ୍ୱେ ବିଡିଓ ବିଭିନ୍ନ ଆଡ ଦେଖାଇ ଅଙ୍ଗନୱାଡି ଗୃହକୁ ସିଡିପିଓ ମାନଙ୍କୁ ହସ୍ତାନ୍ତର କରୁନାହାଁନ୍ତି । ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅଙ୍ଗନୱାଡି ମିଟିଙ୍ଗରେ ଏହି ବିଷୟ ଆଲୋଚନା କରିବା ସମୟରେ ଜିଲ୍ଲାପାଳ ବିଡିଓମାନଙ୍କୁ ଅଙ୍ଗନୱାଡି ଗୃହ ହସ୍ତାନ୍ତର ବିଷୟରେ ପଚାରିଲେ ସାର୍ ଆମେ ଦିନେ ଦୁଇଦିନ ଭିତରେ ହସ୍ତାନ୍ତର କରିବୁ ବୋଲି ବାହାନା ମାରି ଖସୁଛନ୍ତି । ଯାହାଫଳରେ ଅଙ୍ଗନୱାଡି ଶିଶୁ ଦୟନୀୟ ଅବସ୍ଥା ଭୋଗୁଛନ୍ତି । କେତେକ ସ୍ଥାନରେ ଶ୍ରେଣୀ ଗୃହ ନଥିବାରୁ ଶିଶୁମାନେ ବାରଣ୍ଡାରେ ରୋଷେଇଘରେ ବସୁଥିବା ଦେଖିବାକୁ ମିଳୁଛି । କେନ୍ଦ୍ରାପଡା ଜିଲ୍ଲାରେ ଆଳି ବ୍ଲକରେ ଦୁଇଟି, ଡେରାବିଶ ବ୍ଲକରେ ୧୨ଟି, ଗରଦପୁର ବ୍ଲକରେ ୨ଟି, କେନ୍ଦ୍ରାପଡା ବ୍ଲକରେ ୨ଟି, ମହାକାଳପଡାରେ ୬ଟି, ମାର୍ଶାଘାଇରେ ୧ଟି, ପଟ୍ଟାମୁଣ୍ଡାଇରେ ୩ଟି, ରାଜକନିକାରେ ୩ଟି ଓ ରାଜନଗରରେ ୧୦ଟି ମୋଟ୍ ଜିଲ୍ଲାରେ ୪୧ଟି ଅଙ୍ଗନୱାଡି କେନ୍ଦ୍ର ଦୀର୍ଘ ୨ରୁ ୫ ବର୍ଷ ଭିତରେ ସମ୍ପୂର୍ଣ୍ଣ ବ୍ୟବହାର ଉପଯୋଗୀ ଥିଲେ ମଧ୍ୟ ବିଡିଓମାନେ ବିଭିନ୍ନ ଆଳ ଦେଖାଇ ସିଡିପିଓ ମାନଙ୍କୁ ହସ୍ତାନ୍ତର କରୁନଥିବାରୁ ଅସନ୍ତୋଷ ବଢିବା ସହ ଶିଶୁମାନଙ୍କର ଅଭିଭାବକମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଜିଲ୍ଲାପାଳଙ୍କୁ ତୁରନ୍ତ ଅଙ୍ଗନୱାଡି ଗୃହ ହସ୍ତାନ୍ତର କରିବା ପାଇଁ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ।

**//////////////////// ରବି ଋତୁ ୨୦୨୫-୨୬ ନିମନ୍ତେ କ୍ରୟ କମିଟି ବୈଠକ ////////////////////**

# ସରକାରଙ୍କ ପ୍ରତ୍ୟେକ ଯୋଜନା ଚାଷୀଙ୍କ ନିକଟରେ ପହଞ୍ଚୁ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲା କୃଷି ବିଭାଗ ଆନୁକୂଲ୍ୟରେ ରବି ଋତୁ ୨୦୨୫-୨୬ ନିମନ୍ତେ ଜିଲ୍ଲା ସ୍ତରୀୟ ଡାଲି ଓ ତୈଳବୀଜ କୃଷି କ୍ରୟ କମିଟି ବୈଠକ ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉପସ୍ଥିତ ରହି ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ସମସ୍ତ ଚାଷୀମାନଙ୍କୁ ରେଜିଷ୍ଟ୍ରେସନ୍ ନିମନ୍ତେ ସଚେତନ କରିବା ଏବଂ ଝୋଟ ବ୍ୟାଗ୍ ଯୋଗାଇବା ଉପରେ ଗୁରୁତ୍ୱ ଦେଇଥିଲେ । ଜଗତସିଂହପୁର ଜିଲ୍ଲା ଏକ କୃଷି ପ୍ରଧାନ ଜିଲ୍ଲା । ଚାଷୀ ମାନଙ୍କ ନିମନ୍ତେ ସରକାରଙ୍କର ଅନେକ ଯୋଜନା




ରହିଛି । କୃଷକମାନେ ଯେପରି ପ୍ରତ୍ୟେକ ଯୋଜନାର ସୁଫଳ ପାଇପାରିବେ ସେଥିପ୍ରତି କୃଷି ବିଭାଗ ଅଧିକାରୀମାନେ ଯତ୍ନବାନ ହେବା ଆବଶ୍ୟକ ବୋଲି ସେ କହିଥିଲେ । ବୈଠକରେ ଅଧକ୍ଷତା କରି ସିଡିଓ କହିଲେ ଯେ ଜିଲ୍ଲାରେ ଅଧିକରୁ ଅଧିକ ଚାଷୀ ଯେପରି ଏହି କ୍ରୟ ପ୍ରକ୍ରିୟାରେ ନିଜ ନିଜର ନାମ ପଞ୍ଜିକରଣ କରିବେ ସେଥିପ୍ରତି ବ୍ଲକ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ ଏବଂ ସମବାୟ ବିଭାଗ ଅଧିକାରୀ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ । ସବ୍‌ସିଡି ବାବଦରେ କୃଷି ଅଧିକାରୀମାନେ ପଞ୍ଚାୟତ ସ୍ତରରେ ବ୍ୟାପକ ପ୍ରଚାର ପ୍ରସାର ସହିତ ଚାଷୀମାନଙ୍କୁ ସଚେତନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଭୁଦତ୍ତ ସାହୁ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ । ଚଳିତ ରବି ଋତୁରେ ଡାଲି ଜାତୀୟ ଫସଲରେ ମୁଗ, ବିରି ଓ ତୈଳ ଜାତୀୟ ଫସଲରେ ବାଦାମ, ସୋରିଷ, ସୂର୍ଯ୍ୟମୁଖୀ ସମସ୍ତ ଫସଲ ରହିଛି । ଏଥିରେ ମୁଗର ଏମ୍‌ଏସ୍‌ପି କ୍ୱିଣ୍ଟାଲ ପିଛା ୮୭୬୮ ଟଙ୍କା, ବିରି ୭୮୦୦ ଟଙ୍କା, ବାଦାମ୍ ୭୨୬୩ ଟଙ୍କା, ସୂର୍ଯ୍ୟମୁଖୀ ୭୭୨୧ ଟଙ୍କା ଓ ସୋରିଷ ୬୨୦୦ ଟଙ୍କା ରହିଛି । ସମସ୍ତ ବ୍ଲକର ବି.ଏ.ଓ. ମାନଙ୍କ ଦ୍ୱାରା ଯାଞ୍ଚ କରାଯିବା ପରେ ୧୨ଟି କୃଷକ ଉତ୍ପାଦକ କମ୍ପାନୀ (ଏଫ. ପି. ସି.) ସହିତ ୧୧ଟି ପ୍ରାଥମିକ କୃଷି ସମବାୟ ସମିତି (PACS) ଏବଂ ୨ଟି ଆର.ଏମ.ସି., ଏହିପରି ୨୫ଟି କ୍ରୟ କେନ୍ଦ୍ର ଭାବେ ଚୟନ କରାଯାଇଛି । ଏଥି ମଧ୍ୟରୁ ଆର୍‌ଏମ୍‌ସି ଜଗତସିଂହପୁର ଓ ଆର୍‌ଏମ୍‌ସି ରାହାମାରେ ମୁଗ, ବିରି କିଣା ହେବ । ସେମାନଙ୍କୁ ମାର୍କଫେଡ୍ ସହିତ ବୁଝାମଣା ପତ୍ର ଗ୍ରହଣ କରିବାକୁ ପଡ଼ିବ ଏବଂ ଇ-ସମୃଦ୍ଧି ପୋର୍ଟାଲ୍‌ରେ କୃଷକମାନଙ୍କ ପାଇଁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ କରିବାକୁ ପଡ଼ିବ । ପଞ୍ଜୀକରଣ ପାଇଁ ଆବଶ୍ୟକ ଡକ୍ୟୁମେଣ୍ଟ ଗୁଡ଼ିକ ହେଉଛି କୃଷକ ପରିଚୟ ପ୍ରମାଣପତ୍ର (ଏଫ୍. ଆଇ. ସି.) ଆଧାର କାର୍ଡ, ଜମି ବିବରଣୀ, ବ୍ୟାଙ୍କ ପାସ୍ ବୁକ୍ ଜେରକ୍ସ । ପ୍ରତ୍ୟେକ ବ୍ଲକରେ ମାଇକ୍ ମାଧ୍ୟମରେ ମାର୍କଫେଡ୍ ଦ୍ୱାରା କ୍ରୟ ପାଇଁ ସଚେତନତା ଅଭିଯାନ କରାଯିବ । FAQ ମାନ ନିର୍ଦ୍ଧାରଣ କରାଯିବ । ଏହି ବୈଠକରେ ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ, କ୍ଷେତ୍ରୀୟ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ମେ ମାସର ଦ୍ୱିତୀୟ ସପ୍ତାହରୁ କ୍ରୟ ପ୍ରକ୍ରିୟା ଆରମ୍ଭ ହେବାର ସମ୍ଭାବନା ରହିଛି ।

## ୨୦ରେ କେନ୍ଦ୍ରାପଡ଼ା ଜିଲ୍ଲାରେ ସମସ୍ତ ଔଷଧ ଦୋକାନ ବନ୍ଦ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଜାତୀୟ କେମିଷ୍ଟ ଓ ଡ୍ରଗିଷ୍ଟ ସଂଘର ଆହ୍ୱାନ୍ କ୍ରମେ କେନ୍ଦ୍ରାପଡା ଜିଲ୍ଲା କେମିଷ୍ଟ ଓ ଡ୍ରଗିଷ୍ଟ ସଂଘ ପକ୍ଷରୁ କେନ୍ଦ୍ର ସରକାରଙ୍କର ନୂତନ ନିୟମକୁ ବିରୋଧ କରି ଆସନ୍ତା ମଇ ୨୦ ତାରିଖ ଜିଲ୍ଲାର ସମସ୍ତ ଔଷଧ ଦୋକାନ ଗୁଡିକ ବନ୍ଦ ରଖିବାକୁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । କେନ୍ଦ୍ରାପଡା ଜିଲ୍ଲା କେମିଷ୍ଟ ଓ ଡ୍ରଗିଷ୍ଟ ସଂଘ ପକ୍ଷରୁ ଶତାଧିକ ସଭ୍ୟ ଜିଲ୍ଲାପାଳଙ୍କୁ ଭେଟି ଏନେଇ ଏକ ଦାବିପତ୍ର ପ୍ରଦାନ କରି ସହଯୋଗ କାମନା କରିଛନ୍ତି । ଏହି ଦାବିଗୁଡିକ ମଧ୍ୟରୁ ଔଷଧର ଅନ୍‌ଲାଇନ୍ ବିକ୍ରୟ ବନ୍ଦ କରିବା, କର୍ପୋରେଟ୍ ସଂସ୍ଥା ଦ୍ୱାରା ଗଭୀର ରିହାତି ବନ୍ଦ କରିବା, ନକଲି ଔଷଧକୁ ବଜାରରୁ ଏଡାଇବା ଆଦି ଦାବି ଗୁଡିକ ରହିଛି । ଏହି ଦାବିପତ୍ର ପ୍ରଦାନ ସମୟରେ କେନ୍ଦ୍ରାପଡା ଜିଲ୍ଲା କେମିଷ୍ଟ ଓ ଡ୍ରଗିଷ୍ଟ ସଂଘର ସଭାପତି ପ୍ରଫୁଲ୍ଲ କୁମାର ସାହୁଙ୍କ ନେତୃତ୍ୱରେ ସଂପାଦକ ଗୋପୀନାଥ ବାରିକଙ୍କ ସମେତ ଭକ୍ତ ଚରଣ ସାହୁ, ତାପସ କୁମାର ପାଢୀ, ରାଜେନ୍ଦ୍ର ସ୍ୱାଇଁ, ଦୁଷ୍ମନ୍ତ କୁମାର ଜେନା, ଦିଲ୍ଲୀପ ଦାସ, ବୀରେନ୍ଦ୍ର କୁମାର ଦାସ, ଶୈଳେନ୍ଦ୍ର କୁମାର ପରିଡା, ସତ୍ୟବ୍ରତ ଦାସ, ହୃଷୀକେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଜନଗଣନା କାର୍ଯ୍ୟରେ ଗ୍ରାମବାସୀଙ୍କ ଅସହଯୋଗ ନେଇ ଜନଶୁଣାଣି

**ରାଇରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

କୁସୁମୀ ବ୍ଲକ ଅନ୍ତର୍ଗତ ଯୋଡ଼ାପୋଖରୀ ଗ୍ରାମରେ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଜନଗଣନା ଅଧିକାରୀ ଦୁଖବନ୍ଧୁ ନାୟକଙ୍କ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଜନ ଶୁଣାଣି ଶିବିରରେ ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାର, ଉପଜିଲ୍ଲାପାଳ ଉଗ୍ରସେନ ଓରାମ, ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରା, କୁସୁମୀ ବିଡିଓ ଶିବ ଶଙ୍କର ମୁର୍ମୁ, ତହସିଲଦାର ଅଭିସ୍ମିତା ତିୱାରୀ, ସହକାରୀ ଜିଲ୍ଲାପାଳ ତଥା ଜିଲ୍ଲା ଉପ ଜନଗଣନା ଅଧିକାରିଣୀ ମାନସୀ ତରାଇ ଓ ଭୁବନେଶ୍ୱର ଜନଗଣନା ନିର୍ଦ୍ଦେଶାଳୟର ଅଧିକାରୀ ଯୋଗଦେଇଥିଲେ । ଏହି ଶିବିରରେ ମୁଖ୍ୟତଃ ଜନଗଣନା କାର୍ଯ୍ୟରେ ଗ୍ରାମବାସୀଙ୍କ ଅସହଯୋଗର କାରଣ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ପ୍ରକାଶ ଥାଉକି କୁସୁମୀ ବ୍ଲକ ଅଧିନସ୍ଥ ଆହାରବନ୍ଧ ମୌଜାର ଯୋଡାପୋଖରୀ ଗ୍ରାମବାସୀମାନେ ଅନେକ ସମୟରେ ତହସିଲରୁ ବିଭିନ୍ନ ପ୍ରମାଣ ପତ୍ର ପାଇବା, ଶିକ୍ଷାନୁଷ୍ଠାନରେ ନିଜ ନିଜ ସନ୍ତାନସନ୍ତତି ମାନଙ୍କ ନାମଲେଖା ପାଇଁ ଇତ୍ୟାଦି ବିଭିନ୍ନ କ୍ଷେତ୍ରରେ ଅସୁବିଧା



ସମ୍ମୁଖୀନ ହେଉଥିବାରୁ ତା'ଙ୍କ ଗ୍ରାମକୁ ମୂଳ ରାଜସ୍ୱ ଗ୍ରାମ ଆହାରବନ୍ଧ ଗ୍ରାମରୁ ଅଲଗା କରି ଯୋଡ଼ାପୋଖରୀକୁ ଏକ ନୂତନ ରାଜସ୍ୱ ଗ୍ରାମ ଭାବେ ଘୋଷଣା କରିବା ନେଇ ଦୀର୍ଘ ଦିନର ଦାବିକୁ ସରକାରଙ୍କ ଦ୍ୱାରା ପୂରଣ କରାଯାଇ ନଥିବା ହେତୁ ଚଳିତ ବର୍ଷ ସରକାରଙ୍କ ତରଫରୁ କରାଯାଉଥିବା ଜନଗଣନାର ପ୍ରଥମ ପର୍ଯ୍ୟାୟ ଗୃହ ଗଣନା କାର୍ଯ୍ୟକୁ ପ୍ରତିବାଦ କରି ଉକ୍ତ ଗ୍ରାମର ଗ୍ରାମବାସୀମାନେ ଜନଗଣନା କାର୍ଯ୍ୟରେ ଅସହଯୋଗ କରିବା ପରିପ୍ରେକ୍ଷୀରେ ଏହାର ସମାଧାନ ନିମନ୍ତେ ଗ୍ରାମବାସୀଙ୍କ ସହିତ ପୁଙ୍ଖାନୁପୁଙ୍ଖ ଆପୋଷ ଆଲୋଚନା ପରେ ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ସ୍ପଷ୍ଟୀକରଣ ଦେଇ କହିଥିଲେ ଯେ, ମୂଳ ରାଜସ୍ୱ ଗ୍ରାମରୁ ଅଲଗା କରି ଏକ ନୂତନ ରାଜସ୍ୱ ଗ୍ରାମ କରିବା ପାଇଁ ଅତୀତରେ ରାଜସ୍ୱ ବିଭାଗର କିଛି ଜଟିଳ ନିୟମ ନୀତି ତଥା ମାନଦଣ୍ଡ ପାଇଁ ଏହା ସମ୍ଭବ ହୋଇପାରିନଥିଲା । ମାତ୍ର ୨୦୨୧ ମସିହାରେ ରାଜସ୍ୱ ବିଭାଗର ନିର୍ଦ୍ଦେଶନାମାରେ ଏହି ଜଟିଳତାକୁ ଦୂରୀକରଣ କରାଯାଇ ନୂତନ ରାଜସ୍ୱ ଗ୍ରାମ କରିବା ପାଇଁ ପୂର୍ବରୁ ଥିବା ଜଟିଳତାକୁ ଦୂରୀକରଣ କରାଯାଇ ଏହି ନିୟମର ସରଳିକରଣ ତଥା ମାନଦଣ୍ଡର ପରିବର୍ତ୍ତନ କରାଯାଇଛି । ଉକ୍ତ ସଂଶୋଧିତ ନିୟମ ଅନୁସାରେ ବର୍ତ୍ତମାନ ଯୋଡ଼ାପୋଖରୀ ଗ୍ରାମ ନୂତନ ମାନଦଣ୍ଡକୁ ପୂର୍ଣ୍ଣ କରିଥିବାରୁ ସେହି ଆଧାରରେ ତା ୨୮-୦୪-୨୦୨୬ ରିଖ ଯୋଡ଼ାପୋଖରୀ ଗ୍ରାମକୁ ଏକ ନୂତନ ରାଜସ୍ୱ ଜିଲ୍ଲା କରିବା ନେଇ ପ୍ରସ୍ତାବକୁ ଅନୁମୋଦନ ନିମନ୍ତେ ଜିଲ୍ଲାପାଳଙ୍କ ସୁପାରିଶ ସହ ଆବଶ୍ୟକୀୟ ଦସ୍ତାବିଜ ବୋର୍ଡ଼ ଅଫ୍ ରେଭିନ୍ୟୁ, ଓଡ଼ିଶା, କଟକଙ୍କ ନିକଟରେ ଦାଖଲ କରାଯାଇଛି । ତେଣୁ ଯୋଡ଼ାପୋଖରୀକୁ ନୂତନ ରାଜସ୍ୱ ଗ୍ରାମ କରାଇବା ପାଇଁ ପ୍ରଶାସନ ତରଫରୁ ସମୟୋଚିତ ପଦକ୍ଷେପ ନିଆଯାଇଛି ଏବଂ ଏ ସମ୍ବନ୍ଧରେ ପ୍ରଶାସନିକ ସ୍ତରରେ ସମସ୍ତ ପ୍ରକ୍ରିୟା ଜାରି ରହିଛି । ପୁନଶ୍ଚ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ଗ୍ରାମବାସୀଙ୍କ ମନ ଭିତରେ ଥିବା ସମସ୍ତ ସଂଶୟ ଦୂର କରି ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି ଯେ ୨୦୨୬ ମସିହା ସୁଦ୍ଧା ଏହା ରାଜସ୍ୱ ଗ୍ରାମ ଭାବେ ଘୋଷଣା ହେବ । ପରିଶେଷରେ ଜନଗଣନା କାର୍ଯ୍ୟରେ ସବୁ ପ୍ରକାର ସହଯୋଗ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଗ୍ରାମବାସୀମାନଙ୍କୁ ନିବେଦନ କରିଥିଲେ । ଉକ୍ତ ଶିବିରରେ ପିଇଓ, ସିଡିପିଓ, ଆର୍‌ଆଇ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଆହାରବନ୍ଧ ସରପଞ୍ଚ, ସମିତି ସଭ୍ୟ ଓ ଗ୍ରାମବାସୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ବିଶ୍ୱବିଦ୍ୟାଳୟରେ "ପୋଥିଦାନ ମହାପୁଣ୍ୟ" କାର୍ଯ୍ୟକ୍ରମ




**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ, ଓଡ଼ିଆ ଭାଷା ଓ ପ୍ରାଚୀନ ସାହିତ୍ୟ ସଂରକ୍ଷଣକୁ କେନ୍ଦ୍ର କରି "ପୋଥିଦାନ ମହାପୁଣ୍ୟ" କାର୍ଯ୍ୟକ୍ରମ ଏକ ଆକର୍ଷଣୀୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ତାଳପତ୍ର ଖୋଦିତ ପୋଥି ସଂରକ୍ଷଣ ଓ ଓଡ଼ିଆ ଐତିହ୍ୟର ପୁନରୁଦ୍ଧାର ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଥିଲେ ଯେ, ତାଳପତ୍ର ପୋଥି ଓଡ଼ିଆ ଜାତିର ଅମୂଲ୍ୟ ସଂସ୍କୃତିକ ସମ୍ପଦ । ଏହାର ସଂରକ୍ଷଣ ଓ ଗବେଷଣା ମାଧ୍ୟମରେ ଆମ ଭାଷାର ଐତିହ୍ୟକୁ ଆଗାମୀ ପିଢି ପାଖରେ ପହଞ୍ଚାଇବା ଆବଶ୍ୟକ । ବିଶ୍ୱବିଦ୍ୟାଳୟ ଏହି ଦୁର୍ଲଭ ପୋଥିଗୁଡ଼ିକର ସଂରକ୍ଷଣ ଓ ଡିଜିଟାଲ୍ ଆର୍କାଇଭ ପ୍ରସ୍ତୁତି ପାଇଁ ପଦକ୍ଷେପ ନେବ ବୋଲି ସେ କହିଥିଲେ । ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ଅନୁଷ୍ଠାନର ସଭାପତି ଡକ୍ଟର ଚୌଧୁରୀ ସତ୍ୟବ୍ରତ ନନ୍ଦ ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ, ମାତୃଭାଷାର ମୂଳ ସଂସ୍କୃତିକ ଆଧାର ହେଉଛି ଏହି ପୋଥି ପରମ୍ପରା । ସମାଜର ପ୍ରତ୍ୟେକ ଶ୍ରେଣୀର ଲୋକ ଏହି ପୁରାତନ ଧରୋହର ସୁରକ୍ଷାରେ ସାମିଲ୍ ହେବା ଉଚିତ୍ । ସେ କହିଥିଲେ ଯେ, ଏହି ପୋଥିଗୁଡ଼ିକ କେବଳ ଲେଖା ନୁହେଁ, ଏଗୁଡ଼ିକ ଆମ ଜାତିର ଐତିହାସିକ ସ୍ମୃତିଚିହ୍ନ । ଏଥିସହିତ ସମ୍ପାଦକ ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ କହିଥିଲେ ଯେ, ଗ୍ରାମାଞ୍ଚଳରେ ଅବହେଳିତ ଅବସ୍ଥାରେ ରହିଥିବା ଅନେକ ତାଳପତ୍ର ପୋଥିକୁ ଖୋଜି ସଂଗ୍ରହ କରାଯାଉଛି । ଏହାକୁ ଗବେଷଣା ପାଇଁ ବିଶ୍ୱବିଦ୍ୟାଳୟକୁ ପ୍ରଦାନ କରିବା ଏକ ସାମାଜିକ ଦାୟିତ୍ୱ ବୋଲି ସେ ମତ ପ୍ରକାଶ କରିଥିଲେ । କୁଳସଚିବ କୁକୁମୀନା ଦାସ ଓ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରା ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ, ଏହି ପୋଥିଦାନ କାର୍ଯ୍ୟକ୍ରମ ଓଡ଼ିଆ ଭାଷା ଓ ସାହିତ୍ୟ ଗବେଷଣାକୁ ନୂତନ ଦିଗ ଦେବ । ଏପରି ଐତିହ୍ୟ ସଂରକ୍ଷଣ ବିଶ୍ୱବିଦ୍ୟାଳୟ ତଥା ସରକାରଙ୍କ ମିଳିତ ପ୍ରୟାସ ଶିକ୍ଷାଜଗତ ପାଇଁ ଅତ୍ୟନ୍ତ ପ୍ରେରଣାଦାୟକ ବୋଲି ସେମାନେ ମତ ଦେଇଥିଲେ । ଏହି ଅବସରରେ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ଅନୁଷ୍ଠାନର ସଦସ୍ୟମାନଙ୍କ ଦ୍ୱାରା ରଚିତ ଓ ଅଭିନୀତ ନାଟକ "ପୋଥିଦାନ ମହାପୁଣ୍ୟ" ମଞ୍ଚସ୍ଥ ହୋଇଥିଲା । ନାଟକଟି ମାଧ୍ୟମରେ ପୋଥିର ମୂଲ୍ୟ, ସଂରକ୍ଷଣର ଆବଶ୍ୟକତା ଓ ସାମାଜିକ ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇଥିଲା । ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ଅନୁଷ୍ଠାନ ଦ୍ୱାରା ସଂଗୃହୀତ ତାଳପତ୍ର ପୋଥିଗୁଡ଼ିକ ଏହି ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ପ୍ରଦାନ କରାଯାଇଥିଲା । ଦୁଇଟି ପର୍ଯ୍ୟାୟରେ ମୋଟ୍ ୬୧ଟି ଓ ୮୫ଟି ତାଳପତ୍ର ଖୋଦିତ ପୋଥିକୁ ଭାଷା ବିକାଶ ଆନ୍ଦୋଳନ ଅନୁଷ୍ଠାନ ଏବଂ ସ୍ରଷ୍ଟା ନାଟ୍ୟାଳୟ, ମାକଳପୁର, ମୋତିଗଞ୍ଜର ସଦସ୍ୟମାନେ ବିଶ୍ୱବିଦ୍ୟାଳୟକୁ ହସ୍ତାନ୍ତର କରିଥିଲେ । ସୂଚନାମତେ, ଏହି ପୋଥିଗୁଡ଼ିକ ବାଣିଦା ଗ୍ରାମର ନରେନ୍ଦ୍ରନାଥ ମହାପାତ୍ର, ବିଷ୍ଣୁପୁର ଗ୍ରାମର ଭୋଳାନାଥ ତ୍ରିପାଠୀ ତଥା ଆଖପାଖ ଅଞ୍ଚଳରୁ ସଂଗୃହୀତ ହୋଇଥିବା ଜଣାପଡ଼ିଛି । କାର୍ଯ୍ୟକ୍ରମକୁ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ସଂଚାଳନା କରିଥିଲେ ଏବଂ ଶେଷରେ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ଗେଙ୍ଗୁଟି ନଦୀ ଶଯ୍ୟାରୁ ମାଫିଆଙ୍କ ବାଲି ଲୁଟ୍:ବିଭାଗ ଚୁପ୍

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ପ୍ରଶାସନର ଆଖିରେ ଧୂଳି ଦେଇ ତଥା ପ୍ରଶାସନର ନାକ ତଳେ ଚାଲିଛି କୋଟି କୋଟି ଟଙ୍କାର ବାଲି ଚୋରା ଚାଲାଣ । ଧାମନଗର ବ୍ଲକ ଧୁଶୁରି ଥାନା ଅନ୍ତର୍ଗତ ନରସିଂହପୁର ମୌଜାରେ ଏବେ ବାଲି ମାଫିଆଙ୍କ ପ୍ରାଦୁର୍ଭାବ ଚରମ ସୀମାରେ ପହଞ୍ଚିଛି । ଧୁଷୁରୀ ପଞ୍ଚାୟତ ଓ ଭଟସାହି ପଞ୍ଚାୟତର ମଧ୍ୟସ୍ଥଳ ତଥା ବ୍ରାହ୍ମଣପାଳ କାଳୀମନ୍ଦିରର ପଛପଟ ଗେଙ୍ଗୁଟି ଶାଖା ନଦୀରୁ ଦିନ ଦ୍ୱିପ୍ରହରରେ ବେଆଇନ୍ ଭାବେ ବାଲି ଉତ୍ତୋଳନ କରାଯାଉଥିବା ବେଳେ ନଦୀର ଅସ୍ତିତ୍ୱ ଏବେ ସଙ୍କଟରେ । ମିଳିଥିବା ସୂଚନା ଅନୁଯାୟୀ, ନରସିଂହପୁର ମୌଜାର ଖାତା ନଂ ୮୧୦ ଏବଂ ପ୍ଲଟ୍ ନଂ ୧୨ (ଏରିଆ ୬୭୨) ବିଶିଷ୍ଟ ଗେଙ୍ଗୁଟି ଶାଖା ନଦୀରୁ ନିୟମକୁ ଜଳାଞ୍ଜଳି ଦେଇ ବେଆଇନ୍ ଭାବେ ବାଲି ଖୋଳା ଚାଲିଛି । କେବଳ ସେତିକି ନୁହେଁ, ଏହି ବାଲିକୁ ସୁରକ୍ଷିତ ଭାବେ ରଖିବା ପାଇଁ ମାଫିଆମାନେ ନିକଟସ୍ଥ ଖାତା ନଂ ୮୩୩, ପ୍ଲଟ୍ ନଂ ୪୩୮୩ ଉପରେ ବାଲିର ଏକ ବିରାଟ ପାହାଡ଼ ଠିଆ କରିଛନ୍ତି । ନଦୀ ଶଯ୍ୟାରୁ ବେଆଇନ୍ ଭାବେ ବାଲି ଉଠାଯାଉ ଥିବାରୁ



ଜଳ ସଂରକ୍ଷଣ ଓ ପରିବେଶ ଉପରେ ଏହାର ଗଭୀର ପ୍ରଭାବ ପଡୁଛି । ପ୍ଲଟ୍ ନଂ ୪୩୮୩ ଉପରେ ପ୍ରାୟ ୧୦୦୦ ଟ୍ରିପ୍‌ରୁ ଅଧିକ ବାଲି ଗଚ୍ଛିତ କରି ରଖାଯାଇଛି, ଯାହାକି ମାଫିଆଙ୍କ ଦମ୍ଭକୁ ସ୍ପଷ୍ଟ କରୁଛି । ଏତେ ବଡ଼ ଦୁର୍ନୀତି ଚାଲିଥିଲେ ସୁଦ୍ଧା ସ୍ଥାନୀୟ ପ୍ରଶାସନ କିମ୍ବା ରାଜସ୍ୱ ବିଭାଗ କାହିଁକି ଚୁପ୍ ରହିଛି, ତାହା ଏବେ ସାଧାରଣରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅନିୟନ୍ତ୍ରିତ ବାଲି ଉତ୍ତୋଳନ ଯୋଗୁଁ ନଦୀ ପଠା ଧସିବା ସହ ଆଗାମୀ ଦିନରେ ବନ୍ୟା ଭୟ ବଢିବାର ଆଶଙ୍କା ଦେଖାଦେଇଛି । ରାଜ୍ୟ ସରକାର ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ କଡ଼ା ନିୟମ କରିଥିବା ବେଳେ, ଏଠି କେଉଁ ଆଧାରରେ ଏହି କାରବାର ଚାଲିଛି ତାର ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକ । ତୁରନ୍ତ ଏହି ବେଆଇନ୍ ବାଲି ଜବତ କରାଯିବା ସହ ସଂପୃକ୍ତ ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି । ସୁଚନା ଥାଉ କି ନଦୀ ପଠାରେ ଏକ ପାହାଚ ନିର୍ମାଣ ପାଇଁ ସରକାରୀ ଅନୁଦାନ ଥିଲା ବେଳେ ତାହାକୁ ଆଳ କରି ସେଠାରୁ ଜେସିବି ଲଗାଇ ଟ୍ରକ୍ ଓ ଟ୍ରାକ୍ଟରରେ ନଦୀ ଗର୍ଭ ରୁ ଦିନ ଦିପହରରେ ଏପରି ମାଫିଆ ମାନେ ମାଟି ଓ ବାଲି ଚୋରି କରୁଛନ୍ତି, ଏ ଦିଗରେ ଦେଉଳିଡିହ ଆର୍‌ଆଇଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ଦେଇନଥିଲେ । ତେବେ ଭଦ୍ରକ ଜିଲ୍ଲାପାଳଙ୍କୁ ମଧ୍ୟ ଅଭିଯୋଗ କରାଯାଇଛି ।

# ସର୍ବସାଧାରଣଙ୍କ ସମ୍ମୁଖରେ ଚାଲିଛି ଜୀବହତ୍ୟା:ପ୍ରଶାସନ ଚୁପ୍

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲାରେ ସହରକୁ ଲାଗି ରହିଥିବା ବିଭିନ୍ନ ସ୍ଥାନରେ ସର୍ବସାଧାରଣ ସମ୍ମୁଖରେ ଜୀବହତ୍ୟା କରାଯାଉଛି । କୋରାପୁଟ ଜିଲ୍ଲାର ଜୟପୁର, କୋରାପୁଟ, ସେମିଳିଗୁଡା, ବୈପାରିଗୁଡା, ବୋରିଗୁମ୍ମା, ଲକ୍ଷ୍ମୀପୁର, ଲମତାପୁଟରେ ରାସ୍ତା କଡରେ ମାଂସ ବିକ୍ରି କରାଯାଉଛି । ମାଂସ ବିକ୍ରି କରିବା ଠିକ୍, କିନ୍ତୁ ରାସ୍ତାକଡରେ ଜୀବହତ୍ୟା କରି ମାଂସ ବିକ୍ରି ହେବାକୁ ସାଧାରଣରେ ନାପସନ୍ଦ କରାଯାଉଛି । ସରକାରୀ ନିୟମାନୁସାରେ ସାର୍ବଜନୀନ ସ୍ଥାନରେ ଜୀବହତ୍ୟା କରିବା ଉଚିତ୍ ନୁହେଁ, କିନ୍ତୁ ଏଠାରେ ନିୟମ ଉଲ୍ଲଙ୍ଘନ କରାଯାଉଛି । ତଥାପି ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହେଉଛି । ଏହି ମାଂସ ଦୋକାନ ମାନଙ୍କରେ ପ୍ରତିଦିନ ସର୍ବସାଧାରଣ ସମ୍ମୁଖରେ ଜୀବହତ୍ୟା କରାଯାଉଛି । ପୁଣି ମୁଖ୍ୟ ରାଜରାସ୍ତାରେ ହତ୍ୟା କରାଯିବା ସହ ପ୍ରବଳ ଦୁର୍ଗନ୍ଧ ହେଉଛି ଏବଂ ପଶୁଙ୍କ ପ୍ରତି ନିଷ୍ଠୁରତାର ସୀମା ଲଙ୍ଘନ କରିଥିବା ଅଭିଯୋଗ ହେଉଛି । ରାସ୍ତାରେ ଥିବା କଂସେଇଖାନା ଗୁଡ଼ିକ ଯୋଗୁଁ ରାସ୍ତାରେ ଯିବାଆସିବା କଷ୍ଟକର ହୋଇପଡୁଛି । ମାଂସବିକ୍ରି ଉପରେ ପ୍ରତିବନ୍ଧକ ନାହିଁ, କିନ୍ତୁ ସାର୍ବଜନୀନ ସ୍ଥଳରେ ଜୀବହତ୍ୟା ଠିକ୍ ନୁହେଁ । ରାସ୍ତାରେ ଯିବାଆସିବା କରୁଥିବା ଛାତ୍ରଛାତ୍ରୀ ଓ ଦୁର୍ବଳ ହୃଦୟ ଲୋକଙ୍କୁ କେମିତି କଷ୍ଟ ହେଉଥିବ ସହଜେ ଅନୁମେୟ । ଛାତ୍ରଛାତ୍ରୀଙ୍କ ଉପରେ ମଧ୍ୟ ଏହାର କୁପ୍ରଭାବ ପଡୁଥିବା ଲକ୍ଷ୍ୟ କରାଯାଇଛି । ଦେଶରେ କଂସେଇଖାନା ଏବଂ ମାଂସ ଦୋକାନ ନିୟନ୍ତ୍ରଣ ପାଇଁ ଆଇନ୍ ରହିଛି । ପଶୁଙ୍କ ପ୍ରତି ନିଷ୍ଠୁରତା ନିବାରଣ ଆଇନ୍-୧୯୬୦ ଅନୁସାରେ ହତ୍ୟା ସମୟରେ ପଶୁମାନଙ୍କୁ ଅନାବଶ୍ୟକ ଯନ୍ତ୍ରଣା ଏବଂ କଷ୍ଟ ନିଷେଧ କରେ । କଂସେଇଖାନା ନିୟମ-୨୦୦୧ ଅନୁସାରେ କଂସେଇଖାନା କରିବା ପାଇଁ ପ୍ରାଣୀ ଚିକିତ୍ସା ବିଭାଗର ପ୍ରମାଣପତ୍ର ଲୋଡ଼ା । ଉନ୍ନତ ଜୀବହତ୍ୟା ପଦ୍ଧତି ଆପଣାଇବା ଏବଂ ଉପଯୁକ୍ତ ପରିମଳ ବ୍ୟବସ୍ଥା ବଜାୟ ରଖିବା ବାଧ୍ୟତାମୂଳକ କରାଯାଇଛି । ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ ଅନୁସାରେ ସମସ୍ତ ମାଂସଦୋକାନ ଏବଂ କଂସେଇଖାନା ଗୁଡ଼ିକୁ ଲାଇସେନ୍ସ ପାଇବା ଏବଂ ସ୍ୱଚ୍ଛତା ମାନଦଣ୍ଡ ବଜାୟ ରଖିବା ଆବଶ୍ୟକ ବୋଲି ଦର୍ଶାଯାଇଛି । ସରକାରଙ୍କ ନିୟମାବଳୀ ଅନୁସାରେ ଅବୈଧ କିମ୍ବା ଅସ୍ୱଚ୍ଛ କଂସେଇଖାନା ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପ୍ରାବଧାନ ରହିଛି । ମାଂସ ବଜାର ପାଇଁ ସ୍ୱତନ୍ତ୍ରଜୋନ୍ କରି ଆବଶ୍ୟକ ସୁବିଧା ଯୋଗାଇ ଦେବାକୁ କୁହାଯାଇଛି । ସାର୍ବଜନୀନ ସ୍ଥାନରେ ହତ୍ୟା କରିବାକୁ ମଧ୍ୟ ବାରଣ କରାଯାଇଛି । ଏହି ଆଇନ୍ ସତ୍ତ୍ୱେ କୋରାପୁଟ ଜିଲ୍ଲାରେ ତାହା ପାଳନ କରାଯାଉନାହିଁ । ଅନେକ କଂସେଇଖାନା ଲାଇସେନ୍ସ କିମ୍ବା ପ୍ରାଣୀ ବିଭାଗର ତଦାରଖ ବିନା ଚାଲିଛି । ତଥାପି ମୁଖ୍ୟ ରାଜରାସ୍ତା କଡରେ ଥିବା କଂସେଇଖାନା ଗୁଡ଼ିକ ବେଶ୍ ଅସ୍ୱଚ୍ଛ ପରିବେଶରେ ଚାଲିଛି, ପ୍ରାଣୀଙ୍କୁ ସର୍ବସମ୍ମୁଖରେ ହତ୍ୟା କରାଯାଉଥିବା ବେଳେ ରକ୍ତ, ଦେହାବଶେଷ ଠିକ୍ ଭାବେ ପକ୍ରିୟାକରଣ କରାଯାଉନାହିଁ ଓ ନାଳାରେ ଦେହାବଶେଷ ଭସାଇ ଦିଆଯାଉଥିବାରୁ ଅଞ୍ଚଳରେ ସବୁବେଳେ କୁକୁରମାନେ ଉକ୍ତ ଚମଡାକୁ ଧରି ଏଣେ ତେଣେ ବୁଲୁଥିବା ଲକ୍ଷ୍ୟ କରାଯାଇଛି । ରାସ୍ତାରେ ସବୁବେଳେ ଦୁର୍ଗନ୍ଧ ହେଉଥିବାରୁ ଯିବାଆସିବା କଷ୍ଟକର ହୋଇପଡୁଛି । ଏନେଇ ରାସ୍ତାରେ ଥିବା ମାଂସ ଦୋକାନର ଲାଇସେନ୍ସ ଅଛି କି ନାହିଁ ତାହା ତଦନ୍ତ ସାପେକ୍ଷ କରିବା ଜରୁରୀ । କେଉଁ ଦୋକାନର ସ୍ଥିତି କ'ଣ ତାହା ଯାଞ୍ଚ କରି ପ୍ରଶାସନ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ମତ ପ୍ରକାଶ ପାଇଛି ।

# ୨୩ରୁ ସପ୍ତଦଶ କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ

**ଭୁବନେଶ୍ୱର**

ସପ୍ତଦଶ କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ ଚଳିତ ମେ' ୨୩ରୁ ୩୦ ତାରିଖ ପର୍ଯ୍ୟନ୍ତ ଏହି ବିଶ୍ୱବିଦ୍ୟାଳୟର ଚର୍ଚ୍ଚିତ ବିଶ୍ୱନାଥନ ଆନନ୍ଦ ଚେସ୍ ହଲ୍‌ଠାରେ ଆୟୋଜିତ ହେବ। ଅନ୍ତର୍ଜାତୀୟ ଚେସ୍ ମହାସଂଘ (ଫିଡେ) ଓ ସର୍ବଭାରତୀୟ ଚେସ୍ ମହାସଂଘ (ଏଆଇସିଏଫ୍) ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଭାରତ ତଥା ଏସିଆ ମହାଦେଶର ଏହି ଲୋକପ୍ରିୟ ଚେସ୍ ପ୍ରତିଯୋଗିତାରେ ଭାରତର ସର୍ବାଧିକ ପୁରସ୍କାର ରାଶି ୧.୩୧ କୋଟି ଟଙ୍କା ପ୍ରଦାନ କରାଯିବ। ଏହା ମଧ୍ୟ ଭାରତୀୟ ଚେସ୍ ଇତିହାସରେ ନୂଆ ମାଇଲ୍‌ଖୁଣ୍ଟ ଯୋଡ଼ିବ। ଏଥରର ପ୍ରତିଯୋଗିତାରେ ୪୦ଟି ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ସେଥିମଧ୍ୟରେ ରହିଛନ୍ତି ୮୫ ଟାଇଟଲ୍ ଧାରୀ।

ଏବେ ସୁଦ୍ଧା ୩୦ ଗ୍ରାଣ୍ଡମାଷ୍ଟର୍ସ, ୪୫ଜଣ ଆଇଏମ୍, ୫ଫିଡେ ମାଷ୍ଟର, ଜଣେ ମହିଳା ଗ୍ରାଣ୍ଡମାଷ୍ଟର ଓ ୩ଜଣ ମହିଳା ଆଇଏମ୍ ଅଂଶଗ୍ରହଣ କରିବା ଲାଗି ସମ୍ମତି ପ୍ରକାଶ କରି ସାରିଥିବା ଜଣାପଡ଼ିଛି। ୨୫୦୦ରୁ ଅଧିକ ରେଟିଂ ପ୍ରାପ୍ତ ବହୁ ଖେଳାଳି ମଧ୍ୟ ଏହି ପ୍ରତିଯୋଗିତାର ଶୋଭାବର୍ଦ୍ଧନ କରିବାକୁ ଯାଉଛନ୍ତି।

ସର୍ବୋଚ୍ଚ ରେଟିଂ ପ୍ରାପ୍ତ ଖେଳାଳିଙ୍କ ମଧ୍ୟରେ ରହିଛନ୍ତି ରହିଛନ୍ତି ମେକ୍ସିକୋର ମାର୍ଟିନେଜ୍ ଆଲକାଣ୍ଟ୍ରା ଜୋସ୍ ଏଡୁଆର୍ଡୋ (୨୬୫୦)। ଓଡ଼ିଶାର ନେତୃତ୍ୱ ଡବ୍ଲ୍ୟୁଜିଏମ୍ କିରଣ ମନୀଷା ମହାନ୍ତି, ପଦ୍ମିନୀ ରାଉତ ଓ ଆଇଏମ୍ ସମ୍ବିତ ପଣ୍ଡା ପ୍ରମୁଖ। ଆଗାମୀ ସମୟରେ ଅଂଶଗ୍ରହଣକାରୀ ଖେଳାଳିଙ୍କ ସଂଖ୍ୟା ଆହୁରି ବଢ଼ିବାର ଯଥେଷ୍ଟ ସମ୍ଭାବନା ରହିଛି। ପ୍ରତିଯୋଗିତା ବିଭିନ୍ନ ବର୍ଗରେ ଖେଳାଯିବ। ଉଦୀୟମାନ ଖେଳାଳିଙ୍କ ପାଇଁ ଉଦ୍ଦିଷ୍ଟ ଥିବା 'ବି' ଓ 'ସି' ବର୍ଗରେ ମୋଟ ୭୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ଦିଆଯିବ। ଯାହା ଗତବର୍ଷର ପୁରସ୍କାର ରାଶିଠାରୁ ଯଥେଷ୍ଟ ଅଧିକ। ଓଡ଼ିଶା ଖେଳାଳିମାନେ ମଧ୍ୟ ଏହା ଦ୍ୱାରା ଉପକୃତ ହେବେ।

ସୂଚନାଯୋଗ୍ୟ ଯେ ଗତ ଜାନୁଆରିରେ ଆୟୋଜିତ 'ଓଡ଼ିଶା ଓପନ୍ ଅନ୍ତର୍ଜାତୀୟ ଚେସ୍' ପ୍ରତିଯୋଗିତାର ବିଜେତା ଅଭିଜିତ ଗୁପ୍ତାଙ୍କ ପୁରସ୍କାର ରାଶି ଏପର୍ଯ୍ୟନ୍ତ ନମିଳିବା ନେଇ ଜାତୀୟ ସ୍ତରରେ ଓଡ଼ିଶାର ଛବି ଖରାପ ହେବା ପରିପ୍ରେକ୍ଷୀରେ କିଟ୍ ପକ୍ଷରୁ ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତା ଓଡ଼ିଶା ଚେସ୍ ପାଇଁ ଜୀବନ ରେଖା ପାଲଟିଛି। କିଟ୍ ସଫଳତାର ସହ ଏହାର ୧୬ଟି ସଂସ୍କରଣ ଆୟୋଜିତ କରି ସାରିଛି। ଆଗାମୀ ସମୟରେ ଏହି ପ୍ରତିଯୋଗିତାକୁ ଆହୁରି ବ୍ୟାପକ ଓ ବିସ୍ତୃତ କରାଯିବ ବୋଲି କିଟ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାସ ପ୍ରକାଶ କରିଛନ୍ତି। ସେହିଭଳି କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ପ୍ରଫେସର ଡ. ଅଚ୍ୟୁତ ସାମନ୍ତଙ୍କ ବ୍ୟକ୍ତିଗତ ପ୍ରୟାସ ଓ ଆଗ୍ରହରେ ଏହି ପ୍ରତିଯୋଗିତା ଭାରତର ଅନ୍ୟତମ ବୃହତ୍ ପ୍ରତିଯୋଗିତାର ମାନ୍ୟତା ଲାଭ କରିଛି ବୋଲି କହିଛନ୍ତି ସେ। ଏହି ପ୍ରତିଯୋଗିତା ବିଶ୍ୱ ଚେସ୍ ଜଗତରେ ଓଡ଼ିଶାର ଛବିକୁ ଆହୁରି ଚମକାଇବ ବୋଲି ଶ୍ରୀ ସାମନ୍ତ ମଧ୍ୟ ଦୃଢ଼ ଆଶା ପୋଷଣ କରିଛନ୍ତି।

# ପ୍ଲେ ଅଫ୍‌ରୁ ବାଦ୍ ପଡ଼ିଲା ଲକ୍ଷ୍ନୌ : ଚେନ୍ନାଇର ଷଷ୍ଠ ବିଜୟ

**ଚେନ୍ନାଇ**



ଲକ୍ଷ୍ନୌ ସୁପର ଜାଏଣ୍ଟସ୍‌ର ଲକ୍ଷ୍ୟହୀନ ଅଭିଯାନରେ ରବିବାର ଆଉ ଏକ ଲଜ୍ଜାଜନକ ପ୍ରଦର୍ଶନ ଯୋଡ଼ି ହୋଇଛି। ଆଇପିଏଲ୍-୨୦୨୬ର ୫୩ତମ ମ୍ୟାଚ୍‌ରେ ଏହି ଦଳ ପୂର୍ବବିଜେତା ତଥା ଲିଗ୍‌ର ଅନ୍ୟତମ ଲୋକପ୍ରିୟ ଦଳ ଚେନ୍ନାଇ ସୁପର କିଙ୍ଗ୍ସଠାରୁ ୫ ୱିକେଟ୍‌ରେ ପରାସ୍ତ ହୋଇଛି। ଫଳରେ ଏକାଦଶ ମ୍ୟାଚ୍‌ରୁ ଅଷ୍ଟମ ପରାଜୟ ବରଣ କରି ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ିବାରେ ଚଳିତ ଋତୁର ପ୍ରଥମ ଦଳ ହୋଇଛି। ତାଲିକାରେ ସବାଶେଷ ସ୍ଥାନରେ ସଂଘର୍ଷ କରିବାର ଅପଯଶକୁ ମଧ୍ୟ ଦୂର କରିପାରିନି ଲକ୍ଷ୍ନୌ।

ଅନ୍ୟପକ୍ଷରେ ଚେନ୍ନାଇ ସେହି ଏକାଦଶ ମ୍ୟାଚ୍‌ରୁ ଷଷ୍ଠ ବିଜୟ ପାଇବା ପରେ ତା'ର ପ୍ଲେ ଅଫ୍ ପ୍ରବେଶ ଆଶାରେ ନୂଆ ଆତ୍ମବିଶ୍ୱାସ ଭରିଯାଇଛି। ଯୁବ ତାରକା ଉର୍ବିଳ ପଟେଲ ଆଇପିଏଲ୍ ଇତିହାସର ଦ୍ରୁତତମ ଅର୍ଦ୍ଧଶତକ ରେକର୍ଡର ସମକକ୍ଷ ହେବା ମଧ୍ୟ ଏହି ଦଳ ପାଇଁ ଆଉ ଏକ ଖୁସି ଖବର ହୋଇଛି।

ରବିବାର ଲକ୍ଷ୍ନୌ ୨୦୪ ରନ୍‌ର ବିଜୟ ଲକ୍ଷ୍ୟ ଦେବା ପରେ ଚେନ୍ନାଇ ଏହାକୁ ୪ ବଲ୍ ପୂର୍ବରୁ ମାତ୍ର ୫ ୱିକେଟ୍ ହରାଇ ହାସଲ କରି ନେଇଛି। ଉର୍ବିଳ ସର୍ବାଧିକ ୬୫ ରନ୍ କରିଥିଲା ବେଳେ ଅଧିନାୟକ ଋତୁରାଜ ଗାଏକ୍ୱାଡ୍ ୪୨ ରନ୍‌ର ଯୋଗଦାନ ରଖିଥିଲେ। ତେବେ ଶାଣିତ ବୋଲିଂ ପାଇଁ ଜାମି ଓଭରଟନ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଲାଭ କରିଥିଲେ। ରବିବାରର ଏହି ପ୍ରଥମ ମୁକାବିଲାରେ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଲକ୍ଷ୍ନୌ ଧୂଆଁଧାର ଆରମ୍ଭ କରିଥିଲା। ପାୱାର ପ୍ଲେ'ରେ ମାତ୍ର ଗୋଟିଏ ୱିକେଟ୍ ହରାଇ ୯୧ ରନ୍ କରିବା ସହ ଏକ ବିଶାଳ ସ୍କୋରର ପ୍ରତିଶ୍ରୁତି ରଖିଥିଲା। ହେଲେ ହଠାତ୍ ଦିଗ ହରାଇବାର ନିଜ ପୁରୁଣା ଅଭ୍ୟାସର ପୁନରାବୃତ୍ତି କରି ଅଚାନକ ୩୯ ରନ୍ ଭିତରେ ଆଉ ଚାରିଟି ୱିକେଟ୍ ହରାଇ ସଂଘର୍ଷ କରିଥିଲା। ସେପଟେ ଚେନ୍ନାଇ ବୋଲରମାନେ ପ୍ରାରମ୍ଭିକ ପ୍ରହାରକୁ ଭୁଲି ନିଜ ଲାଇନ୍ ଲେନ୍ଥ ସଜାଡ଼ିବା ଉପରେ ଧ୍ୟାନ ଦେଇଥିଲେ। ଫଳରେ ମ୍ୟାଚ୍‌କୁ ଫେରି ବ୍ୟାଟିଂ ଉପଯୋଗୀ ପିଚ୍‌ରେ ଲକ୍ଷ୍ନୌକୁ ୨୦୩/୮ରେ ଅଟକାଇ ଦେଇଥିଲେ। ଶୀର୍ଷରେ ଜୋସ୍ ଇଂଲିସ ଏବଂ ଶେଷ ଆଡ଼କୁ ଶାହବାଜ ଅହମଦଙ୍କ ଛଡ଼ା ଅନ୍ୟ ସବୁ ଲକ୍ଷ୍ନୌ ବ୍ୟାଟର ବିଫଳ ହୋଇଥିଲେ।

ସଂକ୍ଷିପ୍ତ ସ୍କୋର : ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ୨୦ ଓଭରରେ–୨୦୩/୮ (ଜୋସ୍ ଇଂଲିସ ୮୫, ସାହବାଜ ଅହମଦ ୪୩, ଜାମି ଓଭରଟନ୍ ୩/୩୬, ଅଂଶୁଲ କମ୍ବୋଜ ୨/୪୭)। ଚେନ୍ନାଇ ସୁପରକିଙ୍ଗ୍ସ ୧୯.୨ ଓଭରରେ–୨୦୮/୫ (ଉର୍ବିଳ ପଟେଲ ୬୫, ଋତୁରାଜ ଗାଏକ୍ୱାଡ୍ ୪୨, ସଞ୍ଜୁ ସାମସନ୍ ୨୮, ଦିଗ୍‌ବେଶ ରାଠି ୨/୪୫, ସାହବାଜ ଅହମଦ ୨/୩୦)।

ରବିବାର ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ବିପକ୍ଷ ମ୍ୟାଚ୍‌ରେ ଚେନ୍ନାଇର ଡାହାଣହାତୀ ବ୍ୟାଟର ଉର୍ବିଳ ପଟେଲ ଆଇପିଏଲ୍ ଇତିହାସର ଦ୍ରୁତତମ ଅର୍ଦ୍ଧଶତକ ରେକର୍ଡର ସମକକ୍ଷ ହୋଇଛନ୍ତି। ଏହି କରି ସେ ଯଶସ୍ୱୀ ଜୟସ୍ୱାଲଙ୍କ ଏଲିଟ୍ କ୍ଲବ୍‌ରେ ଯୋଗ ଦେଇଛନ୍ତି। ଆଭେସ ଖାନଙ୍କୁ ତିନିଟି ବିଶାଳ ଛକା ମାରିବା ସହ ଦିଗବେଶ ରାଠିଙ୍କ ଓଭରରୁ ୨୫ ରନ୍ ଅମଳ କରି ସେ ନିଜ ସ୍ମରଣୀୟ ଅର୍ଦ୍ଧଶତକକୁ ମାତ୍ର ୧୩ ବଲ୍‌ରୁ ହାସଲ କରିଥିଲେ। ରାଜସ୍ଥାନ ରୟାଲ୍‌ସର ପ୍ରତିନିଧିତ୍ୱ କରି ୨୦୨୩ ମସିହାରେ କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷରେ ଜୟସ୍ୱାଲ ଆଇପିଏଲ୍ ଇତିହାସର ଦ୍ରୁତତମ ଅର୍ଦ୍ଧଶତକ ହାସଲ ସେହି ୧୩ ବଲ୍‌ରୁ କରିଥିଲେ। କେଏଲ୍ ରାହୁଲ, ପ୍ୟାଟ୍ କମିନ୍ସ ଓ ରୋମାରିଓ ସେପାର୍ଡ ୧୪ ବଲ୍ ଲେଖାଏଁ ନେଇ ଏହି କ୍ରମରେ ମିଳିତ ଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୨୭ବର୍ଷୀୟ ଉର୍ବିଳ ନିଜ ରେକର୍ଡଭରା ଅର୍ଦ୍ଧଶତକକୁ ପିତାଙ୍କୁ ଉତ୍ସର୍ଗ କରିଛନ୍ତି। ସେ ରବିବାର ମାତ୍ର ୨୩ ବଲ୍‌ରୁ ୮ ଛକା ଓ ୨ ଚୌକା ସହ ୬୫ ରନ୍ କରିଥିଲେ।

# ଜାତୀୟ ଓପନ ର୍‍ୟାଙ୍କିଙ୍ଗ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ଭାଗ ନେଲେ ୧୪୦୦ ରେସଲର

**ଗୋଣ୍ଡା**

ଜାତୀୟ ଓପନର୍‍ୟାଙ୍କିଙ୍ଗ୍ ଟୁର୍ଣ୍ଣାମେଣ୍ଟ ରବିବାର ଆରମ୍ଭ ହୋଇଯାଇଛି। ଜାତୀୟ କ୍ୟାମ୍ପ ଏବଂ ଭବିଷ୍ୟତରେ ହେବାକୁ ଥିବା ଅନ୍ତର୍ଜାତୀୟ ପ୍ରତିଯୋଗିତା ଚୟନ ପାଇଁ ଜାତୀୟ ଓପନ ର୍‍ୟାଙ୍କିଙ୍ଗ୍ ଏକ ଗୁରୁତ୍ୱପୂର୍ଣ୍ଣ ଘରୋଇ ଇଭେଣ୍ଟ। ଏହି ଇଭେଣ୍ଟ ଆରମ୍ଭରୁ ବିବାଦ ଦେଖା ଦେଇଛି। ଟୁର୍ଣ୍ଣାମେଣ୍ଟରେ ୧୪୦୦ ରେସଲର ଭାଗ ନେଇଥିବା ବେଳେ ପ୍ରଥମ ଦିନରେ ଭେନ୍ୟୁରେ ବ୍ୟବହୃତ ସିରିଞ୍ଜ ମିଳିଥିବା ରେସଲିଂ ଫେଡେରେସନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍‌ଆଇ) ସଭାପତି ସଞ୍ଜୟ ସିଂ ସ୍ପଷ୍ଟ କରିଛନ୍ତି। ଏହି ୩ ଦିନିଆ ଟୁର୍ନାମେଣ୍ଟରେ ଭାଗ ନେଇଥିବା ରେସଲରଙ୍କ ମଧ୍ୟରେ ୮୦ ପ୍ରତିଶତ ହରିୟାଣା ରେସଲର ରହିଛନ୍ତି, ଯାହାକି ଦେଶର ପାରମ୍ପରିକ ରେସଲିଂ ପାୱାରହାଉସ।

ତେବେ ୨୦୨୧ରେ ଡବ୍ଲ୍ୟୁଏଫ୍‌ଆଇ ପକ୍ଷରୁ କୌଣସି ରାଜ୍ୟରୁ ଗୋଟିଏରୁ ଊର୍ଦ୍ଧ୍ୱ ଦଳକୁ ଭାଗ ନେବାକୁ ଅନୁମତି ଦିଆଯିବ ନାହିଁ ବୋଲି ନିୟମରେ ପରିବର୍ତ୍ତନ କରାଯାଇଥିଲା। ନିର୍ଦ୍ଦିଷ୍ଟ ଭାବେ ହରିୟାଣାକୁ ଟାର୍ଗେଟ କରିବା ପାଇଁ ଏହି ନିୟମ ପ୍ରସ୍ତୁତ କରାଯାଇଥିବା ବିଶ୍ୱାସ କରାଯାଏ। କାରଣ ହରିୟାଣାରେ ଅଧିକ ରେସଲର ରହିଥିବାରୁ ପ୍ରତ୍ୟେକ ଜାତୀୟ ପ୍ରତିଯୋଗିତା ଲାଗି ଦୁଇଟି ଯଥା ଏ ଓ ବି' ଦଳ ଚୟନ କରାଯାଏ। ହରିୟାଣା ରାଜ୍ୟ ଆସୋସିଏଶନ ପକ୍ଷରୁ ଏହି ନିୟମକୁ ସମାଲୋଚନା କରାଯିବା ସହ ଏହା ଦ୍ୱାରା ସେମାନଙ୍କୁ ଟାର୍ଗେଟ କରାଯାଉଥିବା ଦାବି କରାଯାଇଥିଲା।

ଏ ସମ୍ପର୍କରେ ସଞ୍ଜୟ ସିଂ କହିଛନ୍ତି, ହରିୟାଣା ଭାରତୀୟ ରେସଲିଂର ମେରୁଦଣ୍ଡ। ଲଗାତର ଅନ୍ତର୍ଜାତୀୟସ୍ତରର ରେସଲର ବାହାରୁ ଥିବା ରାଜ୍ୟରୁ ଅଧିକରୁ ଅଧିକ ସଂଖ୍ୟାରେ ରେସଲର ଭାଗ ନିଅନ୍ତୁ ଆମେ ଚାହୁଁ। ଦୀର୍ଘ ବର୍ଷ ହେଲା ଭାରତୀୟ ରେସଲିଂରେ ହରିୟାଣାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଆମେ ଚାହୁଁ, ସେଠାରେ ଏବଂ ପୂରା ଦେଶରେ ରେସଲିଂ ଆହୁରି ଶକ୍ତିଶାଳୀ ହେଉ। ଟୁର୍ଣ୍ଣାମେଣ୍ଟରେ ଭାଗ ନେଉଥିବା ରେସଲରଙ୍କ ସଂଖ୍ୟା ଦର୍ଶାଉଛି ଯେ, ଡବ୍ଲ୍ୟୁଏଫ୍‌ଆଇ ହରିୟାଣା ବିରୋଧୀ ନୁହେଁ। ଯଦି କୌଣସି ଭେଦଭାବ ହୋଇଥାନ୍ତା, ତେବେ ହରିୟାଣାରୁ ଏତେ ସଂଖ୍ୟାରେ ରେସଲର ଭାଗ ନେଇପାରି ନ ଥାନ୍ତେ। ଶେଷରେ ହରିୟାଣା ରେସଲର ଜିତିବେ ଏବଂ ସେମାନଙ୍କୁ ଜାତୀୟ କ୍ୟାମ୍ପରେ ଭଲ ସୁଯୋଗ ମିଳିବ, ଯାହାକି ସେମାନଙ୍କ ପାଇଁ ବର୍ଷ ତମାମ ଟ୍ରେନିଂ ସମ୍ପର୍କିତ ଫାଇଦା ଦେବ।

ଇଭେଣ୍ଟର ପ୍ରଥମ ଦିନ ଅନେକ ଜଣାଶୁଣା ରେସଲର ପ୍ରତିଦ୍ୱନ୍ଦ୍ୱିତା କରିବା ପୂର୍ବରୁ ସିରିଞ୍ଜ ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏପରିକି ନନ୍ଦିନୀ ନଗର ଭେନ୍ୟୁସ୍ଥିତ ପୁରୁଷଙ୍କ ୱାଶରୁମ୍‌ରେ ଅନେକ ବ୍ୟବହୃତ ସିରିଞ୍ଜ ମିଳିଛି। ଏ ସମ୍ପର୍କରେ ସିଂ କହିଛନ୍ତି, ଆମେ ଲଗାତର ଡୋପିଂ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ଏବଂ ଦୋଷୀଙ୍କୁ ଧରିବାକୁ ଉଦ୍ୟମ କରୁଛୁ। କିନ୍ତୁ ଆହୁରି କାମ କରିବାର ଅଛି। ଡୋପିଂ ମାମଲା ଯୋଗୁ ରେସଲିଂ କ୍ଷତିଗ୍ରସ୍ତ ହୋଇଛି ଏବଂ ଆମେ ରେସଲିଂକୁ ସ୍ୱଚ୍ଛ କରିବାକୁ ଚାହୁଁ। କୋଚ୍ ଓ ରେସଲରଙ୍କୁ ଡୋପିଂ ସମ୍ପର୍କରେ ଅବଗତ କରାଇଛି। କିନ୍ତୁ ଅନେକ ରେସଲର ଅଛନ୍ତି, ଯେଉଁମାନେ ଶର୍ଟ କଟ୍ ଉପରେ ଭରସା କରୁଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଲାଗି ନାଡା ଅଧିକାରୀ ଉପସ୍ଥିତ ଅଛନ୍ତି। ପ୍ରତ୍ୟେକ ଓଜନ କାଟେଗୋରୀରେ ଟପ-୧୦ ରେସଲରଙ୍କୁ ଡବ୍ଲ୍ୟୁଏଫ୍‌ଆଇ ପ୍ରମାଣପତ୍ର ଦେବ। କିନ୍ତୁ ମୁଖ୍ୟତଃ ପଦକ ବିଜେତାଙ୍କୁ ଡୋପ ଟେଷ୍ଟ କରାଯିବ।

# ଭିନେଶଙ୍କୁ ଡବ୍ଲ୍ୟୁଏଫ୍‌ଆଇର ନୋଟିସ : ଜୁନ୍ ୨୬ ପର୍ଯ୍ୟନ୍ତ କରିପାରିବେ ନାହିଁ ପ୍ରତିଦ୍ୱନ୍ଦ୍ୱିତା

**ନୂଆଦିଲ୍ଲୀ**

ରେସଲିଂ ଫେଡେରେସନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍‌ଆଇ) ଭିନେଶ ଫୋଗଟଙ୍କ ବିରୋଧରେ ଶୃଙ୍ଖଳାଗତ ଓ ଆଣ୍ଟି-ଡୋପିଂ ନିୟମ ଉଲ୍ଲଂଘନ ଅଭିଯୋଗ ଆଣିବା ସହିତ ବିସ୍ତୃତ କାରଣ ଦର୍ଶାଅ ନୋଟିସ ଜାରି କରିଛି।

ୟୁଡବ୍ଲ୍ୟୁଡବ୍ଲ୍ୟୁ ଆଣ୍ଟି-ଡୋପିଂ ନିୟମ ଅନୁଯାୟୀ, ଅବସରରୁ ପ୍ରତ୍ୟାବର୍ତ୍ତନ କରୁଥିବା ଆଥଲେଟ୍‌ଙ୍କ ଲାଗି ନୋଟିସ ପିରିଅଡ୍‌ରେ ୬ ମାସ ରହିବା ବାଧ୍ୟତାମୂଳକ। କିନ୍ତୁ ଏହାକୁ ସମ୍ପୂର୍ଣ୍ଣ କରିପାରି ନ ଥିବାରୁ ଭିନେଶଙ୍କୁ ଆସନ୍ତା ଜୁନ ୨୬ ତାରିଖ ପର୍ଯ୍ୟନ୍ତ ଘରୋଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଅଯୋଗ୍ୟ ଘୋଷିତ କରାଯାଇଛି। ଏହାର ଅର୍ଥ ଦୁଇ ଥରର ୱାର୍ଲ୍ଡ ଚାମ୍ପିୟନସିପ୍ ମେଡାଲିଷ୍ଟଙ୍କୁ ମ୍ୟାଚ୍‌କୁ ଫେରିବା ଲାଗି ଅପେକ୍ଷା କରିବାକୁ ପଡ଼ିବ। ସେ ଗୋଣ୍ଡାରେ ହେବାକୁ ଥିବା ନ୍ୟାସନାଲ ଓପନ ର୍‍ୟାଙ୍କିଙ୍ଗ୍ ଜରିଆରେ ପ୍ରତ୍ୟାବର୍ତ୍ତନ କରିବାକୁ ଟାର୍ଗେଟ ରଖିଥିଲେ। ଡବ୍ଲ୍ୟୁଏଫ୍‌ଆଇ ସଭାପତି ସଞ୍ଜୟ ସିଂ କହିଛନ୍ତି, ୱାଡା ନିୟମକୁ ଉଚିତ ଭାବେ ପାଳନ କରାଯାଉଛି କି ନାହିଁ, ଆମକୁ ଦେଖିବାକୁ ପଡ଼ିବ। ଅବସରରୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ସେ ଏପର୍ଯ୍ୟନ୍ତ ଆବଶ୍ୟକୀୟ ସର୍ତ୍ତ ପୂରଣ କରିନାହାନ୍ତି। ତାଙ୍କୁ ପୁଣି ଥରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ଯୋଗ୍ୟ ହେବା ପାଇଁ ବାଧ୍ୟତାମୂଳକ ୬ ମାସ ନୋଟିସ ସମୟସୀମା ଶେଷ କରିବାକୁ ପଡ଼ିବ।

# ବାରିପଦାରେ ଧନୁର୍ବିଦ୍ୟା ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଘାଟିତ ଯୋଗଦେଲେ ମୟୂରଭଞ୍ଜର ମହାରାଜା ଓ ମହାରାଣୀ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ମୟୂରଭଞ୍ଜର ସାଂସ୍କୃତିକ ଐତିହ୍ୟ ଓ କ୍ରୀଡ଼ା ପରମ୍ପରାକୁ ଆଗକୁ ନେବା ପାଇଁ ଫିଉଚର ଷ୍ଟାର ସ୍ପୋର୍ଟସ ଏକାଡେମୀ ଏବଂ ମୟୂରଭଞ୍ଜ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଏକ ଧନୁର୍ବିଦ୍ୟା ଗ୍ରୀଷ୍ମକାଳୀନ ଶିବିରର ଶୁଭାରମ୍ଭ ହୋଇଯାଇଛି। ବାରିପଦାର ବେଲଗଡ଼ିଆ ପ୍ୟାଲେସ୍ ପରିସରରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଫାଉଣ୍ଡେସନର ଅଧ୍ୟକ୍ଷା ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଏବଂ ସମ୍ମାନିତ ଅତିଥି ଭାବେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଉଦ୍‌ଘାଟନ କରିବା ସହ ଶିବିରର ସଫଳତା କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଡଃ ସୁଭାଶିଷ ନାୟକ, ଫିଉଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ଉପଦେଷ୍ଟା ସୋମନାଥ ସିଂହ ଓ ପ୍ରତିଷ୍ଠାତା ଦିବ୍ୟ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି ଶିବିରାର୍ଥୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି ଶିବିରରେ ମୋଟ ୩୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଶିବିରର ପ୍ରଥମ ଦିନରେ ଅଭିଭାବକମାନଙ୍କର ଉତ୍ସାହଜନକ ଉପସ୍ଥିତି ଦେଖିବାକୁ ମିଳିଥିଲା। ପିଲାମାନଙ୍କ ମଧ୍ୟରେ ଲୁକ୍କାୟିତ ଥିବା ଧନୁର୍ବିଦ୍ୟା କଳାକୁ ପେଶାଦାର ସ୍ତରରେ ବିକଶିତ କରିବାରେ ଏହି ଶିବିର ସହାୟକ ହେବ ବୋଲି ସମସ୍ତେ ଆଶା ପୋଷଣ କରିଛନ୍ତି। ମୟୂରଭଞ୍ଜର ମାଟିରେ ଅନେକ ପ୍ରତିଭା ଏହିଭଳି ଶିବିର ମାଧ୍ୟମରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣିପାରିବେ ବୋଲି ଅତିଥିମାନେ ନିଜ ଅଭିଭାଷଣରେ ମତ ରଖିଥିଲେ। ଜାତୀୟ ସ୍ତରୀୟ କୋଚ ତରଣୀସେନ ନାୟକ, ଫୁଲମଣୀ ପାଲେୟା, ହୃଷିକେଶ ମହାନ୍ତ ଫାଗୁ ଟୁଡୁ ଓ ବିଶ୍ୱଜିତ ମହାନ୍ତ ପ୍ରଶିକ୍ଷଣରେ ଏହି ଶିବିର ଚଳିତ ମାସ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଶିବିର ଆଗାମୀ ଦିନରେ ଅଭ୍ୟାସ ଜାରି ରଖିବା ସହ ପିଲାମାନଙ୍କୁ ଶାରୀରିକ। ମାନସିକ ସ୍ତରରେ ସୁଦୃଢ଼ କରିବାରେ ସହାୟକ ହେବ ବୋଲି ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି।

# ସିଏମ୍ ଟ୍ରଫି ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଯାପିତ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କ୍ରୀଡ଼ା ଓ ଯୁବ ସେବା ବିଭାଗ ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ କେନ୍ଦ୍ରାପଡାରେ ଆୟୋଜିତ ୧୪ ବର୍ଷରୁ କମ୍ ବାଳକ/ବାଳିକା ବିଭାଗର ସିଏମ୍ ଟ୍ରଫି ଫୁଟବଲ୍ ପ୍ରତିଯୋଗୀତା ଦ୍ୱିତୀୟ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ଗତ ୨୪ ଏପ୍ରିଲ୍‌ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ବାଳକ ବିଭାଗରେ ପଟ୍ଟାମୁଣ୍ଡାଇ ଦଳ ପେନାଲଟି ସୁଟ୍ ଆଉଟ୍‌ରେ ୪–୨ ଗୋଲ୍‌ରେ ନେତାଜୀ କ୍ଲବ ରାଜକନିକାକୁ ପରାସ୍ତ କରି ବିଜେତା ହୋଇଥିବା ବେଳେ ବାଳିକା ବିଭାଗରେ ଆଳି ହାଇସ୍କୁଲ୍‌ର ଦଳ ୨ ୦ ଗୋଲ୍‌ରେ ଆଳି ଏକାଡେମୀକୁ ପରାସ୍ତ କରି ଟ୍ରଫି ହାସଲ କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ୍.ଆର୍. ଆୟାର୍ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା କ୍ରିଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, କ୍ରୀଡ଼ା ସଂସଦ ସମ୍ପାଦକ ସୟଦ୍ ଅକମଲ୍ ଅଲ୍ଲୀ, ଜ୍ୟୋତିର୍ମୟୀ ଦାସ, ଆଶ୍ରମ ସ୍କୁଲର ଅଧ୍ୟକ୍ଷ ଡକ୍ଟର ମଳୟ ନନ୍ଦ ଗିରିଙ୍କ ସମେତ ଯୁଧିଷ୍ଠିର ଲେଙ୍କା, ଦେବେନ୍ଦ୍ର ସାହୁ, ଆଦିତ୍ୟାନନ୍ଦ ଗିରି ପ୍ରମୁଖ ଉପସ୍ଥିତ ଥିଲେ।

# ସୋନପୁର ଥାନାରେ ଜୁଭେଣ୍ଟିକା ସଚେତନତା କାର୍ଯ୍ୟକ୍ରମ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ପୋଲିସ୍ ସଂଗଠନ ଓ ୟୁନିସେଫ ର ମିଳିତ ଆନୁକୂଲ୍ୟରେ ସୋନପୁର ସଦର ପୋଲିସ ଥାନା ପରିସରରେ ଜୁଭେଣ୍ଟିକା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାର ମୂଳ ଉଦ୍ଦେଶ୍ୟ ହେଲା ଯୁବପିଢ଼ିଙ୍କୁ ସାଇବର ସୁରକ୍ଷା ଓ ସାମାଜିକ ଗଣମାଧ୍ୟମ ଉପରେ ସଚେତନତା କରିବା। କିଶୋର ବାଳକ ବାଳିକା ଓ ମହିଳାଙ୍କ ଉପରେ ଅପରାଧ ନିୟନ୍ତ୍ରଣ କରିବା ଦିଗରେ ପୋଲିସ ତଦନ୍ତ ବିଭାଗ ଓ କ୍ରାଇମବ୍ରାଞ୍ଚ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ପୁଲିସ ମହାନିର୍ଦ୍ଦେଶକ ଡ. ଯୋଗେଶ ବାହାଦୁର ଖୁରାନିଆ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିବା ସହ ବିଭିନ୍ନ ଜିଲାର କିଶୋରୀ କିଶୋର ମାନଙ୍କ ସହ ମତ ବିନିମୟ କରିଥିଲେ। ଏହି ପରିପ୍ରେକ୍ଷୀରେ ସୋନପୁର ଥାନା ଅଧିକାରୀ ଯାଦବ ବାଗ୍‌ଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଡିଏସ୍‌ପି ରେଣୁକା ସୁନା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ, ସାମାଜିକ କର୍ମୀ ତଥା (ୟୁନିସେଫ୍) ପରାମର୍ଶଦାତା ଘାସିରାମ ପଣ୍ଡା ଯୋଗଦାନ କରିଥିଲେ।

ଏହି କାର୍ଯ୍ୟକ୍ରମରେ କିଶୋରୀ କିଶୋର, ଅଙ୍ଗନୱାଡ଼ି କର୍ମୀ ଓ ପାରା ଲିଗାଲ ସ୍ୱେଚ୍ଛାସେବୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସାମ୍ପ୍ରତିକ ପରିସ୍ଥିତିରେ ସମାଜରେ ଦୃଶ୍ୟମାନ ଓ ସଙ୍ଗଠିତ ସାଇବର ଅପରାଧ ନିୟନ୍ତ୍ରଣ କରିବାରେ ପୋଲିସର ପ୍ରମୁଖ ଭୂମିକା ରହିଛି। ଏଭଳି ସ୍ଥିତିରେ କିଶୋର ବାଳକ, ବାଳିକା ଓ ମହିଳାଙ୍କ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବା ପାଇଁ ଜୁଭେଣ୍ଟିକା ସଚେତନ କାର୍ଯ୍ୟକ୍ରମ ଅପରିହାର୍ଯ୍ୟ। ମୋବାଇଲ ଜରିଆରେ ନିଯୁକ୍ତି ବିଷୟରେ ଆସୁଥିବା ଲୋଭନୀୟ ପ୍ରତିଶ୍ରୁତି, ଉପଯୁକ୍ତ ବୟସରେ ବିବାହ, କିଶୋର ବୟସରେ ପରିସ୍ଥିତିରେ ଗତି କରି ବିପଥଗାମୀରୁ ନିବୃତ୍ତ ହେବା ଏବଂ କିଛି ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବା ପୂର୍ବରୁ ନିଜ ବୁଦ୍ଧି ବିବେକ ଅନୁସାରେ ସେଥିରୁ କିପରି ନିଜକୁ ସୁରକ୍ଷିତ ରଖି ପାରିବେ ସେହି ବିଷୟରେ ଅଧିକାରୀମାନେ ଉପାଦେୟ ସୂଚନା ଅବଗତ କରିଥିଲେ। ପରେ ବିଭିନ୍ନ ସଚେତନତା ଧର୍ମୀ ଭିଡିଓ ମାଧ୍ୟମରେ ଯୁବପିଢ଼ିଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ଥାନା ଅଧିକାରୀ ଶ୍ରୀ ବାଗ ଯୁବପିଢ଼ି ତଥା କିଶୋରୀମାନଙ୍କୁ ସଚେତନ କରାଇବା ପାଇଁ ଭାବ ବିନିମୟ କରିବା ସହ ଅନେକ ପ୍ରଶ୍ନ କରିଥିଲେ ଏବଂ କିଶୋରୀମାନେ ମଧ୍ୟ ଉତ୍ତର ରଖିଥିଲେ।

# ବାଂଲାଦେଶର ନିୟନ୍ତ୍ରଣରେ ପ୍ରଥମ ଟେଷ୍ଟ



**ଢାକା**

ସ୍ଥାନୀୟ ଶେର-ଇ-ବାଂଲା ନ୍ୟାସନାଲ ଷ୍ଟାଡିୟମରେ ଚାଲିଥିବା ପାକିସ୍ତାନ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟ ବର୍ତ୍ତମାନ ବାଂଲାଦେଶ ନିୟନ୍ତ୍ରଣରେ ରହିଛି। ଅଫ୍-ସ୍ପିନର ମେହିଦି ହସନ (୫/୧୦୨)ଙ୍କ ୫ ଉଇକେଟ ସଫଳତା ଯୋଗୁ ପାକିସ୍ତାନକୁ ୩୮୬ ରନରେ ଅଲଆଉଟ କରି ବାଂଲାଦେଶ ପ୍ରଥମ ଇନିଂସରେ ୨୭ ରନ ଅଗ୍ରଣୀ ଲାଭ କରିବା ପରେ ଏହାର ଦ୍ୱିତୀୟ ଇନିଂସ ଖେଳିବାକୁ ଯାଇ ରବିବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ବିନା କୌଣସି ଉଇକେଟରେ ୭ରନ କରିଛି।

# ଯାଜପୁର ଜିଲ୍ଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ : ୮,୫୬୧ ମାମଲା ଫଇସଲା

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**



ଯାଜପୁର ଜିଲ୍ଲା ଆଇନ ସ୍ୱୋ ପ୍ରାଧିକରଣ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଭିନ୍ନ ପ୍ରକାରର ମୋଟ ୮,୫୬୧ ଗୋଟି ମୋକଦ୍ଦମା ଫଇସଲା ହୋଇଛି। ସେଥି ମଧ୍ୟରୁ ୨୯୬ ଗୋଟି ଫୌଜଦାରୀ, ୧୭ ଗୋଟି ମୋଟର ଦୁର୍ଘଟଣା ଜନିତ ମାମଲା, ୩୧ ଗୋଟି ଦେୱାନୀ, ୧୪ ଗୋଟି ପାରିବାରିକ କଳହ ମୋକଦ୍ଦମା, ଟ୍ରାଫିକ ଚାଲାଣ ୧୫ ଗୋଟି, ଖାଉଟି ସମ୍ବନ୍ଧୀୟ ୪ ଗୋଟି ଏବଂ ରାଜସ୍ୱ ବିଭାଗର ୮୧୮୪ଟି ମାମଲା ଫଇସଲା କରାଯାଇ ମୋଟ ଟ.୭,୮୭,୦୩,୨୪୩/-ଙ୍କା ଆଦାୟ କରାଯାଇଛି। ଏତଦବ୍ୟତୀତ ଏହି ଲୋକ ଅଦାଲତରେ ବିଭିନ୍ନ ବ୍ୟାଙ୍କର ମୋଟ ୩୦ ଗୋଟି, ବିଦ୍ୟୁତ ବିଭାଗର ୨୭ ଗୋଟି, ସ୍ଥାୟୀ ଲୋକ ଅଦାଲତର ୩ ଗୋଟି ଏବଂ ଟେଲିଫୋନ ୩ ଗୋଟି ସମ୍ବନ୍ଧୀୟ ପ୍ରାକ ବିଚାରଧୀନ ମାମଲା ଫଇସଲା କରାଯାଇ ମୋଟ ଟ. ୮,୮୪,୧୫୨ /- ଙ୍କା ମଧ୍ୟ ଆଦାୟ କରାଯାଇଛି।

ଏହି ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜିଲ୍ଲା ଓ ଦୌରାଜଜ୍ ତଥା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦ ଅନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ନେହା ଅଗ୍ରୱାଲ ପରିଚାଳନା କରିଥିଲେ। ଏହି ରାଷ୍ଟ୍ରୀୟ ଅଦାଲତରେ ଯାଜପୁର ଜିଲ୍ଲାର ପରିବାର ଅଦାଲତର ବିଚାରପତି ଡ. ପ୍ରସନ୍ନ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲା ଜଜ ବିଶ୍ୱେଶ୍ୱର ବିଶ୍ୱପ୍ରକାଶ ରାୟ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସର୍ବେଶ୍ୱର ଦାସ, ରେଜିଷ୍ଟାର, ପଲ୍ଲବୀରାଣୀ ସାହୁ, ବରିଷ୍ଠ ଦେୱାନୀ ବିଚାର ପତି, ନୀଳିମା ପଣ୍ଡା, ବରିଷ୍ଠ ଦେୱାନୀ ବିଚାର ପତି (ଏଲଆର ଏବଂ ଏଲଟିଭି) ଲୋପାମୁଦ୍ରା ବେହେରା, ଏସ.ଡି.ଜେ.ଏମ. ସୁମିତ୍ରା ବିଶ୍ୱାଳ, ଦେୱାନୀ ବିଚାର ପତି, ସୁନିତା ବିଶ୍ୱାଳ, ଜେ.ଏମ.ଏଫ.ସି. (ଏଲଆର ଏବଂ ଏଲଟିଭି), ଅଂଶୁମାନ ରଥ, ଜେଏମଏଫସି, ବୀଣାପାଣି ତାଣ୍ଡି, ଅଂଶ ଗ୍ରହଣ କରି ବିଭିନ୍ନ ମକଦ୍ଦମାଗୁଡ଼ିକୁ ଫଇସଲା କରିଥିଲେ। ଏହି ଲୋକଅଦାଲତରେ ଜିଲ୍ଲା ଓ ଦୌରା ଜଜ ତଥା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁର ଜିଲ୍ଲା କାରାଗାର ଅନ୍ତେବାସୀ ମାନଙ୍କ ଦ୍ୱାରା ତିଆରି କରାଯାଇଥିବା ଫିନାଇଲ ଏବଂ ଜୈବିକ ଖତ ବିକ୍ରୟ କରାଯାଇଥିଲା।

# ଆବାସ ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ୭ଦିନରେ ହେବ କାର୍ଯ୍ୟାନୁଷ୍ଠାନ

**ଆଠଗଡ଼, ନ୍ୟୁଜ୍‌ବ୍ୟୁରୋ**



କଟକ ଜିଲ୍ଲା ଆଠଗଡ଼ ବ୍ଲକ କୁମାରପୁର ପଞ୍ଚାୟତରେ ଆବାସ ଯୋଜନାର ହୋଇଛିମହା ଘୋଟଲା। ଆଦିବାସୀଙ୍କ ଏହି ଆବାସ ଯୋଜନା ଦୁର୍ନୀତିର ପର୍ଦ୍ଦାଫାସ କରିଥିଲେ ପ୍ରଥମେ ଆଠଗଡ଼ ବିଜେପି ନେତା ଅଭୟ କୁମାର ବାରିକ। ଏଭଳି ଏକ ସ୍ୱର୍ଣ୍ଣକାତର ବିଷୟକୁ ପ୍ରତ୍ୟକ୍ଷ ଭାବେ ଦେଖିବା ପାଇଁ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ସେଠାକୁ ଯାଇ ଆଦିବାସୀ ଲୋକଙ୍କୁ ପଚାରି ବୁଝିବା ସହିତ ଘଟଣାର ସତ୍ୟତା ଅନୁଭବ କରିଥିଲେ। ୭ ଦିନ ମଧ୍ୟରେ ଆବାସ ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ନାଏକ କହିଥିଲେ। ଗତ ୨୪ ବର୍ଷର ତତ୍କାଳୀନ ସରକାର ଅମଳରେ ଆଠଗଡର କୁମାରପୁର ପଞ୍ଚାୟତରେ ନିରୀହ ଆଦିବାସୀ ଲୋକଙ୍କ ନାମରେ ପ୍ରାୟ ୨୧୭ରୁ ଊର୍ଦ୍ଧ୍ୱ ଆବାସ ଯୋଜନା ଘର ଯାହାର ଆନୁମାନିକ ମୂଲ୍ୟ ୨ କୋଟିରୁ ଅଧିକ ହେବ ବୋଲି ଉଚ୍ଚସ୍ତରୀୟ ତଦନ୍ତ ବେଳେ ଜଣାପଡ଼ିଥିଲା। ଏ ସମ୍ପର୍କରେ ବିଜେପି ନେତା ବାରିକ ପୂର୍ବରୁ ୨ବର୍ଷ ପୂର୍ବେ କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ସାକ୍ଷାତ କରି କୁମାରପୁର ଆବାସ ଯୋଜନା ଦୁର୍ନୀତିରେ ଆଦିବାସୀଙ୍କୁ ନ୍ୟାୟ ଓ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦଣ୍ଡ ଦେବା ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ସମ୍ପର୍କରେ ଅଭୟ ଗତ ମାର୍ଚ୍ଚରେ ପଞ୍ଚାୟତିରାଜ ମନ୍ତ୍ରୀ ନାୟକଙ୍କ ନିକଟରେ ଗରିବ ଆଦିବାସୀଙ୍କ ସହିତ ଫେରାଦ କରିଥିଲେ। ଆଠଗଡ଼ କୁମାରପୁର ଗସ୍ତରେ ମନ୍ତ୍ରୀ ନାଏକ ଆସି ଆବାସ ଦୁର୍ନୀତିର ଶିକାର ହୋଇଥିବା ଆଦିବାସୀମାନଙ୍କ ଘରେ ପହଞ୍ଚି ସ୍ଥିତି ପରଖିବା ସମୟରେ। ମନ୍ତ୍ରୀଙ୍କ ସହିତ ଭାଜପା ନେତା ଅଭୟ ବାରିକ, ପଞ୍ଚାୟତିରାଜ ବିଭାଗର ମୁଖ୍ୟ ସଚିବ ଗିରୀଶ ଏସ୍‌ଏନ୍, ଅତିରିକ୍ତ ସଚିବ, କଟକ ଜିଲ୍ଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ ଓ ଆଠଗଡ଼ ବିଡିଓଙ୍କ ସହିତ ବ୍ଲକ ପ୍ରଶାସନର ବିଭାଗୀୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ତେବେ ଆଠଗଡ଼ର କିଏ ଓ କେଉଁମାନେ ଏହି ଦୁର୍ନୀତିରେ ସମ୍ପୃକ୍ତ ଅଛନ୍ତି, ଅଭିଯୁକ୍ତଙ୍କ ଉପରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ରାଜ୍ୟ ସରକାର ଗ୍ରହଣ କରୁଛନ୍ତି, ତାହା ଦେଖିବାକୁ ବାକିରହିଲା।

# ସମ୍ବଲପୁର 'ଭୀମମଣ୍ଡଳୀ ଇକୋ ହେରିଟେଜ୍ ସାଇଟ୍'ର ଭୂମିପୂଜନ କଲେ କେନ୍ଦ୍ରମନ୍ତ୍ରୀ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**




କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ 'ଭୀମମଣ୍ଡଳୀ ଇକୋ ହେରିଟେଜ୍ ସାଇଟ୍'ର ଭୂମିପୂଜନ କରିଛନ୍ତି। ଏହି ଐତିହାସିକ ଐତିହ୍ୟ ସ୍ଥଳୀ ଭୀମମଣ୍ଡଳୀର ଗୌରବମୟ ଇତିହାସକୁ ଲୋକଲୋଚନକୁ ଆଣିବା ସହ ଏହା ସମ୍ବଲପୁରର ପର୍ଯ୍ୟଟନକୁ ସୁଦୃଢ଼ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଭୀମମଣ୍ଡଳୀ କେବଳ ଏକ ପର୍ଯ୍ୟଟନ ସ୍ଥଳୀ ନୁହେଁ, ବରଂ ଓଡ଼ିଶାର ଗୌରବମୟ ଇତିହାସ ଓ ପୁରାତନ ସଭ୍ୟତାର ଏକ ଜ୍ୱଳନ୍ତ ପ୍ରମାଣ। ପ୍ରତ୍ନତତ୍ତ୍ୱବିତ୍ ମାନଙ୍କ ଅନୁସାରେ, ଭୀମମଣ୍ଡଳୀର ଗୁମ୍ଫା କାନ୍ଥରେ ଥିବା 'ରକ୍ ଆର୍ଟ' ଗୁଡ଼ିକ ପ୍ରାୟ ୧୦,୦୦୦ ବର୍ଷରୁ ଅଧିକ ପୁରୁଣା। ଏହି ସ୍ଥଳୀରେ ପ୍ରସ୍ତର ଯୁଗର ଅନେକ ପ୍ରାଚୀନ ଉପକରଣ ମଧ୍ୟ ମିଳିଛି। ଏହି ଦୁର୍ଲଭ ସ୍ଥଳୀକୁ ଅନ୍ତର୍ଜାତୀୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ କରିବା ସହ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସଆଇ) ଦ୍ୱାରା ଆନୁଷ୍ଠାନିକ ମାନ୍ୟତା ପ୍ରଦାନ ପାଇଁ ଉଦ୍ୟମ ଜାରି ରହିଛି।

ଐତିହାସିକ ଦୃଷ୍ଟିକୋଣ, ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ପୌରାଣିକ ସମ୍ପର୍କ ପାଇଁ ଭୀମମଣ୍ଡଳୀ ସବୁବେଳେ ସ୍ୱତନ୍ତ୍ର। ଏହି ପରିପ୍ରେକ୍ଷୀରେ ଏହାର ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ପ୍ରାୟ ୮ କୋଟି ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଅନୁମୋଦନ କରିଛନ୍ତି, ଯାହାର କାମ ଆଜିର ଠାରୁ ଆରମ୍ଭ ହୋଇଛି। ଖୁବ ଶୀଘ୍ର ଏଠାରେ ପ୍ରବେଶ ପଥ, ବ୍ରିଜ୍, ଭ୍ୟୁ ପଏଣ୍ଟ, ସୌର ଶକ୍ତି ବ୍ୟବସ୍ଥା ସହ ପର୍ଯ୍ୟଟକଙ୍କ ପାଇଁ ସମସ୍ତ ସୁବିଧା ଏବଂ ବିଶ୍ରାମ ଗୃହ ଆଦି ନିର୍ମାଣ କରାଯିବ। ସ୍ଥାନୀୟ ଜନସାଧାରଣଙ୍କ ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ ଏହି ପ୍ରକଳ୍ପ ଅନେକ ନୂଆ ସୁଯୋଗ ସୃଷ୍ଟି କରିବ।

ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଓଡ଼ିଶା ସରକାରଙ୍କ 'ହୋମ୍ ଷ୍ଟେ' ନୀତି ମାଧ୍ୟମରେ ସ୍ଥାନୀୟ ଗ୍ରାମବାସୀଙ୍କୁ ରୋଜଗାରକ୍ଷମ କରାଯିବା ସହ ପର୍ଯ୍ୟଟକମାନଙ୍କୁ ଓଡ଼ିଶାର ପାରମ୍ପରିକ ଗ୍ରାମ୍ୟ ଜୀବନର ଅନୁଭୂତି ପ୍ରଦାନ କରିବା ପାଇଁ ଯୋଜନା ରହିଛି। ଆଗାମୀ ଦିନରେ ଏହି ଅଞ୍ଚଳର ସାଂସ୍କୃତିକ ଅର୍ଥନୀତିକୁ ସମୃଦ୍ଧ କରିବା ଦିଗରେ ଭୀମମଣ୍ଡଳୀ ବିଶେଷ ଭାବରେ ସହାୟକ ହେବ। ଏହି ପଦକ୍ଷେପ ପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ସୂଚନାଯୋଗ୍ୟ ଯେ, ଫେବୃଆରୀ ୨୫, ୨୦୨୫ରେ ଏହି ସ୍ଥାନ ପରିଦର୍ଶନ କରିବା ଅବସରରେ ଶ୍ରୀ ପ୍ରଧାନ ଏହାର ବିକାଶ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତଙ୍କୁ ପତ୍ର ଲେଖି ଦେବ୍ରିଗଡ଼-ଭୀମମଣ୍ଡଳୀ-ହୀରାକୁଦକୁ ଏକ 'ପର୍ଯ୍ୟଟନ ସର୍କିଟ୍' ଭାବେ ଘୋଷଣା କରିବାକୁ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ ଅନୁରୋଧ କରିଥିଲେ।

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୧ ମଇ ୨୦୨୬ ସୋମବାର





# ମାତୃଦିବସରୁ ମହିଳାଙ୍କ ଅଧିକାର ପାଇଁ ବିଜୁ ମହିଳା ଜନତା ଦଳର ରଣହୁଙ୍କାର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମାତୃ ଦିବସ ଅବସରରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ଆଜି ଶଙ୍ଖ ଭବନଠାରେ ବିଜେଡି ନାରୀ ଅଧିକାର ଅଭିଯାନ ବିକ୍ଷୋଭ ସମାବେଶ ଆନୁଷ୍ଠାନିକ ଭାବରେ ଶୁଭାରମ୍ଭ ହୋଇଛି । ଏହି ଅବସରରେ ରାଜ୍ୟରେ ନାରୀ ସୁରକ୍ଷା ଅଧିକାରର ଉଲ୍ଲଂଘନ, ନାରୀ ନିର୍ଯାତନା, ସାମାଜିକ ଅସୁରକ୍ଷିତା, ସାମ୍ବିଧାନିକ ଓ ରାଜନୈତିକ ଅଧିକାରର ଉଲ୍ଲଂଘନ ଆଦିକୁ ନେଇ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଛି ବିଜୁ ମହିଳା ଜନତା ଦଳ । ରବିବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ସାଂସଦ ସୁଲତା ଦେଓ, ସାଧାରଣ ସମ୍ପାଦିକା ଗୀତାଞ୍ଜଳୀ ବସ୍ତିଆ ଏବଂ ଉପସଭାନେତ୍ରୀ ସ୍ୱର୍ଣ୍ଣଲତା ସାମଲ ବିଜେପିର ନାରୀ ବିରୋଧୀ କାର୍ଯ୍ୟକଳାପକୁ ନେଇ ଦୃଢ ନିନ୍ଦା କରିଥିଲେ । ଆଭାସୀ ମାଧ୍ୟମରେ ଦଳ ସଭାପତି ତଥା ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏହି ସମାବେଶରେ ଯୋଗ ଦେଇ ଜଗତକୁ ଜୀବନ ଦେଇଥିବା ନାରୀମାନଙ୍କୁ ମାତୃଦିବସର ଶୁଭେଚ୍ଛା ଜଣାଇଥିଲେ । ଗତ କିଛି ଦିନ ଧରି ଆମ ରାଜ୍ୟରେ ନାରୀ ନିର୍ଯାତନା ବୃଦ୍ଧି ପାଉଥିବା ଅତ୍ୟନ୍ତ ଚିନ୍ତାଜନକ । ମହିଳାଙ୍କୁ ସଶକ୍ତ କରିବା ପାଇଁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ



ଆରମ୍ଭ କରିଥିବା ଅଭିଯାନକୁ ଆଗକୁ ନେଉଛି ବିଜୁ ଜନତା ଦଳ । ୨୦୨୩ରେ ମହିଳା ସଂରକ୍ଷଣ ବିଲକୁ ବିଜେଡି ସଂପୂର୍ଣ୍ଣ ସମର୍ଥନ କରିଥିଲା । ଏହା ପୂର୍ବରୁ ଦଳୀୟ ସ୍ତରରେ ମହିଳାଙ୍କୁ ଆଗକୁ ଆଣିବା ପାଇଁ ଉଲ୍ଲେଖନୀୟ ପଦକ୍ଷେପ ନେଇ ଆସିଛି ବିଜେଡି । ବିଡମ୍ବନାର ବିଷୟ, ନାରୀ ତା'ର ଅଧିକାର ପାଇଁ ଲଢେଇ କରିବାକୁ ପଡୁଛି ଏବଂ ସରକାର କେବଳ ପ୍ରଚାରରେ ବ୍ୟସ୍ତ । ସୀମା ନିର୍ଦ୍ଧାରଣ ବିଲ୍ ସହ ମହିଳା ସଂରକ୍ଷଣ ବିଲ୍ ନଯୋଡି ବର୍ତ୍ତମାନ ଲୋକସଭାର ଆସନ ସଂଖ୍ୟା ଭିତ୍ତିରେ ମହିଳାଙ୍କୁ ସଂରକ୍ଷଣ ଦିଆଯାଉ । ବିଜେଡି ସବୁବେଳେ ମାଆମାନଙ୍କ ପାଇଁ ଲଢୁଛି ଆଗକୁ ମଧ ଲଢିବ । ରବିବାର ଶୁଭାରମ୍ଭ ହୋଇଥିବା ଏହି ଅଭିଯାନ ମେ' ୨୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ନିର୍ବାଚନମଣ୍ଡଳୀରେ ଚାଲିବ । ଏହି ଭଳି ବିକ୍ଷୋଭ ସଭାବେଶ ଆୟୋଜନ କରି ବିଜେପି ସରକାର ମହିଳାଙ୍କୁ ଲୋକସଭା ଓ ବିଧାନସଭାରେ ୩୩ ପ୍ରତିଶତ ସଂରକ୍ଷଣ ଦେବାରେ ଟାଳଟୁଳ ନୀତି ଓ ମହିଳା ନିର୍ଯାତନା ରୋକିବାରେ ଅସମର୍ଥତାକୁ ବିଜେଡି ଲୋକଲୋଚନକୁ ଆଣିବ । ସଭାନେତ୍ରୀ ଶ୍ରୀମତୀ ସେହାଙ୍ଗିନୀ ଛୁରିଆ ବିସ୍ତୃତ ଭାବେ ମହିଳା ସଶକ୍ତିକରଣ ବାବଦରେ କହି, ବିଜେପି ସରକାରଙ୍କ ମହିଳାଙ୍କୁ ପ୍ରତାରଣା ତଥା ମିଛ ତଥ୍ୟ ଦେଇ ଲୋକଙ୍କୁ ଭ୍ରମିତ କରିବା ବିରୋଧରେ ପ୍ରତିବାଦର ସ୍ୱର ଘରେ ଘରେ ପହଞ୍ଚାଇବା ପାଇଁ ଆହ୍ୱାନ ଦେଇଛନ୍ତି । ସାଂସଦ ଶ୍ରୀମତୀ ସୁଲତା ଦେଓ କହିଛନ୍ତି ଯେ, ବିଜେଡି ସରକାରଙ୍କ ଦୀର୍ଘ ଦିନର ସଂଘର୍ଷ ଏବଂ ଅକ୍ଳାନ୍ତ ପରିଶ୍ରମରେ ଓଡିଶାର ୨.୫ କୋଟି ମହିଳା ଯେଉଁ ସ୍ୱାଧୀନତା ଏବଂ ସମାନତା ତଥା ସୁରକ୍ଷା ପାଇଛନ୍ତି ତାହାକୁ ହାତଛଡା ନକରିବାକୁ ସଂକଳ୍ପ ନେଇଥିଲେ ।

ବରିଷ୍ଠ ନେତ୍ରୀ ଶ୍ରୀମତୀ କସ୍ତୁରୀ ମହାପାତ୍ର କହିଥିଲେ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ନବୀନ ପଟ୍ଟନାୟକ ମହିଳାଙ୍କ ଅଧିକାର, ସୁରକ୍ଷା ଏବଂ ସଶକ୍ତିକରଣ ପାଇଁ ଅତୁଳନୀୟ ଅବଦାନ ବାବଦରେ ଆଲୋକପାତ କରିଥିଲେ । ସେହିପରି ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ କହିଥିଲେ, ମହିଳାମାନଙ୍କ ସ୍ୱାଧୀନତାକୁ ଏକ ବିପଦ ବୋଲି ଭାବୁଛନ୍ତି ବିଜେପି ସରକାର । ପ୍ରତ୍ୟେକ ନିର୍ବାଚନମଣ୍ଡଳୀସ୍ତରରେ ମହିଳାମାନଙ୍କ ପ୍ରତିବାଦ ସମାବେଶ କରି ଦୃଢ ସ୍ୱର ଉତ୍ତୋଳନ କରିବାକୁ ପଡିବ ବୋଲି ଆହ୍ୱାନ ଦେଇଛନ୍ତି । ଏହି ସମାବେଶରେ ଡ. ଲେଖାଶ୍ରୀ ସାମନ୍ତସିଂହାର, ଶ୍ରୀମତୀ ସର୍ମିଷ୍ଠା ସେଠୀ, ଡ.ରାଜଶ୍ରୀ ମଲ୍ଲିକ, ଶ୍ରୀମତୀ ସୁମିତ୍ରା ଜେନା, ଡ. ମିନୀତି ବେହେରା, ମେୟର ଶ୍ରୀମତୀ ସଂଘମିତ୍ରା ଦଳାଇ, ବିଜୁ ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁଙ୍କ ସମେତ ଡ. ଗୀତାଞ୍ଜଳୀ ବସ୍ତିଆ ମଞ୍ଚ ପରିଚାଳନା କରିଥିଲେ । ଏହି ସମାବେଶରେ ସାରା ରାଜ୍ୟରୁ ଆଭାସୀ ମାଧ୍ୟମରେ ହଜାରରୁ ଊର୍ଦ୍ଧ୍ୱ ମହିଳା ନେତ୍ରୀ ଓ କର୍ମୀ ଯୋଗ ଦେଇଥିଲେ ।

# ଠିକ୍ ସମୟରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା, କିନ୍ତୁ ଭିଡ଼ ନିୟନ୍ତ୍ରଣ କରିପାରିନାହାନ୍ତି ଟିମ୍: ପୋଲିସ କମିଶନର



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବାଲିଅନ୍ତା ଥାନା ରାମଚନ୍ଦ୍ରପୁର କାଜ ନିକଟରେ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପିଟିପିଟି ହତ୍ୟା ଘଟଣାରେ ଜାରି ରହିଛି ହଟଚମଟ । ବିଭିନ୍ନ ମହଲରେ ଘଟଣାକୁ ନେଇ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଆସୁଥିବା ବେଳେ, ଘଟଣାରେ ମାରାଥନ୍ ତଦନ୍ତ ଚଲାଇଛି କ୍ରାଇମ୍ ବ୍ରାଞ୍ଚ । ଏହି କ୍ରମରେ ରବିବାର ସକାଳୁ ବାଲିଅନ୍ତା, କ୍ରାଇମ୍ ସ୍ପଟ୍, ସୌମ୍ୟରଞ୍ଜନଙ୍କ ଘର ଏବଂ ଓମ୍‌ଙ୍କ ଘରେ ପହଞ୍ଚି ତଦନ୍ତ କରିବା ସହ ସନ୍ଧ୍ୟାରେ ପୀଡ଼ିତାଙ୍କ ଘରେ ପହଞ୍ଚି ପଚରାଉଚରା କରିଛି କ୍ରାଇମ୍ ବ୍ରାଞ୍ଚ । ଏହାରି ମଧ୍ୟରେ ପୋଲିସ ଡିଜିଙ୍କୁ ଭେଟିଛନ୍ତି କ୍ରାଇମ୍ ବ୍ରାଞ୍ଚ ଡିଜି, ଆଇନ ଶୃଙ୍ଖଳା ଡିଜି ଏବଂ କ୍ରାଇମ୍ ବ୍ରାଞ୍ଚ ଆଇଜି ଏବଂ ବାଲିଅନ୍ତା ଥାନା ଭିଡ଼ ହତ୍ୟା ଘଟଣାକୁ ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି । ଏହି ସମୟରେ ପ୍ରଥମ ଦିନରେ ହୋଇଥିବା ତଦନ୍ତ ରିପୋର୍ଟ ଉପରେ ଆଲୋଚନା କରାଯାଇଛି । ସୋମବାର ସୌମ୍ୟଙ୍କ ପୋଷ୍ଟ ମର୍ଟମ୍ ରିପୋର୍ଟ କ୍ରାଇମ ବ୍ରାଞ୍ଚ ନିଜ ହାତକୁ ନେବ ।

# "ଲୁପସ କେବଳ ଚର୍ମରୋଗ ନୁହେଁ ଏହା ଶରୀରର ଅନେକ ଅଙ୍ଗକୁ କ୍ଷତିଗ୍ରସ୍ତ କରିପାରେ"

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଶ୍ୱ ଲୁପସ ଦିବସ ଅବସରରେ ଓଡ଼ିଶା ଆର୍ଥ୍ରାଇଟିସ୍ ଆଣ୍ଡ୍ ରିଉମାଟୋଲୋଜି ଫାଉଣ୍ଡେସନ୍ ଟ୍ରଷ୍ଟ୍ ପକ୍ଷରୁ ଲୁପସ ସମ୍ପର୍କିତ ସଚେତନତା ବୃଦ୍ଧି ପାଇଁ ଏକ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା । ସିଷ୍ଟେମିକ ଲୁପସ ଏରିଥେମାଟୋସସ୍ ଏକ ଦୀର୍ଘସ୍ଥାୟୀ ଅଟୋଇମ୍ୟୁନ ରୋଗ, ଯାହା ଶରୀରର ତ୍ୱଚା, ଗଣ୍ଠି, ବୃକକ, ହୃଦୟ ସହିତ ବିଭିନ୍ନ ଅଙ୍ଗକୁ ପ୍ରଭାବିତ କରିପାରେ । ଏହି ରୋଗ ସାଧାରଣତଃ ୧୫ରୁ ୪୫ ବର୍ଷ ବୟସର ମହିଳାମାନଙ୍କ ମଧ୍ୟରେ ଅଧିକ ଦେଖାଯାଏ । ପ୍ରତି ୧୦ ଜଣ ଲୁପସ ରୋଗୀଙ୍କ ମଧ୍ୟରୁ ୯ ଜଣ ମହିଳା ଥିବା ସୂଚନା ମିଳିଛି । ଜ୍ୱର, ଛାତିରେ ବ୍ୟଥା, କେଶ ଝଡିବା, ଚର୍ମରେ ରାଶ୍, ଗଣ୍ଠିବେଦନା ଇତ୍ୟାଦି ଲକ୍ଷଣ ଦେଖାଦେଲେ ଲୁପସ ଥିବାର




ସନ୍ଦେହ କରାଯାଇପାରେ । ଏହା କୌଣସି ସଂକ୍ରାମକ ରୋଗ ନୁହେଁ ଏବଂ ଆଣ୍ଟି ନ୍ୟୁକ୍ଲିୟର ଆଣ୍ଟିବଡି ପରୀକ୍ଷା ଦ୍ୱାରା ଏହାକୁ ଚିହ୍ନଟ କରାଯାଇପାରେ । ଏହି ଅବସରରେ ଓଏଆରଏଫ୍‌ଟି ପକ୍ଷରୁ ଓଏଆର୍‌ସି ଶୈଳଶ୍ରୀ ବିହାର ପରିସରରୁ ଡିଏଭି ସ୍କୁଲ୍ ଛକ ପର୍ଯ୍ୟନ୍ତ ଏକ ୱାକାଥନର ଆୟୋଜନ କରାଯାଇଥିଲା । ଏହି ୱାକାଥନର ଉଦ୍‌ଘାଟନ ଭୁବନେଶ୍ୱର ଉତ୍ତର ବିଧାନସଭା ବିଧାୟକ ସୁଶାନ୍ତ କୁମାର ରାଉତ କରିଥିଲେ । ବରିଷ୍ଠ ଚିକିତ୍ସକ ଏବଂ ଭାରତୀୟ ରିଉମାଟୋଲୋଜି ସଂଘ (ଓଡିଶା ଶାଖା)ର ପୂର୍ବତନ ସଭାପତି ଡାକ୍ତର ମନୋଜ ଛୋଟରାୟ ଓ ବରିଷ୍ଠ ସାମ୍ବାଦିକ ଗିରିଜା ଶଙ୍କର ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉପସ୍ଥିତ ଲୋକମାନଙ୍କୁ ଏହି ରୋଗ ବିଷୟରେ ସଚେତନ କରାଇଥିଲେ । ଓଏଆର୍‌ସିର ମେଡିକାଲ ନିର୍ଦ୍ଦେଶକ ପ୍ରଫେସର ଡଃ ଜ୍ୟୋତି ରଞ୍ଜନ ପରିଡା ଓ ଓଏଆର୍‌ସି ଶୈଳଶ୍ରୀବିହାର ଶାଖାର ମୁଖ୍ୟ ପରାମର୍ଶଦାତା ରିଉମାଟୋଲୋଜିଷ୍ଟ ଡାକ୍ତର ଦେବାଶିଷ ମାଇକାପ୍ ସୂଚନା ଦେଇଥିଲେ ଯେ ଲୁପସର ଶୀଘ୍ର ନିଦାନ ଓ ଠିକ୍ ଚିକିତ୍ସା ଦ୍ୱାରା ରୋଗୀମାନେ ସାଧାରଣ ଜୀବନ ଯାପନ କରିପାରିବେ । ନିୟମିତ ଔଷଧ ସେବନ, ସୁସ୍ଥ ଜୀବନଶୈଳୀ ଓ ରିଉମାଟୋଲୋଜିଷ୍ଟଙ୍କ ପରାମର୍ଶ ଏଥିରେ ଗୁରୁତ୍ୱପୂର୍ଣ୍ଣ । ଏହି ଅବସରରେ ଲୁପସ ସମ୍ପର୍କିତ ସୂଚନା ପତ୍ର ବଣ୍ଟନ କରାଯାଇଥିଲା । ଓଏଆର୍‌ଏଫ୍‌ଟିର ପ୍ରତିଷ୍ଠାତା ଚୈତନ୍ୟ ଚନ୍ଦ୍ର ପରିଡା କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜି ସମଗ୍ର ବିଶ୍ୱ ଭାରତର...

ଓ ପୃଷ୍ଠଭୂମିରୁ ଆସୁଥିବା ଲକ୍ଷାଧିକ ସାଧକ ସାମୂହିକ ଧ୍ୟାନ ଓ ଜପ ମାଧ୍ୟମରେ ଅନ୍ତର୍ମନର ଗଭୀର ଶାନ୍ତିକୁ ଅନୁଭବ କରିପାରିବେ । ନବଉଦ୍‌ଘାଟିତ ଧ୍ୟାନ ମନ୍ଦିର ସମ୍ବନ୍ଧରେ ଶ୍ରୀ ମୋଦୀ କହିଥିଲେ, "ଆଜି ଉଦ୍‌ଘାଟିତ ହୋଇଥିବା ଏହି ଧ୍ୟାନ ମନ୍ଦିର ଆଗାମୀ ପିଢ଼ିର ହଜାର ହଜାର ଲୋକଙ୍କ ପାଇଁ ଶାନ୍ତି ଓ ଆତ୍ମିକ ସାନ୍ତ୍ୱନାର କେନ୍ଦ୍ର ହେବ ବୋଲି ମୁଁ ନିଶ୍ଚିତ ।" ମୁଖ୍ୟ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗୁରୁଦେବଙ୍କୁ ଉଚ୍ଚ ସ୍ତୁତି କରି କହିଥିଲେ ଯେ ସେ "ଭାରତର ଚିରନ୍ତନ ଦାନ ପରମ୍ପରାର ଜୀବନ୍ତ ପ୍ରତିମୂର୍ତ୍ତି – ଜ୍ଞାନ ଦେବା, ଶାନ୍ତି ଦେବା ଓ ଆଶା ଦେବାର ଅବିରତ ପରମ୍ପରା ।" ପ୍ରଧାନମନ୍ତ୍ରୀ ସ୍ମରଣ କରି କହିଥିଲେ ଯେ, ପୂର୍ବରୁ ସେ ଯେତେଥର ଏହି ଆନ୍ତର୍ଜାତିକ କେନ୍ଦ୍ରକୁ ଆସିଛନ୍ତି, ସେ ସମୟରେ ସେ ଏହି ସମାନ ସେବାଭାବର ଶକ୍ତିକୁ ଅନୁଭବ କରିଛନ୍ତି, ଯାହାକୁ ଋଷିମୁନିମାନେ ପୃଥିବୀକୁ ଆଣିଥିଲେ ।" ଗୁରୁଦେବଙ୍କ ସହ ଏକ ହାସ୍ୟରସାତ୍ମକ ମୁହୂର୍ତ୍ତରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସ୍ନେହପୂର୍ଣ୍ଣ ଭାବେ କହିଥିଲେ, "ମୈଁ ଆପକା ହି ହୁଁ ଔର ଜହାଁ ହୁଁ ୱହ ଭି ଆପକୀ ୱଜହ ସେ ହି ହୁଁ" (ମୁଁ ଆପଣଙ୍କର ହିଁ ଓ ଆଜି ଯେଉଁଠାରେ ଅଛି, ଆପଣଙ୍କ କାରଣରୁ ଅଛି) । ଏହି କଥାରେ ଉପସ୍ଥିତ ଦର୍ଶକମଣ୍ଡଳୀ ହର୍ଷଧ୍ୱନି ଓ କରତାଳିରେ ସଭାଗୃହକୁ ଭରିଦେଇଥିଲେ । ରାଷ୍ଟ୍ର ଗଠନରେ ଆଧ୍ୟାତ୍ମିକତା ଓ ମାନସିକ ସୁସ୍ଥତାର ଭୂମିକା ବିଷୟରେ ପ୍ରଧାନମନ୍ତ୍ରୀ କହିଥିଲେ, "ଏକ ବିକଶିତ ଭାରତ ସେହି ଯୁବଶକ୍ତି ଦ୍ୱାରା ଗଢ଼ିଉଠିବ, ଯେଉଁମାନେ ମାନସିକ ଭାବେ ଶାନ୍ତ, ସାମାଜିକ ଭାବେ ଦାୟିତ୍ୱଶୀଳ ଓ ସମାଜ ପ୍ରତି ସମ୍ବେଦନଶୀଳ । ଏହି ଯାତ୍ରାରେ ଆଧ୍ୟାତ୍ମିକ ସୁସ୍ଥତା, ମାନସିକ ସ୍ୱାସ୍ଥ୍ୟ, ଯୋଗ ଓ ଧ୍ୟାନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆର୍ଟ ଅଫ୍ ଲିଭିଂ ପରି ସଂଗଠନମାନେ ଲୋକମାନଙ୍କ ମଧ୍ୟରେ ସଂଯୋଗ, ଆପଣାପଣିଆ ଭାବନା ଓ ସାମୂହିକ ଦାୟିତ୍ୱବୋଧକୁ ଶକ୍ତିଶାଳୀ କରନ୍ତି । ସେମାନେ ଲୋକଙ୍କୁ ନିଜ ସଂସ୍କୃତିକୁ ଜାଣିବା ଓ ବୁଝିବାର ସୁଯୋଗ ମଧ୍ୟ ପ୍ରଦାନ କରନ୍ତି ।" ରାଷ୍ଟ୍ର ଗଠନରେ ଲୋକଙ୍କ ସହଭାଗିତାର ଗୁରୁତ୍ୱ ସମ୍ବନ୍ଧରେ ସେ କହିଥିଲେ, "ମୋର ପୂର୍ଣ୍ଣ ବିଶ୍ୱାସ ଯେ ସମାଜ, ରାଜନୀତି ଓ ସରକାରଠାରୁ ଅଧିକ ଶକ୍ତିଶାଳୀ । ଏବଂ ସମାଜ ଯେତେବେଳେ ସକ୍ରିୟ ଭାବେ ରାଷ୍ଟ୍ର ଗଠନରେ ଯୋଗଦେଇଥାଏ, ସେତେବେଳେ ଯେ କୌଣସି ସରକାର ସଫଳ ହୋଇପାରେ ।" ସଂଗଠନର ଅବଦାନକୁ ପ୍ରଶଂସା କରି ସେ କହିଥିଲେ, "ଆର୍ଟ ଅଫ୍ ଲିଭିଂ ସଂଗଠନ ସଦା ସମାଜର ଶକ୍ତିକୁ ସମର୍ଥନ କରୁଥିବା ଦେଖି ମୋତେ ଅତ୍ୟନ୍ତ ଆନନ୍ଦ ଲାଗୁଛି ।"ଭାରତର ଦ୍ରୁତ ଅଗ୍ରଗତି ଓ ଯୁବଶକ୍ତିର ଭୂମିକାକୁ ଉଲ୍ଲେଖ କରି ଶ୍ରୀ ମୋଦୀ କହିଥିଲେ, "ଆମର ଡିଜିଟାଲ ବିପ୍ଲବ ଭାରତକୁ ଡିଜିଟାଲ ପେମେଣ୍ଟ କ୍ଷେତ୍ରରେ ବିଶ୍ୱନେତାରେ ପରିଣତ କରିଛି । ଷ୍ଟାର୍ଟଅପ୍ କ୍ଷେତ୍ରରେ ଭାରତ ବିଶ୍ୱର ତୃତୀୟ ସର୍ବବୃହତ୍ ଇକୋସିଷ୍ଟମ୍ ହୋଇପାରିଛି । ଆମ ଯୁବମାନେ ଏବେ ନିଜସ୍ୱ ସାଟେଲାଇଟ୍‌କୁ ଅନ୍ତରିକ୍ଷକୁ ପଠାଉଛନ୍ତି । ଏପରି ସଫଳତାର ସବୁଠାରୁ ବଡ଼ କାରଣ ହେଲେ ଆମ ଯୁବଶକ୍ତି ଓ ଆର୍ଟ ଅଫ୍ ଲିଭିଂ । ଆଧୁନିକ ଯୁଗର ପ୍ରତିଯୋଗିତାକୁ ମୁକାବିଲା କରିବାରେ ଆର୍ଟ ଅଫ୍ ଲିଭିଂ ଯୁବମାନଙ୍କୁ ସହଯୋଗ କରୁଛି ।" ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରି ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କର ଗତ କିଛି ବର୍ଷରେ ଭାରତରେ ଘଟିଥିବା ପରିବର୍ତ୍ତନ ଓ ସମଗ୍ର ଦେଶରେ ଉଦ୍ଭାବିତ ହୋଇଥିବା ଆତ୍ମବିଶ୍ୱାସର ଭାବନା ସମ୍ବନ୍ଧରେ ଆତ୍ମୀୟତାର ସହ କହିଥିଲେ । ଗୁରୁଦେବ କହିଥିଲେ, "ଦେଶ ଓ ବିଦେଶରେ ଶାନ୍ତି ସ୍ଥାପନ ପାଇଁ ଆପଣ ଅନେକ ପଦକ୍ଷେପ ନେଇଛନ୍ତି । ଆଜି ଭାରତ ମାତା ଓ ଭାରତବାସୀ ଗର୍ବର ସହ ଆଗକୁ ଚାଲୁଛନ୍ତି, କାରଣ ଆପଣ ଭାରତକୁ ଏକ ନୂଆ ଉଚ୍ଚତାକୁ ନେଇଯାଇଛନ୍ତି ।" ରାଷ୍ଟ୍ରୀୟ ପରିବର୍ତ୍ତନ ଓ ଜନସହଭାଗିତା ସମ୍ବନ୍ଧରେ ଗୁରୁଦେବ ଆହୁରି କହିଥିଲେ, "ଆପଣ ଆସିବା ସହିତ 'ସ୍ୱଚ୍ଛ ଭାରତ'ର ଆହ୍ୱାନ ଦେଇଥିଲେ । ଆଜି ଦେଶ ଅଧିକ ସ୍ୱଚ୍ଛ, ସୁନ୍ଦର, ସୁରକ୍ଷିତ ଓ ନୂତନ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ ଲାଗୁଛି ।"ଭାରତର ବୃଦ୍ଧିଶୀଳ ବୈଶ୍ୱିକ ପ୍ରତିଷ୍ଠା ସମ୍ବନ୍ଧରେ ଗୁରୁଦେବ କହିଥିଲେ, "ପୂର୍ବରୁ ବିଦେଶରେ ଲୋକମାନେ କହୁଥିଲେ ଭାରତ ଏଭଳି ଉନ୍ନତି କରିପାରିବ ନାହିଁ । ଆପଣ ସମସ୍ତଙ୍କୁ ଭୁଲ୍ ପ୍ରମାଣ କରିଦେଲେ ।" "ଦଶ ବର୍ଷରୁ କମ୍ ସମୟରେ ଆପଣ ଭାରତକୁ ଏକ ମାଗୁଥିବା ଦେଶରୁ ଦେଉଥିବା ଦେଶରେ ପରିଣତ କରିଦେଲେ" ବୋଲି ଗୁରୁଦେବ କହିଥିଲେ ।

## ତାମିଲନାଡୁରେ ଟିଭିକେ...

ଭାବରେ ତାଙ୍କର ନବମ କାର୍ଯ୍ୟକାଳ ଜାରି ରଖିଛନ୍ତି । ସେ ଦୀର୍ଘ ସମୟ ଧରି ଏଆଇଏଡିଏମଖକେ ସହିତ ଜଡିତ ଅଛନ୍ତି । ପି. ଭେଙ୍କଟରମନନ୍ ମନ୍ତ୍ରୀ ଭାବରେ ଶପଥ ନେଇଛନ୍ତି । ଭେଙ୍କଟରମନନ୍ ୨୦୦୦ ମସିହାରୁ ବିଜୟ ଥାଲାପତିଙ୍କ ପରିଚାଳକ ଅଛନ୍ତି । ସେ ମାଇଲାପୁର ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ । ସେ ଏମ୍‌କମ୍, ଏମ୍‌ବିଏ ଏବଂ ଏମ୍‌ଏଲ୍ ଡିଗ୍ରୀ ହାସଲ କରିଛନ୍ତି । ଆର. ନିର୍ମଳକୁମାର ମନ୍ତ୍ରୀ ଭାବରେ ଶପଥ ନେଇଛନ୍ତି । ସେ ତିରୁପାରଙ୍କୁଣ୍ଡ୍ରମ ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ । ସେ ପୂର୍ବରୁ ଏଆଇଏଡିଏମ୍‌କେ ଏବଂ ବିଜେପିରେ କାର୍ଯ୍ୟ କରିଥିଲେ । ସେ ତାମିଲନାଡୁରେ ବିଜେପି ପାଇଁ ସୋସିଆଲ ମିଡିଆ ମୁଖ୍ୟ ଥିଲେ । ତାମିଲ ଅଭିନେତା ଏବଂ ନିର୍ଦ୍ଦେଶକ ରାଜମୋହନ ମନ୍ତ୍ରୀ ଭାବରେ ଶପଥ ନେଇଛନ୍ତି । ସେ ଟିଭିକେର ପ୍ରଚାର ସଚିବ ଥିଲେ ଏବଂ ଏଗମୋର ନିର୍ବାଚନମଣ୍ଡଳୀରୁ ବିଧାୟକ । ଡାକ୍ତର ଟି.କେ. ପ୍ରଭୁ ମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି । ପ୍ରଥମ ଥର ପାଇଁ ସେ ବିଧାୟକ ହୋଇଛନ୍ତି । ପେଶାରେ ସେ ଜଣେ ଦନ୍ତ ଚିକିତ୍ସକ । ସେ କରାଇକୁଡି ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇଛନ୍ତି । ତାଙ୍କର ବିଡିଏସ୍, ଏମଏସ୍‌ସିଡି., ଏମଏସସି., ଆଇସିଡିଆଇ ଏବଂ ଏଫଆଇସିଓଆଇ ଡିଗ୍ରୀ ରହିଛି । ଏସ. କୀର୍ତ୍ତନା ମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି । ସେ ଶିବକାଶୀ ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବରେ ନିର୍ବାଚିତ ହୋଇଥିବା ପ୍ରଥମ ମହିଳା । ସେ ଷ୍ଟାଲିନଙ୍କ ସହିତ ରାଜନୈତିକ ପରାମର୍ଶଦାତା ଭାବରେ କାମ କରିଛନ୍ତି ଏବଂ ଏମ୍‌ଏସ୍‌ସି. ଡିଗ୍ରୀ ହାସଲ କରିଛନ୍ତି ।

## ବାଲିଅନ୍ତା ବର୍ବରତା...

ଆରମ୍ଭ କରି କ୍ରାଇମସ୍ପଟ୍ ଓ ସୌମ୍ୟଙ୍କ ଘରେ ପହଞ୍ଚି ପଚରାଉଚୁରା କରିଛି କ୍ରାଇମବ୍ରାଞ୍ଚ ଟିମ୍ । ମୃତ ସୌମ୍ୟଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କୁ ପଚରାଉଚୁରା କରାଯାଇଛି । ସେହିପରି ସେଦିନ ସୌମ୍ୟଙ୍କ ସାଥିରେ ଥିବା ବନ୍ଧୁ ଓମ୍‌ଙ୍କ ଘରେ ମଧ ପହଞ୍ଚି ଘଟଣା ସମ୍ପର୍କରେ ପଚରାଉଚୁରା କରାଯାଇଛି । କ୍ରାଇମବ୍ରାଞ୍ଚ ଟିମ୍ ସମେତ ସାଇଣ୍ଟିଫିକ୍ ଟିମ୍ ଓ ସାଇବର୍ ଟିମ୍ ମଧ ତଦନ୍ତରେ ସାମିଲ ହୋଇଛନ୍ତି ।

ସୌମ୍ୟ ହତ୍ୟା ମାମଲାରେ ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ନିଲମ୍ବିତ ହେଲେ ୪ ଜଣ ପୁଲିସ ଅଧିକାରୀ । ଜଣେ ଏସଆଇ, ଜଣେ ଏଏସଆଇ, ଜଣେ କନେଷ୍ଟବଳ ନିଲମ୍ବିତ । ଜଣେ ଓଏପିଏଫ୍ କର୍ମଚାରୀ ମଧ୍ୟ ନିଲମ୍ବିତ ହୋଇଛନ୍ତି । ୨ ଜଣ ହୋମଗାର୍ଡଙ୍କୁ ଚାକିରିରୁ ଅବ୍ୟାହତି ପାଇଁ ନୋଟିସ୍ ଦିଆଯାଇଛି । ଏହି ମାମଲାରେ ବାଲିଅନ୍ତା ଥାନା ଅଧିକାରୀଙ୍କୁ ବଦଳି କରାଯାଇଛି । ଥାନା ଅଧିକାରୀ ଅନିଲ ପରିଡ଼ାଙ୍କର ପୁଲିସ ମୁଖ୍ୟାଳୟକୁ ବଦଳି ହୋଇଛି । ବାଲିଅନ୍ତା ଥାନାର ନୂଆ ଆଇଆଇସି ରଶ୍ମିତା ବେହେରା ହୋଇଛନ୍ତି । ଜିଆରପି କନଷ୍ଟେବଳ ସୌମ୍ୟ ରଞ୍ଜନ ହତ୍ୟା ମାମଲାରେ କ୍ରାଇମବ୍ରାଞ୍ଚ ତନାଘନା ଚଳାଇଛି । ଘଟଣାସ୍ଥଳକୁ ଯାଇ ସରଜମିନ୍ ତଦନ୍ତ ଆରମ୍ଭ କରିଛି କ୍ରାଇମବ୍ରାଞ୍ଚ ଟିମ୍ । ରବିବାର କ୍ରାଇମ ବ୍ରାଞ୍ଚର ଦୁଇଟି ଟିମ୍ ବାଲିଅନ୍ତା ଯାଇଥିଲେ । ଗୋଟିଏ ଟିମ୍ ବାଲିଅନ୍ତା ଥାନାକୁ ଯାଇ ତଦନ୍ତ କରିଥିବା ବେଳେ ଅନ୍ୟ ଟିମ୍ କ୍ରାଇମ୍ ସ୍ପଟ୍‌ରେ ଖୋଳତାଡ଼ କରିଛି । ତଦନ୍ତରେ ସାଇଣ୍ଟିଫିକ୍ ଟିମ୍, ସାଇବର୍ ଟିମ୍ ଓ ଡଗ୍ ସ୍କ୍ୱାର୍ଡ ସାମିଲ ହୋଇଥିଲେ । ଅନ୍ୟପଟେ ମାମଲାରେ ସମ୍ପୃକ୍ତ ପୋଲିସ କର୍ମଚାରୀ ଓ ପୀଡ଼ିତମାନଙ୍କୁ ପଚରାଉଚରା ହେବ । ସାକ୍ଷୀମାନଙ୍କୁ ଜେରା କରିବେ ଟିମ୍ । ଡାକ୍ତରଙ୍କ ଠାରୁ ଶବ ବ୍ୟବଚ୍ଛେଦ ରିପୋର୍ଟ ଅଣାଯିବ । ଯାହା ବିରୁଦ୍ଧରେ ପ୍ରମାଣ ମିଳିବ କାହାକୁ ଛଡ଼ା ଯିବ ନାହିଁ । ମାମଲାରେ କ୍ରାଇମବ୍ରାଞ୍ଚ ଏସପି ଅନିରୁଦ୍ଧ ରାଉତରାୟ ତଦନ୍ତର ମନିଟରିଂ କରିବେ । ଡିଏସପି ରନ୍‌ପ୍ରଭା ଶତପଥୀ ତଦନ୍ତ ଦାୟିତ୍ୱରେ ଅଛନ୍ତି । ଏହି ଟିମ୍‌ରେ ୧୦ ଜଣ ସଦସ୍ୟ ରହିଛନ୍ତି । ଜଣେ ଏସ୍‌ପି, ୨ ଜଣ ଡିଏସ୍‌ପି , ୪ ଇନ୍ସପେକ୍ଟର, ଜଣେ ଏସ୍‌ଆଇ ଓ ୨ ଜଣ ଏଏସ୍‌ଆଇ ରହିଛନ୍ତି । ତଦନ୍ତକୁ ୩ଟି ଭାଗରେ ବିଭକ୍ତ କରାଯାଇଛି । ଡିସିପିଙ୍କ ସୂଚନା ଅନୁସାରେ ବାଲିଅନ୍ତା ଥାନାରେ ଦୁଇଟି ପୃଥକ ପୃଥକ ଏତଲା କରାଯାଇଛି । ଗୋଟେ ଏତଲା ଯୁବକଙ୍କ ବାପା ଦେଇଥିବା ବେଳେ ଅନ୍ୟ ଏକ ଏତଲା ଅସଦାଚରଣ ଶିକାର ହୋଇଥିବା ଯୁବତୀଙ୍କ ପକ୍ଷରୁ କରାଯାଇଛି । ମୃତ ଯୁବକଙ୍କ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ଯେଉଁମାନେ ଯୁବକଙ୍କୁ ମାଡ଼ ମାରିଛନ୍ତି ଭିଡିଓଗୁଡ଼ିକ ତଦନ୍ତ କରାଯାଇ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ । ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ୧୧ ଜଣଙ୍କୁ ପୋଲିସ ଗିରଫ କରିଛି ।

## ଲେବାନନ ଉପରେ ଇସ୍ରାଏଲ୍...

ହିଜବୁଲ୍ଲା ଇସ୍ରାଏଲ୍ ଉପରେ ପାଲଟା ଆକ୍ରମଣ କରିଥିବା ଦାବି କରିଛି । ଇସ୍ରାଏଲର ସୀମା ଆଡ଼କୁ ଏହା ୨୬ଟି ଆକ୍ରମଣ କରିଥିବା କହିଛି । ସେପଟେ ଆମେରିକା କହିଛି, ଇସ୍ରାଏଲ୍ ଏବଂ ଲେବାନନ ମଧ୍ୟରେ ଶାନ୍ତି ଓ ସୁରକ୍ଷା ବୁଝାମଣା ନେଇ ପରବର୍ତ୍ତୀ ଆଲୋଚନା ମେ' ୧୪-୧୫ରେ ହେବ । ଆମେରିକାର ମଧ୍ୟସ୍ଥତାରେ ଏହା କରାଯିବ ।

## ଯୋଗୀଙ୍କ ମନ୍ତ୍ରିମଣ୍ଡଳରେ...

ମୁଖ୍ୟମନ୍ତ୍ରୀଙ୍କ ଭୂମିକା କେବଳ 'କୋରିଅର ମେସେଞ୍ଜର' ପରି କାଗଜ ପଢ଼ିବାରେ ସୀମିତ ହୋଇଯାଇଛି ବୋଲି କହି ସମାଲୋଚନା କରିଛନ୍ତି । ଅଖିଳେଶ ଆହୁରି ମଧ କହିଛନ୍ତି ଯେ, ଉତ୍ତର ପ୍ରଦେଶର ମନ୍ତ୍ରିମଣ୍ଡଳରେ କ'ଣ କେବଳ ଛଅଟି ପଦ ଖାଲି ଥିଲା କି ବୋଲି ଲୋକମାନେ ପ୍ରଶ୍ନ କରୁଛନ୍ତି, କିନ୍ତୁ ଅନ୍ୟ ଦଳରୁ ନେତାଙ୍କୁ ନିଜ ଦଳରେ ସାମିଲ କରିବା ସଂଖ୍ୟା ବହୁ ଅଧିକ ରହିଛି । ସେମାନେ ସମସ୍ତଙ୍କୁ ମନ୍ତ୍ରୀପଦ ଦେଇ ପୁରସ୍କୃତ କରାଯିବ କି ବୋଲି 'ଏକ୍ସ'ରେ ଏକ ପୋଷ୍ଟ କରି ଯାଦବ ପ୍ରଶ୍ନ କରିଛନ୍ତି ।

## ଡ୍ୟାମ୍ ନିର୍ମାଣ କାମ ବେଳେ ଅଘଟଣ...

ଯାଇଥିଲେ । ତୁରନ୍ତ ସେମାନଙ୍କୁ ପ୍ରଥମେ ବାସୁଦେବପୁର ମେଡିକାଲ ଓ ପରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । କିନ୍ତୁ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ଘଟଣା ସମ୍ପର୍କରେ ଖବର ପାଇ ଯୋଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ବିଶ୍ୱର ୯ ହଜାର ବିଶ୍ୱବିଦ୍ୟାଳୟ...

କରିଛି । ଆମେରିକାର ମିସିସିପି ଷ୍ଟେଟ୍ ୟୁନିଭରସିଟିରେ ହେବାକୁ ଥିବା ଚୂଡ଼ାନ୍ତ ପରୀକ୍ଷାକୁ ତୁରନ୍ତ ବାତିଲ କରିବାକୁ ପଡ଼ିଛି । ପାଣିପାଗ ବିଜ୍ଞାନ ଛାତ୍ରୀ ଅବ୍ରେ ପାଲମର କହିଛନ୍ତି ଯେ, ସେ ତାଙ୍କର ୨,୯୦୦ଶବ୍ଦ ବିଶିଷ୍ଟ ପରୀକ୍ଷା ପ୍ରବନ୍ଧ ଶେଷ କରିଥିଲେ, ହଠାତ୍ ତାଙ୍କ କମ୍ପ୍ୟୁଟର ସ୍କ୍ରିନରେ ହ୍ୟାକର୍ସଙ୍କ ପକ୍ଷରୁ ମୁକ୍ତି ଦାବି କରୁଥିବା ଏକ ଧମକପୂର୍ଣ୍ଣ ବିଟକଏନ୍ ବାର୍ତ୍ତା ଦେଖାଯାଇଥିଲା । ଅଷ୍ଟ୍ରେଲିଆର ପ୍ରତିଷ୍ଠିତ ସିଡ୍‌ନୀ ବିଶ୍ୱବିଦ୍ୟାଳୟ ଏହାର ଛାତ୍ରଛାତ୍ରୀମାନଙ୍କୁ କାନଭାସ୍‌ରେ ଲଗଇନ୍ ନ କରିବାକୁ ଏକ କଠୋର ଚେତାବନୀ ଜାରି କରିଛି । ଏହି ଗୁରୁତ୍ୱପୂର୍ଣ୍ଣ ସେମିଷ୍ଟର ସମୟରେ ହୋଇଥିବା ବାଧାକୁ ବିଶ୍ୱବିଦ୍ୟାଳୟ ପ୍ରଶାସନ ଏକ ଗୁରୁତ୍ୱପୂର୍ଣ୍ଣ ଅସୁବିଧା ଭାବରେ ସ୍ୱୀକାର କରିଛି । ଆମେରିକାରେ, ଆଇଡାହୋ ଷ୍ଟେଟ୍ ୟୁନିଭର୍ସିଟି ସମସ୍ତ ଗୁରୁତ୍ୱପୂର୍ଣ୍ଣ ଅପରାହ୍ନ ପରୀକ୍ଷା ବାତିଲ କରିଛି । ସେହିପରି ପେନ୍ ଷ୍ଟେଟ୍ ୟୁନିଭର୍ସିଟି ମଧ୍ୟ ଏକ ବାର୍ତ୍ତା ପଠାଇଛି ଯେ, କୌଣସି ଛାତ୍ରଛାତ୍ରୀ କାନଭାସ୍‌ରେ ପ୍ରବେଶ କରିପାରିବେ ନାହିଁ । ଇନଷ୍ଟ୍ରକ୍ଟର କମ୍ପାନୀ କହିଛି ଯେ, ଅଧିକାଂଶ ସେବା ପୁନଃସ୍ଥାପିତ ହୋଇଛି, କିନ୍ତୁ କିଛି ସ୍ଥାନରେ ଗୁରୁତ୍ୱପୂର୍ଣ୍ଣ ବାଧା ରହିଛି ।

# ଚଳିତ ବର୍ଷର ମର୍ଯ୍ୟାଦାଜନକ କଳିଙ୍ଗ ଭାରତୀ ସମ୍ମାନ ଘୋଷିତ



**କଟକ, ନ୍ୟୁଜ ବ୍ୟୁରୋ**

ଓଡିଶାର ଦ୍ୱିତୀୟ ସର୍ବପ୍ରାଚୀନ ସାହିତ୍ୟ ଅନୁଷ୍ଠାନ କଳିଙ୍ଗ ଭାରତୀ ଅନୁକୁଲ୍ୟରେ ଚଳିତ ମେ ୧୬ ରୁ ୨୨ ପର୍ଯ୍ୟନ୍ତ ମିଶନ ରୋଡ ସ୍ଥିତ ଭଞ୍ଜ ମଣ୍ଡପରେ ଅନୁଷ୍ଠିତ ହେବାକୁ ଥିବା ୮୩ତମ କଳିଙ୍ଗ ଭାରତୀ ଭଞ୍ଜ ଜୟନ୍ତୀ ସପ୍ତାହରେ ଚଳିତ ବର୍ଷର ମର୍ଯ୍ୟାଦାଜନକ 'କଳିଙ୍ଗ ଭାରତୀ ଭଞ୍ଜ ସମ୍ମାନ' ଡ଼. ଅରବିନ୍ଦ ପଟ୍ଟନାୟକ ଓ 'ଗୁରୁ ବିଚ୍ଛନ୍ଦ ଚରଣ ସମ୍ମାନ' ଡ଼ ବ୍ରଜବନ୍ଧୁ ପଣ୍ଡା ଙ୍କୁ ପ୍ରଦାନ କରା ଯିବ ବୋଲି ଅନୁଷ୍ଠାନ ସଭାପତି ଡାକ୍ତର ଶୈଳେଶ୍ୱର ନନ୍ଦ ସୂଚନା ଦେଇଛନ୍ତି । ମେ ୧୬ ରୁ ୨୨ ପ୍ରତିଦିନ ପୂର୍ବାହ୍ନରେ ବିଭିନ ସାଂସ୍କୃତିକ ପ୍ରତିଯୋଗିତା ହେବା ସହ ସନ୍ଧ୍ୟାରେ ଭଞ୍ଜ ସାହିତ୍ୟ ଆଲୋଚନା ଚକ୍ର ଓ ଭଞ୍ଜ ସଂଗୀତ, ଓଡିଶୀ ନୃତ୍ୟ, ପାଲା ଆଦି ପରିବେଷଣ ହେବ ବୋଲି ସମ୍ପାଦକ ଡାକ୍ତର ଅଂଶୁମାନ କର ସୂଚନା ଦେଇଛନ୍ତି । ଏଥିରେ କଟକ ସାହିତ୍ୟ ସଂସ୍କୃତି ପ୍ରେମୀ ମାନଙ୍କୁ ଯୋଗ ଦେବାକୁ ଅନୁଷ୍ଠାନ ନିମନ୍ତ୍ରଣ କରିଛି ।

# ଗୋଦାବରୀଶ ସାହିତ୍ୟ ସଂସଦର ଗଳ୍ପ ପାଠୋତ୍ସବ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀ ଭୁବନେଶ୍ୱରର ସର୍ବ ପୁରାତନ "ସାହିତ୍ୟ ଅନୁଷ୍ଠାନ ଗୋଦାବରୀଶ ସାହିତ୍ୟ ସଂସଦ ପକ୍ଷରୁ ଏକ ଗଳ୍ପ ପାଠୋତ୍ସବ ଅନୁଷ୍ଠାନର ସଭାପତି କବି ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକଙ୍କ ଅଧକ୍ଷତାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ଅରୁଣ କୁମାର ସାହୁ ଅନୁଷ୍ଠିତ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ଓଡ଼ିଆ କଥା ସାହିତ୍ୟ ପରିପ୍ରେକ୍ଷୀରେ କଥାଶିଳ୍ପୀ ମନୋଜ ଦାସଙ୍କ କଥା ସାହିତ୍ୟ ସୃଷ୍ଟିର ଦିଗ ଦିଗନ୍ତ ସଂପର୍କରେ ଆଲୋକପାତ କରିଥିଲେ । ସଂଦର ସଂପାଦକ ଡକ୍ଟର ରାମଚନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଶରତ କୁମାର ପରିଡାଙ୍କ ସଂଯୋଜନାରେ ତିରିଶିରୁ ଊର୍ଦ୍ଧ୍ୱ ଗାଳ୍ପିକ କଳ୍ପପାଠ କରିଥିଲେ । ସଂସଦର ଉପସଭାପତି ଖଗେଶ୍ୱର ମହତାବ ଧନ୍ୟବାଦ ଅର୍ପଣ କରିଥିଲା ବେଳେ ସର୍ବଶ୍ର ଦେବେନ୍ଦ୍ର ନାଥ ଦାସ, ଲକ୍ଷ୍ମୀଧର ସାହୁ, ଅନିରୁଦ୍ଧ ପ୍ରଧାନ ଓ ଲଡୁ କିଶୋର ପାଢିଆରୀ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ ।




# ଇଙ୍ଗା ପକ୍ଷରୁ ଗୋଷ୍ଠୀ ଶିକ୍ଷାକେନ୍ଦ୍ର ଉଦ୍‌ଘାଟିତ : ନାରୀ ଶିକ୍ଷା ଓ ସଶକ୍ତିକରଣ ପାଇଁ ନୂତନ ପଦକ୍ଷେପ

**ରାୟଗଡା, ନ୍ୟୁଜ ବ୍ୟୁରୋ**

ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ୍ ଓ ଇଙ୍ଗା ର ଯୁଗଳ ପ୍ରୟାସରେ 'ଗୋଷ୍ଠୀ ଶିକ୍ଷା କେନ୍ଦ୍ର' ଉଦ୍‌ଘାଟନ କରାଯାଇଥିଲା । ଏହା ମାଧ୍ୟମରେ ୧୧ ମାସିଆ ଏକ ସଂଗଠିତ ଶିକ୍ଷା କାର୍ଯ୍ୟକ୍ରମର ଆରମ୍ଭ ହୋଇଛି, ଯାହା ଶିକ୍ଷାରୁ ବଞ୍ଚିତ କିଶୋରୀ ଓ ମହିଳାମାନଙ୍କୁ ପୁନଃ ମୁଖ୍ୟ ଧାରାରେ ଆଣିବା ସହ ତାଙ୍କୁ କାର୍ଯ୍ୟମୁଖୀ ସାକ୍ଷରତା ଓ ଜୀବନ କୌଶଳରେ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛି ।

ଏହି କାର୍ଯ୍ୟକ୍ରମ ଅଧୀନରେ ପାଇକାପଡା (କେଳିଗୁଡା), ଥେରୁବାଲି, ଗେରାପୁଟ (କର୍ତ୍ତିକାଗୁଡା), ପିଣ୍ଡାପଦର (ବଡ଼ ଖିଲାପଡ଼ା) ଓ ଅନୁଗୁଡା (କର୍ତ୍ତିକାଗୁଡା) ଏହି ପ୍ରୟାସରେ ୪ଟି ଗ୍ରାମ ପଞ୍ଚାୟତ ଅଧୀନର ୬ଟି ଗ୍ରାମରୁ ମୋଟ ୧୮୦ ଜଣ ନିମନ୍ତେ ଶିକ୍ଷା ର ପ୍ରୟାସ ଜାରି ରଖା ଯଇଛି ।

ଉଦ୍‌ଘାଟନ ଅବସରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୋଳନରା ଶ୍ରୀମତୀ ରୀନା ପ୍ରଧାନ, ଜି.ଭି. ରାକେଶ, ୟୁନିଟ୍ ମୁଖ୍ୟ ତଥା ଇ.ଆଇ.ସି, ଇଙ୍ଗା ଏବଂ କ୍ଷିତିଶ ଚନ୍ଦ୍ର ମହାପାତ୍ର, ଉପ ମହାପ୍ରବନ୍ଧକ, ମାନବ ସମ୍ବଳ ଓ ପ୍ରଶାସନ ଉପସ୍ଥିତ ଥିଲେ । ଶ୍ରୀମତୀ ରୀନା ପ୍ରଧାନ ତାଙ୍କ ଉଦ୍‌ବୋଧନରେ ସେ କହିଥିଲେ ଯେ ଶିକ୍ଷା ପାଇଁ ବୟସ୍ କୌଣସି ବାଧା ନୁହେଁ ଏବଂ ଦୈନନ୍ଦିନ ଜୀବନରେ ଶିକ୍ଷା ଅତ୍ୟାବଶ୍ୟକ । ସେ ଏହି ଉତ୍ତମ ପ୍ରୟାସ ପାଇଁ ଇଙ୍ଗା ଓ ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ୍‌ଙ୍କୁ ପ୍ରଶଂସା କରିଥିଲେ ।

ଜି.ଭି. ରାକେଶ ତାଙ୍କ ଭାବବିହ୍ୱଳ ବକ୍ତବ୍ୟରେ କହିଥିଲେ ଯେ ଶିକ୍ଷା କେବଳ ଏକ ଆବଶ୍ୟକତା ନୁହେଁ, ଏହା ଜୀବନର ପ୍ରତ୍ୟେକ ପଥକୁ ଖୋଲିଦେବା ଏକ ପରିବର୍ତ୍ତନଶୀଳ ଶକ୍ତି । ଜଣେ ମା' ଶିକ୍ଷିତ ହେଲେ ସେ ପରିବାରର ଆଲୋକରେ ପରିଣତ ହୁଅନ୍ତି—ସ୍ୱପ୍ନକୁ ପୋଷଣ କରନ୍ତି, ଭବିଷ୍ୟତ ଗଢ଼ନ୍ତି ଏବଂ ଅଜ୍ଞାନତାର ଶୃଙ୍ଖଳାକୁ ଭଙ୍ଗ କରନ୍ତି । "ଜଣେ ଶିକ୍ଷିତ ମା' ଏକ ସଶକ୍ତ ପରିବାର ଗଢ଼ନ୍ତି ଏବଂ ସେହି ସଶକ୍ତ ପରିବାରମାନେ ମିଶି ଏକ ପ୍ରଗତିଶୀଳ, ସଚେତନ ଓ ଶକ୍ତିଶାଳୀ ସମାଜର ଭିତ୍ତି ସୃଷ୍ଟି କରନ୍ତି ।" ଏହି ଅବସରରେ ଜି.ଭି. ରାକେଶ ଓ କ୍ଷିତିଶ ଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ସମସ୍ତ ଭର୍ତ୍ତି ହୋଇଥିବା ହିତାଧିକାରୀ ମାନଙ୍କୁ ପାଠ୍ୟ ସାମଗ୍ରୀ କିଟ୍ ବଣ୍ଟନ କରାଯାଇଥିଲା । ପ୍ରତ୍ୟେକ କିଟ୍‌ରେ ୩ଟି ପୁସ୍ତକ, ୧ଟି ସ୍ଲେଟ୍, ଏକ ପେନ୍ସିଲ୍ ବକ୍ସ ଓ ଚକ୍ ଥିଲା, ଯାହା ତାଙ୍କର ଶିକ୍ଷା କ୍ଷେତ୍ର କୁ ସହାୟତା କରିବ । ଏହି ପ୍ରୟାସ ମାଧ୍ୟମରେ ଲାହିତାଧିକାରୀ ମାନଙ୍କୁ ପଢ଼ିବା, ଲେଖିବା ଓ ଜୀବନ କୌଶଳରେ ପାରଦର୍ଶୀ କରି ସ୍ୱୟଂନିର୍ଭର କରିବା ସହ ସାମାଜିକ ଓ ଆର୍ଥିକ କାର୍ଯ୍ୟକଳାପରେ ସକ୍ରିୟ ଭାଗୀଦାର କରିବା ଲକ୍ଷ୍ୟ ରଖାଯାଇଛି । କାର୍ଯ୍ୟକ୍ରମର ଶେଷରେ ସମସ୍ତ ହିତଧାରୀଙ୍କ ଦ୍ୱାରା ନିୟମିତ ଉପସ୍ଥିତି ଓ ସଫଳ ସମାପ୍ତି ପାଇଁ ସଂକଳ୍ପ ଗ୍ରହଣ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମଟି ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନର ଅଧିକାରୀ ପ୍ରଭାକର ପଣ୍ଡାଙ୍କ ନେତୃତ୍ୱରେ ବିଆଇପିଏଫ୍ ଟିମ୍‌ଙ୍କ ସହଯୋଗରେ ସୁନ୍ଦର ଭାବେ ଆୟୋଜିତ ହୋଇଥିଲା ଏବଂ ଲୋକ ସମ୍ପର୍କ ବିଭାଗ ଦ୍ୱାରା ସମନ୍ୱୟ କରାଯାଇଥିଲା । ଶେଷରେ ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ୍ ଓ ଇଙ୍ଗା ଦ୍ୱାରା ଧନ୍ୟବାଦ ଜ୍ଞାପନ କରାଯାଇଥିଲା, ଯେଉଁଥିରେ ସେ ସମସ୍ତ ଅତିଥି, ଅଂଶଗ୍ରାହୀ ଓ ସହଯୋଗୀମାନଙ୍କୁ ତାଙ୍କର ସମର୍ଥନ ଓ ଉପସ୍ଥିତି ପାଇଁ କୃତଜ୍ଞତା ଜଣାଇଥିଲେ ।

# ଆଦିତ୍ୟ ଆଲୁମିନିୟମ୍ ଦ୍ୱାରା ମେଗା ସ୍ୱାସ୍ଥ୍ୟ ଶିବିର

**ସମ୍ବଲପୁର ନ୍ୟୁଜ୍ ବ୍ୟୁରୋ**

ଆଦିତ୍ୟ ଆଲୁମିନିୟମ ଲପଙ୍ଗା ଓ ସ୍ୱାଧିନ ଏକତା ସଂଘଠନ ର ମିଳିତ ଆନୁକୁଲ୍ୟରେ ଜଙ୍ଗଲା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଏକ ବିଶାଳ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଂସ୍ଥା ପୁନର୍ବାର ସମୁଦାୟ ସ୍ୱାସ୍ଥ୍ୟ ସେବା ଓ କଲ୍ୟାଣ ପ୍ରତି ନିଜର ଅଙ୍ଗୀକାରକୁ ପୁନଃସ୍ଥାପିତ କରିଛି ।



ଏହି ସ୍ୱାସ୍ଥ୍ୟ ଶିବିର ରେ ଏକ ଦକ୍ଷ ଓ ପ୍ରସିଦ୍ଧ ବିଶେଷଜ୍ଞ ଡାକ୍ତର ଦଳ ଉପସ୍ଥିତ ରହି ସାଧାରଣ ଲୋକଙ୍କୁ ସମ୍ପୂର୍ଣ୍ଣ ଚିକିତ୍ସା ପରାମର୍ଶ ଓ ଚିକିତ୍ସା ସେବା ପ୍ରଦାନ କରିଥିଲେ । ଏହି ଚିକିତ୍ସକ ଦଳରେ ଡା. ଚନ୍ଦ୍ରକାନ୍ତ କର ( ଭେଷଜ ବିଶେଷଜ୍ଞ), ଡା. ରାମେଶ୍ୱର ମିଶ୍ର (ଭେଷଜ ବିଶେଷଜ୍ଞ), ଡା. ଏସ ପ୍ରଜ୍ଞା ଭୋଇ (ଭେଷଜ ବିଶେଷଜ୍ଞ), ଡା. ଶେଷ ଦେବ ପ୍ରଧାନ ( ଭେଷଜ ବିଶେଷଜ୍ଞ), ଡା. ରୋଜି ସାଥୁଆ (ଆବିଲିଟୀ ଫିଜିଓଥେରାପିଷ୍ଟ ଓ ରିହାବିଲିଟେସନ, ରେଙ୍ଗାଲି), ତ୍ରିଲୋଚନ ନେତ୍ରାଳୟ, ରେଙ୍ଗାଲିର ଟିମ୍ ଉପସ୍ଥିତ ରହି ଚିକିତ୍ସା ପ୍ରଦାନ କରିଥିଲେ ।

ଏହି ଅବସରରେ ଜଙ୍ଗଲା ପଞ୍ଚାୟତର ପୂର୍ବତନ ସରପଞ୍ଚ ଶ୍ରୀଯୁକ୍ତ ମୁରାରି ବିଶ୍ୱାଳ, ବରିଷ୍ଠ ନାଗରିକ ମଞ୍ଚର ସଭାପତି ଅନ୍ତର୍ଯ୍ୟାମୀ ପାଣିଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଶିବିରଟିକୁ ଉଦ୍ଘାଟନ କରାଯାଇଥିଲା । ଏହି ସହିତ ଆଦିତ୍ୟ ଆଲୁମିନିୟମ ସିଏସଆର୍ କ୍ଲଷ୍ଟର ମୁଖ୍ୟ ଶିବ ମହାପାତ୍ର, ଆଦିତ୍ୟ ଆଲୁମିନିୟମ ଲପଙ୍ଗାର ସିଏସଆର୍ ମୁଖ୍ୟ ରବି ନିୱାସ ଓ ସୁକାନ୍ତ ମହାପାତ୍ର ଶିବିରରେ ଉପସ୍ଥିତ ରହିଥିଲେ । ରାଜୀବ ମିଶ୍ର, ଅଧକ୍ଷ, ସ୍ୱାଧୀନ ଏକତା ସଂଘଟନ, ସହିତ ଆଦିତ୍ୟ ଆଲୁମିନିୟମ୍ ଲପଙ୍ଗାର ସି.ଏସ.ଆର୍ ଟିମ୍ ଓ ସ୍ୱାଧୀନ ଏକତା ସଂଗଠନର ସଦସ୍ୟମାନେ ଉପସ୍ଥିତ ଥିଲେ । ଜଙ୍ଗଲା ପଞ୍ଚାୟତରୁ ୨୧୫ରୁ ଅଧିକ ରୋଗୀ ଏହି ଶିବିର ଯୋଗଦେଇ ନିଶୁଳ୍କ ଚିକିତ୍ସା ପରାମର୍ଶ, ନିଦାନ ଓ ଔଷଧ ସେବାର ଲାଭ ଉଠାଇଥିଲେ । ଏହି ପ୍ରୟାସର ଲକ୍ଷ୍ୟ ଥିଲା ଗ୍ରାମୀଣ ଲୋକ ମାନଙ୍କ ନିକଟରେ ସହଜ ଓ ଗୁଣବତ୍ତା ମୂଳକ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ।ଆଦିତ୍ୟ ଆଲୁମିନିୟମ୍ ଲପଙ୍ଗାର ସିଏସଆର୍ କାର୍ଯ୍ୟକ୍ରମ ଅଧୀନରେ ଏପରି ପ୍ରୟାସ ଅଞ୍ଚଳର ଆବଶ୍ୟକ ସ୍ୱାସ୍ଥ୍ୟ ସମସ୍ୟାକୁ ସମାଧାନ କରିବା ସହ ସମୁଦାୟ ସହ ଦୃଢ଼ ସମ୍ପର୍କ ସୃଷ୍ଟିରେ ମହତ୍ୱପୂର୍ଣ୍ଣ ଭୂମିକା ନିଭାଉଛି । ଏଭଳି ମହତ ପୂର୍ଣ୍ଣ କାର୍ଯ୍ୟପାଇଁ ଜଙ୍ଗଲା ଗ୍ରାମବାସୀ ପ୍ରଶଂସା କରିଥିଲେ ।

ଭୁବନେଶ୍ୱର, ୧୧ ମଇ, ସୋମବାର, ୨୦୨୬
RNI Regd. No. : 52640/94
Postal Regd. No. : BN/60/25-27

# ସୁରକ୍ଷାରେ ବଡ଼ ତ୍ରୁଟି: ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସ୍ଥଳ ନିକଟରୁ ମିଳିଲା ବିସ୍ଫୋରକ ସାମଗ୍ରୀ

**ବେଙ୍ଗାଲୁରୁ: ୧୦/୦୫**




ବେଙ୍ଗାଲୁରୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗସ୍ତ ପୂର୍ବରୁ ଏକ ବଡ଼ ଧରଣର ସୁରକ୍ଷା ତ୍ରୁଟି ସାମ୍ନାକୁ ଆସିଛି । ରବିବାର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସ୍ଥଳ ନିକଟରୁ ଏକାଧିକ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି । ଯାହାକୁ ନେଇ ଏବେ ସୁରକ୍ଷା ଏଜେନ୍ସିଗୁଡ଼ିକ ମଧ୍ୟରେ ଚିନ୍ତା ବଢ଼ିଯାଇଛି । ବେଙ୍ଗାଲୁରୁ ଉପକଣ୍ଠରେ ପ୍ରଧାନମନ୍ତ୍ରୀଙ୍କ ସଭା ସ୍ଥଳଠାରୁ ମାତ୍ର ୩ କିଲୋମିଟର ଦୂରରେ ଦୁଇଟି ଜିଲୋଟିନ୍ ଷ୍ଟିକ୍ ମିଳିଛି । ସୁରକ୍ଷା ଯାଞ୍ଚ ସମୟରେ ଫୁଟପାଥ୍ କଡ଼ରୁ ଏହି ବିସ୍ଫୋରକଗୁଡ଼ିକୁ ଉଦ୍ଧାର କରାଯାଇଥିବା ସୂଚନା ମିଳିଛି । ଏନେଇ ବେଙ୍ଗାଲୁରୁ ସେଣ୍ଟ୍ରାଲ୍ ରେଞ୍ଜର ଡିଆଇଜି ସୂଚନା ଦେଇ କହିଛନ୍ତି ରବିବାର ସକାଳେ ଯାଞ୍ଚ ବେଳେ ଏହି ବିସ୍ଫୋରକ ମିଳିଥିଲା । ଏହି ଘଟଣାରେ ପୋଲିସ ଏବଂ ସୁରକ୍ଷା ଏଜେନ୍ସିଗୁଡ଼ିକ ପକ୍ଷରୁ ତଦନ୍ତ ଜାରି ରହିଛି । ଦିଲ୍ଲୀ ଏବଂ ବେଙ୍ଗାଲୁରୁ ଭଳି ସହରଗୁଡ଼ିକରେ ଆତଙ୍କବାଦୀ ଆକ୍ରମଣର ସୂଚନା ପୂର୍ବରୁ ମିଳିଥିଲା । ଏହି ଘଟଣା ପରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ, ଜନଗହଳିପୂର୍ଣ୍ଣ ଅଞ୍ଚଳ ଏବଂ ସନ୍ଦେହଜନକ ବସ୍ତୁ ଉପରେ କଡ଼ା ନଜର ରଖିବାକୁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି । ସେପଟେ ଭାରତରେ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ହେବା ନେଇ ଗୁଇନ୍ଦା ବିଭାଗ ସୂଚନା ଦେଇଛି । ଦେଶର ବିଭିନ୍ନ ସ୍ଥାନରେ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣ ନେଇ ଗୁଇନ୍ଦା ଏଜେନ୍ସି ସତର୍କ କରାଇଛି । ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି ଏବଂ ସନ୍ଦେହଜନକ ଯାନବାହାନ ଉପରେ ତୀକ୍ଷ୍ଣ ନଜର ରଖାଯାଉଛି ।

# ରଥ ଖଳାରେ ଚାଲିଛି ତିନି ରଥର ଅଖ ଓ ଦଣ୍ଡା କାର୍ଯ୍ୟ : ଶୀତଳ ଷଷ୍ଠୀ ପୂର୍ବରୁ ଶେଷ ହେବ ସମସ୍ତ ଚକ ନିର୍ମାଣ

**ପୁରୀ, ୧୦/୦୫**
**ନ୍ୟୁଜ ବ୍ୟୁରୋ**

ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି । ଶନିବାର ଭଉଁରୀ ତିଥିରେ ତିନି ରଥର ଅଖ ଚକ ସଂଯୋଗ କରଯାଇଥିଲା । ତିନି ରଥର ୪୨ଟି ଚକ ତିଆରି ହୋଇଥାଏ । ଏଣୁ ଚକ କାର୍ଯ୍ୟ ଶୀଘ୍ର ଶେଷ ପାଇଁ ଚକ ନିର୍ମାଣ କାର୍ଯ୍ୟରେ ଲାଗିଛନ୍ତି ମହାରଣା ସେବକମାନେ ।

ଏଥି ସହିତ ଅଖ କାର୍ଯ୍ୟ ମଧ ଜାରି ରହିଛି । ରଥର ଦଣ୍ଡା କାର୍ଯ୍ୟ ଆରମ୍ଭ ହୋଇଛି । ଆଗାମୀ ଶୀତଳ ଷଷ୍ଠୀ ପୂର୍ବରୁ ତିନି ରଥର ଚକ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଶେଷ ହେବା ପାଇଁ ଲକ୍ଷ୍ୟ ରଖାଯାଇଛି । ସେପଟେ ରୂପକାର ସେବକମାନେ ତିନି ରଥର ସିଂହ ବିରାଳ କାର୍ଯ୍ୟ କରୁଛନ୍ତି । ଗୁଜ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ତେବେ ମହାପ୍ରଭୁଙ୍କ କାର୍ଯ୍ୟ ସୁରୁଖୁରୁରେ ଚାଲିଥିବା ରଥ ନିର୍ମାଣକାରୀ ସେବାୟତମାନେ କହିଛନ୍ତି ।

ଶ୍ରୀକ୍ଷେତ୍ର ଭଉଁରୀ ତିଥିରେ ତିନି ରଥର ଛଅଟି ନାହାକ ଚକ ସହ ତିନୋଟି ଅଖ ସଂଯୋଗର ଶୁଭ ଅନୁକୂଳ କରାଯାଇଥିଲା । ଶ୍ରୀମନ୍ଦିରରୁ ପୂଜାପଣ୍ଡା ସାମନ୍ତଙ୍କ ଦ୍ୱାରା ଆଜ୍ଞାମାଳ ଅଣାଯିବା ପରେ ବିଶ୍ୱକର୍ମା ଓ ଭୋଇ ସେବକଙ୍କ ସହାୟତାରେ ଏହି ଚକ ଅଖ ସଂଯୋଗ କାର୍ଯ୍ୟ ସମ୍ପାଦନ କରାଯାଇଥିଲା । ପ୍ରତ୍ୟେକ ରଥର ୨ଟି ଲେଖାଏଁ ଚକରେ ଗୋଟିଏ ଲେଖାଏଁ ଅଖ ସଂଯୋଗ କରାଯାଇଥିଲା ।

ଆରମ୍ଭ ହୋଇଯାଇଛି ରଥ ନିର୍ମାଣର ଆଉ ଏକ ପର୍ଯ୍ୟାୟ କାର୍ଯ୍ୟ । ଅକ୍ଷୟ ତୃତୀୟା ଅବସରରେ ରଥ ନିର୍ମାଣ ଅନୁକୂଳ କରାଯାଇଥିବା ବେଳେ ପବିତ୍ର ଭଉଁରୀରେ ତିନି ରଥର ଚକ ଓ ଅଖ ସଂଯୋଗର ଅନୁକୂଳ କରାଯାଇଥିଲା । ପରମ୍ପରା ଅନୁଯାୟୀ ଭଉଁରୀ ଅବସରରେ ଶ୍ରୀମନ୍ଦିରରେ ସକାଳ ଧୂପ ଶେଷ ହେବା ପରେ ପୂଜାପଣ୍ଡା ସେବକ ମାନେ ତିନିରଥ ପାଇଁ ଆଜ୍ଞାମାଳ ଆଣି ରଥଖଳାରେ ପହଞ୍ଚିଥିଲେ । ବିଶ୍ୱକର୍ମା ମହାରଣାମାନେ ନିର୍ମାଣ କରିଥିବା ପ୍ରତ୍ୟେକ ରଥର ଦୁଇଟି ଲେଖାଏଁ ଚକ ସହ ଅଖର ସଂଯୋଗ କରିଥିଲେ ଭୋଇ ସେବକ ।



# ରାଜଧାନୀରେ ଏନ୍‌ସିବି ସହ ଗଞ୍ଜେଇ ମାଫିଆଙ୍କ ଫିଲ୍ମଷ୍ଟାଇଲ୍ ଛକାପଞ୍ଝା

◆ ଭାଙ୍ଗିଲେ ପୁଲିସ ତନଖି ଫାଟକ ◆ ଧରାପଡ଼ିଲେ ୩ ମାଫିଆ
◆ ୧୦୦ କିଗ୍ରାରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ ◆ ଏନ୍‌ସିବି କର୍ମଚାରୀଙ୍କୁ ଗାଡ଼ିଧକ୍କା ଦେଇ ମାରିଦେବାକୁ ଉଦ୍ୟମ

**ଭୁବନେଶ୍ୱର, ୧୦/୦୫**
**ନ୍ୟୁଜ ବ୍ୟୁରୋ**



ରାଜଧାନୀରେ ଅପରାଧ ଓ ଅପରାଧୀଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଛି । ପୁଲିସ ଓ ଆଇନକୁ ବେଖାତିର କରି ଚାଲିଛନ୍ତି । ଘଟଣାକ୍ରମେ ରବିବାର ନାର୍କୋଟିକ୍ସ କଣ୍ଟ୍ରୋଲ୍ ବ୍ୟୁରୋ (ଏନ୍‌ସିବି) ଓ ପୁଲିସକୁ ଚାଲେଞ୍ଜ୍ କରି ଗଞ୍ଜେଇ ମାଫିଆ ବେସ୍ କିଛି ସମୟ ରାଜଧାନୀରେ ଆତଙ୍କ ସୃଷ୍ଟି କରିଛନ୍ତି । ଚଳଚ୍ଚିତ୍ର ଢାଞ୍ଚାରେ ବେସ୍‌କିଛି ଘଣ୍ଟା ଛକାପଞ୍ଝା ପରେ ପୁଲିସ ଓ ଏନ୍‌ସିବି କର୍ମଚାରୀଙ୍କ ହାତରେ ଧରାପଡ଼ିଛନ୍ତି ୩ଜଣ ଗଞ୍ଜେଇ ମାଫିଆ ।

ବୌଦ୍ଧରୁ ପଶ୍ଚିମବଙ୍ଗ ବିପୁଳ ପରିମାଣରେ ଗଞ୍ଜେଇ ଚାଲାଣ ହେଉଥିବା ଗୁଇନ୍ଦା ସୂଚନା ପାଇ ରବିବାର ଏନ୍‌ସିବି ଓ ଭରତପୁର ଥାନାର ପୁଲିସ କର୍ମଚାରୀମାନେ କେତେକ ସ୍ଥାନରେ ତନଖିଫାଟକ ଓ ବ୍ଲକିଂ ଲଗାଇଥିଲେ । ଗଞ୍ଜେଇ ନେଇ ଆସୁଥିବା ଦୁଇଟି ଏସ୍‌ୟୁଭି ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରିଥିଲେ, କିନ୍ତୁ ଗାଡ଼ି ଦୁଇଟି ନଅଟକାଇ ଦୁଇଟି ବ୍ଲକିଂ ପୋଷ୍ଟ୍ ଓ ତନଖିଫାଟକ ଭାଙ୍ଗି ଖସି ପଳାଇବାକୁ ଉଦ୍ୟମ କରିଥିଲେ । କେବଳ ଏହାନୁହେଁ ପୁଲିସ ଓ ସୁରକ୍ଷାକର୍ମୀଙ୍କୁ ଗାଡ଼ିଚପାଇ ମାରିଦେବାକୁ ଉଦ୍ୟମ କରିଥିଲେ । ଶେଷରେ ଚନ୍ଦକା ଜଙ୍ଗଲକୁ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଅନ୍ଧାରୁଆ ନିକଟରେ ସୁରକ୍ଷାକର୍ମୀଙ୍କ ହାତରେ ଧରାପଡ଼ିଥିଲେ । ଗାଡ଼ିରୁ ୧୦୦ କିଲୋଗ୍ରାମ ଗଞ୍ଜେଇ ଜବତ ହୋଇଥିଲା । ଏହି ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ କୋଟିଟଙ୍କା ହେବ ବୋଲି ଜଣାଯାଇଛି । ଏହି ଘଟଣାରେ ୩ଜଣଙ୍କୁ ଗିରଫକରାଯାଇଛି । ପୁଲିସ ଠାରୁ ମିଳିଥିବା ସୂଚନାନୁସାରେ, ଗୋଟିଏ ଏସ୍‌ୟୁଭିରେ ଗଞ୍ଜେଇ ଥିଲା । ଅନ୍ୟ ଏକ କାର୍ ଏହାକୁ ସୁରକ୍ଷା ଦେଇ ଚାଲିଥିଲା । ମାଫିଆଙ୍କୁ ଧରିବା ଉଦ୍ୟମରେ ଏକ ପୁଲିସ ପାଟ୍ରୋଲିଂ ଗାଡ଼ି କ୍ଷତିଗ୍ରସ୍ତ ହୋଇଛି । ସେଥିରେ ବସିଥିବା ଅଧିକାରୀମାନେ ସାମାନ୍ୟ ଆହତ ହୋଇଛନ୍ତି । ଗିରଫ ତିନି ଅଭିଯୁକ୍ତଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯିବା ସହ ପରବର୍ତ୍ତୀ ତଦନ୍ତ ଜାରି ରହିଛି ।

**ହାଇକୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ**

# ୧୧୫ ମାମଲାର ସମାଧାନ, ୯.୬୮ କୋଟି କ୍ଷତିପୂରଣ ନିର୍ଦ୍ଦେଶ

**କଟକ, ୧୦/୦୫ ନ୍ୟୁଜ ବ୍ୟୁରୋ**



ହାଇକୋର୍ଟରେ ରବିବାର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର ମୁଖ୍ୟ ପୃଷ୍ଠପୋଷକ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ମାନସ ରଞ୍ଜନ ପାଠକ, ହାଇକୋର୍ଟ ଆଇନସେବା କମିଟି ଅଧ୍ୟକ୍ଷ ଜଷ୍ଟିସ କୃଷ୍ଣ ରାମ ମହାପାତ୍ରଙ୍କ ମାର୍ଗଦର୍ଶନରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଛି । ହାଇକୋର୍ଟ ଆଇନସେବା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ୧୧୫ଟି ମାମଲାର ଆପୋଷ ବୁଝାମଣାରେ ଫଏସଲା କରାଯାଇଛି ।

ଜଷ୍ଟିସ ବି.ପି.ରାଉତରାୟ, ଡକ୍ଟର ଜଷ୍ଟିସ ଏସ.କେ.ପାଣିଗ୍ରାହୀ, ଜଷ୍ଟିସ ସାବିତ୍ରୀ ରଥ, ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର, ଜଷ୍ଟିସ ଭି.ନରସିଂହ, ଜଷ୍ଟିସ ବି.ପି.ଶତପଥୀ, ଜଷ୍ଟିସ ଏମ.ଏସ. ରମଣ, ଜଷ୍ଟିସ ଏସ.କେ.ମିଶ୍ର, ଜଷ୍ଟିସ ଗୌରୀଶଙ୍କର ଶତପଥୀ, ଜଷ୍ଟିସ ଚିତ୍ତରଞ୍ଜନ ଦାଶ ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ମାମଲା ଗୁଡିକର ଫଏସଲା କରିଥିଲେ । ଏଥି ମଧ୍ୟରେ ବୀମା କ୍ଷତିପୂରଣ, ଚାକିରି ସଂପର୍କିତ, ବୈବାହିକ ବିବାଦ ମାମଲା ଅନ୍ତର୍ଭୁକ୍ତ । ଏହି ଲୋକ ଅଦାଲତରେ ସାଧାରଣ ବୀମା କମ୍ପାନି ମଧ୍ୟରୁ ନ୍ୟାସନାଲ ଇନସ୍ୟୁରାନ୍ସ, ନ୍ୟୁ ଇଣ୍ଡିଆ ଇନ୍‌ସ୍ୟୁରାନ୍ସ, ଓରିଏଣ୍ଟାଲ ଇନସ୍ୟୁରାନ୍ସ, ୟୁନାଇଟେଡ୍ ଇଣ୍ଡିଆ ଇନସ୍ୟୁରାନ୍ସ କମ୍ପାନି ଓ କେତେକ ଘରୋଇ ବୀମା କମ୍ପାନି, ଭୂମି ଅଧିକାରୀ, ବିଦ୍ୟୁତ ଅଧିକାରୀ, ବ୍ୟାଙ୍କ ଅଧିକାରୀ ଅଂଶ ଗ୍ରହଣ କରିଥିଲେ । କ୍ଷତିପୂରଣ ବାବଦରେ ୯ କୋଟି ୬୮ ଲକ୍ଷ ୧୧ ହଜାର ୩୩୪ ଟଙ୍କା ପ୍ରଦାନ ପାଇଁ ଅନୁଷ୍ଠିତ ଲୋକ ଅଦାଲତରେ ନିର୍ଦ୍ଦେଶ ଦିଆଯାଇଛି ବୋଲି ସୂଚନା ମିଳିଛି ।

ସେହିପରି ବାରମ୍ବାର ଅଦାଲତଙ୍କ ଆଦେଶର ଉଲ୍ଲଂଘନ କରିବା ଘଟଣାରେ ହାଇକୋର୍ଟ ବିଦ୍ୟାଳୟ ଏବଂ ଗଣଶିକ୍ଷା ସଚିବ ଏନ୍. ଥିରୁମାଲା ନାୟକଙ୍କୁ ଗିରଫ କରି ହାଜର କରାଇବା ପାଇଁ ପୁଲିସ୍ ଡିଜିଙ୍କୁ ନିର୍ଦ୍ଦେଶ ଦେଇସାରିଥିଲେ । କିନ୍ତୁ ସରକାରୀ ଆଇନଜୀବୀଙ୍କ ଅନୁରୋଧ ପରେ ନିଜ ନିଷ୍ପତ୍ତିରୁ ଓହରିଛନ୍ତି ହାଇକୋର୍ଟ । ମେ’ ୧୧ ତାରିଖ ସୋମବାରକୁ ମାମଲାର ଶୁଣାଣି ଧାର୍ଯ୍ୟ ହୋଇଛି । ସେହିଦିନ ଅଦାଲତଙ୍କ ଆଦେଶ ସଂକ୍ରାନ୍ତ ରିପୋର୍ଟ ହାଇକୋର୍ଟରେ ପ୍ରଦାନ କରାଯିବ । ଯଦି ଏହି ସମୟ ମଧ୍ୟରେ ଅଦାଲତଙ୍କ ଆଦେଶ କାର୍ଯ୍ୟକାରୀ ହୋଇନଥାଏ ତା’ହେଲେ ଅବମାନନାକାରୀଙ୍କୁ ଗିରଫ କରାଯିବାର ଆଶଙ୍କା ରହିଛି ବୋଲି ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି । ଦୀପକ କୁମାର ବେହେରାଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ କ୍ରିଷ୍ଣା ଏସ୍. ଦୀକ୍ଷିତ ଏହି ଆଦେଶ ଦେଇଛନ୍ତି ।

# ରେଲୱେ ଷ୍ଟେସନରୁ ୨୧ଶିଶୁ ଉଦ୍ଧାର : ଚାଲାଣକାରୀ ଗିରଫ

**ନୂଆଦିଲ୍ଲୀ,୧୦/୫**

ବିହାରର ପୂର୍ବ ଚମ୍ପାରଣ ଜିଲ୍ଲାର ଏକ ରେଲୱେ ଷ୍ଟେସନରୁ ୨୧ଜଣ ଶିଶୁଙ୍କୁ ଉଦ୍ଧାର ହୋଇଛନ୍ତି । ଏହାସହ ଜଣେ ସନ୍ଦିଗ୍ଧ ଚାଲାଣକାରୀକୁ ଗିରଫ କରାଯାଇଛି । ଏ ନେଇ ଅଧିକାରୀଙ୍କ ପକ୍ଷରୁ କୁହାଯାଇଛି । ଅଧିକାରୀ ଜଣଙ୍କ କହିଛନ୍ତି, ଆରପିଏଫ୍ ଏକ ଏନଜିଓ ସହାୟତାରେ ବାପୁଧାମ ମୋତିହାରୀ ରେଳ ଷ୍ଟେସନରୁ ପିଲାମାନଙ୍କୁ ଉଦ୍ଧାର କରିଛି । ରେଲୱେ ପୋଲିସର ଷ୍ଟେସନ ହାଉସ ଅଫିସର ସନ୍ତୋଷ କୁମାର କହିଛନ୍ତି ଯେ, ଉଦ୍ଧାର ପିଲାମାନଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ପଠାଯାଇଛି । ସେ କହିଛନ୍ତି, ମାନବ ଚାଲାଣ ପଛରେ କ’ଣ ଉଦ୍ଦେଶ୍ୟ ରହିଛି ତାହା ଜାଣିବା ପାଇଁ ତଦନ୍ତ ଚାଲିଛି । ଅଧିକାରୀମାନେ କହିଛନ୍ତି ଯେ, ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରିବା ବାହାନାରେ ଏକ ବିନା ଲାଇସେନ୍ସପ୍ରାପ୍ତ ହଷ୍ଟେଲରେ ରଖାଯାଇଥିଲା ।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**
ତାରିଖ :-୧୦/୦୫/୨୦୨୬
୭,୩୦,୩୯୨/- ଟଙ୍କା
ସୁନା:-୦୭ଗ୍ରାମ୍‌୪୫୦ ମିଲିଗ୍ରାମ
ରୂପା:-୨୯ଗ୍ରାମ୍‌୩୦୦ ମିଲିଗ୍ରାମ

# ଆରମ୍ଭ ହେବ କଡ଼ା ଚେକିଂ : ଅମାନିଆ ହେଲେ ଗଣିବେ ତଣ୍ଡ

**ଭୁବନେଶ୍ୱର, ୧୦/୦୫**
**ନ୍ୟୁଜ ବ୍ୟୁରୋ**



ଦ୍ରୁତ ଗତିରେ ଗାଡ଼ି ଚଳାଉଛନ୍ତି କି ? ହେଲମେଟ ପିନ୍ଧି ନାହାନ୍ତି କି ? ସିଟ ବେଲ୍ଟ ପିନ୍ଧିବାକୁ ଭୁଲି ଯାଇଛନ୍ତି କି ? ମୋବାଇଲ ଫୋନରେ କଥା ହୋଇ କିମ୍ବା ମଦ୍ୟପାନ କରି ଗାଡ଼ି ଚଳାଉଛନ୍ତି କି ? ତା’ହେଲେ ହୋଇଯାଆନ୍ତୁ ସାବଧାନ ! କାରଣ ଏଭଳି ଭୁଲ୍ କଲେ ଆଉ ଛାଡ଼ ନାହିଁ, ଗଣିବାକୁ ପଡ଼ିବ ତଣ୍ଡ । ଆରମ୍ଭ ହେବାକୁ ଯାଉଛି କଡ଼ା ଚେକିଂ । ସରକାରଙ୍କ ତରଫରୁ ଆରଟିଓମାନଙ୍କୁ ଟାର୍ଗେଟ ଫିକ୍ସ କରିଛି ପରିବହନ ବିଭାଗ । ପ୍ରକୃତରେ ଯାନବାହାନ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇବା ସହ ଓଭରଲୋଡିଂ ଯାନ ସଂଖ୍ୟା ବୃଦ୍ଧି ପାଉଛି । ଏମିତିରେ ରାଜ୍ୟର ବର୍ତ୍ତମାନର ଦୁର୍ଘଟଣା ପରିସ୍ଥିତି ଏବଂ ଯାନବାହାନ ସଂଖ୍ୟାକୁ ବିଚାର କରି ଅଧିକାରୀ ଏବଂ ସ୍ଥାନୀୟ ଅଞ୍ଚଳ ଅନୁଯାୟୀ ମୋଟର ଗାଡ଼ି ଅପରାଧ ଚିହ୍ନଟ ଏବଂ ଏହାର ରାଜସ୍ୱ ସଂଗ୍ରହ ଉଭୟ ଲକ୍ଷ୍ୟ ସ୍ଥିର କରାଯାଇଛି । ପ୍ରତି ମାସ ପାଇଁ ବିଭାଗ ପକ୍ଷରୁ ଦିଆଯାଇଥିବା ଟାର୍ଗେଟ ନେଇ ରାସ୍ତାକୁ ଓହ୍ଲାଇବେ ଆରଟିଓ ଅଧିକାରୀ । ମିଳିଥିବା ସୂଚନା ଅନୁସାରେ, କେବଳ ଭୁବନେଶ୍ୱର ଆରଟିଓ ୧ ଓ ୨ ଏବଂ ଖୋର୍ଦ୍ଧା ପାଇଁ ୧ କୋଟି ୨୧ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି । ଏହି ଫାଇନ ଟଙ୍କା ଅତିରିକ୍ତ ଆରଟିଓ, ଏମଭିଆଇ, ଜୁନିୟର ଏମଭିଆଇ ଓ ଟ୍ରାଫିକ ଇନ୍‌ସପେକ୍ଟର ଆଦାୟ କରିବେ । ସେହିଭଳି କଟକ, ଅନୁଗୁଳ ଆରଟିଓ ପାଇଁ ୬୨ ଲକ୍ଷ, ଗଞ୍ଜାମକୁ ୬୭ ଲକ୍ଷ, ଝାରସୁଗୁଡ଼ା ପାଇଁ ୬୦ ଲକ୍ଷ, ଚଣ୍ଡିଖୋଲ, ବାଲେଶ୍ୱର, ଭଦ୍ରକ, ରାଉରକେଲା ପାଇଁ ୬୪ ଲକ୍ଷ ଲେଖାଁଏ, ଯାଜପୁର, କେନ୍ଦ୍ରାପଡ଼ା, ସମ୍ବଲପୁର, ବରଗଡ଼, ବଲାଙ୍ଗୀର, ନୂଆପଡ଼ା ପାଇଁ ୫୨ ଲକ୍ଷ ଲେଖାଁଏ ଏବଂ ନୟାଗଡ଼ ପାଇଁ ୪୭ ଲକ୍ଷ ଟଙ୍କା ଟାର୍ଗେଟ ରଖାଯାଇଛି । କେବଳ ଏତିକି ନୁହେଁ ମାଲ ବୁହା ଗାଡ଼ିରେ ଲୋକମାନେ ଗଲେ ଓ ମାଲବୁହା ଗାଡ଼ିରେ ଆବଶ୍ୟକତାଠାରୁ ଅଧିକ ଲୋଡ଼ କଲେ ଏବଂ ଯେକୌଣସି ଗାଡ଼ିର ପଛ ପଟ ଲାଇଟ ଜଳୁ ନଥିଲେ କଡ଼ା ଫାଇନ ଆଦାୟ କରିବେ ଅଧିକାରୀ । ମୋଟ ଉପରେ ୧୦ରୁ ଅଧିକ ପ୍ରକାରର ଆଇନକୁ ଅମାନ୍ୟ କଲେ ତଣ୍ଡ ଗଣିବାକୁ ପଡିବ ବୋଲି ନିର୍ଦ୍ଦେଶ ଦିଆଯାଇଛି । ତେବେ ରାଜ୍ୟରେ ରାଜସ୍ୱ ଆଦାୟ ବୃଦ୍ଧି ଏବଂ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ପରିବହନ ବିଭାଗକୁ ବଡ଼ ଟାର୍ଗେଟ ଦିଆଯାଇଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ସଡ଼କ ଦୁର୍ଘଟଣା କମାଇବା ଏବଂ ରାଜସ୍ୱ ସଂଗ୍ରହ ବୃଦ୍ଧି କରିବାକୁ କୁହାଯାଇଛି । କିନ୍ତୁ ଏହାଦ୍ୱାରା ସାଧାରଣ ଲୋକେ ବହୁତ ହନ୍ତସନ୍ତ ହେବାର ସମ୍ଭାବନା ରହିଛି । ଗୋଟିଏ ପଟେ ପୂର୍ବରୁ ମୋଟର ଯାନ ଫାଇନକୁ ଅହେତୁକ ବୃଦ୍ଧି କରାଯାଇଛି ଏବଂ ଏହା ଉପରେ ମାସିକ ଆରଟିଓମାନଙ୍କୁ ଟାର୍ଗେଟ ଦିଆଯାଇଛି । ଯାହାର ପ୍ରଭାବ ସିଧାସଳଖ ଭାବେ ସାଧାରଣ ଲୋକଙ୍କ ଉପରେ ପଡ଼ିବ । ଯାହାକୁ ନେଇ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଲାଣି । ଏମିତିରେ ଏହି ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି ପରିବହନ ବିଶେଷଜ୍ଞ ।

**ପୁଣି ମହାପ୍ରଭୁଙ୍କୁ ଅସମ୍ମାନ**

# ଲଣ୍ଡନରେ ଶ୍ରୀଜୀଉଙ୍କ ଅଦିନିଆ ସ୍ନାନଯାତ୍ରା କରିଛି ଇସ୍କନ

**ଭୁବନେଶ୍ୱର, ୧୦/୦୫**
**ନ୍ୟୁଜ ବ୍ୟୁରୋ**



ପୁଣି ମହାପ୍ରଭୁଙ୍କୁ ଅସମ୍ମାନ କଲା ଇସ୍କନ । ଲଣ୍ଡନରେ ରବିବାର ଇସ୍କନ ପକ୍ଷରୁ ମହାପ୍ରଭୁଙ୍କ ଅଦିନିଆ ସ୍ନାନ ଯାତ୍ରା ଆୟୋଜନ କରାଯାଇଛି । ଲଣ୍ଡନ ନିକଟ ୱାଟଫୋର୍ଡରେ ଥିବା ଇସ୍କନର ଭକ୍ତି ମନ୍ଦିରରେ ଏହି ସ୍ନାନ ଯାତ୍ରା ହୋଇଛି । ଭାରତୀୟ ସମୟ ଅନୁସାରେ ପାଖାପାଖି ଦିନ ଗୋଟାଏ ୪୫ ମିନିଟରେ ଏହି ସ୍ନାନ ଯାତ୍ରା ଆରମ୍ଭ ହୋଇଯାଇଛି । ଚତୁର୍ଦ୍ଧା ମୂର୍ତ୍ତିଙ୍କ ସ୍ନାନ ଯାତ୍ରା ପରେ ହାତୀ ବେଶ ମଧ କରାଯିବ ବୋଲି ଇସ୍କନ ପକ୍ଷରୁ ଏହାର ୱେବସାଇଟ ଓ ଅନ୍ୟ ସୋସିଆଲ୍ ମିଡିଆ ପେଜରେ ସୂଚନା ଦିଆଯାଇଛି । ସେପଟେ ଏଭଳି ଅଦିନିଆ ସ୍ନାନ ଯାତ୍ରାକୁ ନେଇ ଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ପୂର୍ବରୁ ଇସ୍କନ ପକ୍ଷରୁ ବିଦେଶରେ ଅଦିନିଆ ସ୍ନାନ ଓ ରଥଯାତ୍ରାର ଆୟୋଜନ କରାହୋଇ ଆସୁଛି । ଏପରିକି ଗଜପତି ମହାରାଜ ଇସ୍କନକୁ ଚିଠି ଲେଖି ଏ ନେଇ ନିଜର ଅସନ୍ତୋଷ ପ୍ରକାଶ କରିଥିଲେ । ପରମ୍ପରାକୁ ଭାଙ୍ଗି ଅଦିନିଆ ସ୍ନାନ କିମ୍ବା ରଥଯାତ୍ରା ନ କରିବାକୁ କହିଥିଲେ । ଏହା ସତ୍ତ୍ୱେ ଇସ୍କନ ମନମାନି କରି ସ୍ନାନ ଯାତ୍ରାର ଆୟୋଜନ କରୁଛି ।





**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା ‘ରବିବାସରୀୟ କଳିକା’ ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ମାତୃ ଦିବସରେ କାନ୍ଦୁଛି ମାଆ : ନ୍ୟାୟ ପାଇଁ ରାଜରାସ୍ତାରେ ପ୍ରତିବାଦ

**ଭୁବନେଶ୍ୱର, ୧୦/୦୫**
**ନ୍ୟୁଜ ବ୍ୟୁରୋ**




ରବିବାର ସମଗ୍ର ବିଶ୍ୱ ମାତୃ ଦିବସ ପାଳନ କରୁଥିବା ବେଳେ କିଛି ମାଆଙ୍କ ଆଖିରେ ହସ ନୁହେଁ, ଅଛି କେବଳ ଲୁହ । ସେମାନଙ୍କ କୋଳ ହୋଇଯାଇଛି ଖାଲି, ଆଉ ସନ୍ତାନକୁ ହରାଇଥିବା ମା’ମାନେ ନ୍ୟାୟ ପାଇଁ ରାଜରାସ୍ତାକୁ ଓହ୍ଲାଇଛନ୍ତି । ‘ମୋ ଛୁଆକୁ ନ୍ୟାୟ ଦିଅ’ ବୋଲି ଚିତ୍କାର କରୁଥିବା ଏହି ମା’ମାନଙ୍କ କଥା ଆଜି ସମସ୍ତଙ୍କୁ ଭାବୁକ କରିଦେଇଛି । ଯେଉଁ ହାତ ସନ୍ତାନକୁ ସ୍ନେହରେ ବଡ଼ କରିଥିଲା, ସେହି ହାତ ଆଜି ନ୍ୟାୟ ପାଇଁ ଆଗେଇ ଆସିଛି ।

ଜୋଗେଶ୍ୱର ସାହୁ ବୟସ ୧୮ ହୋଇଥାଏ । ୨୦୨୨ ମସିହା ଜୁନ ୧୭ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିବା ଖବର ପାଇଲେ ପରିବାର ବର୍ଗ । ଯାଜପୁର ଜିଲ୍ଲା ବୈରୀ ରେଳ ଷ୍ଟେସନ ନିକଟରେ ତାଙ୍କର ମୃତଦେହ ମିଳିଥିଲା । ମାଆ ଲକ୍ଷ୍ମୀ ପ୍ରିୟା ସାହୁ ଓ ବାପା କ୍ଷେତ୍ରବାସୀ ସାହୁଙ୍କ ବଡ଼ ପୁଅ ଥିଲେ ଯୋଗେଶ୍ୱର । ସବୁଦିନ ଭଳି ସେହି ଦିନ ବି ସବୁ କିଛି ଠିକ ଥିଲା । ହେଲେ ହଠାତ୍ ଖବର ମିଳିଲା ଯୋଗେଶ୍ୱର ଆଉ ନାହାନ୍ତି । ତାଙ୍କୁ ମାରି ରେଳ ଲାଇନରେ ପକାଇ ଦିଆଯାଇଛି । ତେବେ ଏହି ଘଟଣାକୁ ଦୀର୍ଘ ଦିନ ବିତିଯାଇଥିବା ବେଳେ ଆଜି ମଧ ନ୍ୟାୟ ଅପେକ୍ଷାରେ ମୃତ ଜୋଗେଶ୍ୱରଙ୍କ ମାଆ ଲକ୍ଷ୍ମୀ ପ୍ରିୟା ସାହୁ । ଦୀର୍ଘଦିନ ହେଲା ଘଟଣା ଘଟିଥିଲେ ମଧ ଏପର୍ଯ୍ୟନ୍ତ ସଠିକ ତଦନ୍ତ ହୋଇନି । ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ମାତୃ ଦିବସ ଭଳି ଦିନରେ ଆଜି କୋଳରେ ସନ୍ତାନ ନାହିଁ । ମାଆର ଲୁହ କେବଳ ଗୋଟିଏ ପରିବାରର ଦୁଃଖ ନୁହେଁ, ଏହା ସମାଜର ବିବେକକୁ ଏଡାଇ ଦେଉଥିବା ଏକ କଠିନ ସତ୍ୟ । ନ୍ୟାୟ ପାଇଁ ସମସ୍ତଙ୍କ ପାଖକୁ ଯାଇଥିଲି । କୌଣସି ସୁଫଳ ମିଳିନାହିଁ । ନ୍ୟାୟ ଦେବା ତ ଦୂରର କଥା, ମୋର ଅଭିଯୋଗ କେହି ଶୁଣୁନାହାନ୍ତି ବୋଲି ସେ କହିଛନ୍ତି ।’

ସେହିପରି ଆଉ ଜଣେ ମାଆ ହେଉଛନ୍ତି ସମ୍ବଲପୁର ଜିଲ୍ଲା କୁଚିଣ୍ଡାର ସଂଯୁକ୍ତା ସେଠୀ । ତାଙ୍କର ସାନ ଝିଅ ସାଇ ସ୍ୱାଗତିକା ଯାହାଙ୍କର ବୟସ ଥିଲା ମାତ୍ର ୯ ବର୍ଷ । ୨୦୧୮ ମସିହାରେ ଏକ ଜଙ୍ଗଲରୁ ତାଙ୍କର ମୃତଦେହ ମିଳିଥିଲା । ପରିବାର ଲୋକଙ୍କ ଅଭିଯୋଗ ଯେ ବଡ଼ ବାପା ଓ ବଡ଼ ମାଆ ଜମିଜମା ମାମଲାକୁ କେନ୍ଦ୍ର କରି ହତ୍ୟା କରି ଜଙ୍ଗଲରେ ଫିଙ୍ଗି ଦେଇଥିଲେ । ଯାହାକୁ ନେଇ ପରିବାର ଲୋକେ ପୋଲିସ ଏସ୍‌ପି, ଡିଜି ଏପରି କି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ କୌଣସି ନ୍ୟାୟ ମିଳିନାହିଁ । ତେଣୁ ମାତୃ ଦିବସରେ ମାଆ ସଂଯୁକ୍ତା କହିଛନ୍ତି, ‘ସମସ୍ତଙ୍କ ପାଖରେ ନିଜ ନିଜ ଛୁଆ ରହିଛନ୍ତି । ହେଲେ ଆଜି ମୋର କୋଳ ଖାଲି ପଡ଼ିଛି । ତେଣୁ ଆମକୁ ନ୍ୟାୟ ଦରକାର । ଦୋଷୀ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ।’ ସେପଟେ ନ୍ୟାୟ ପାଇଁ ଲଢ଼େଇ ପରିବାର ସଭାପତି ସୁବ୍ରତ କୁମାର ଦାସ କହିଛନ୍ତି, ‘ବିଶ୍ୱ ମାତୃତ୍ୱ ଅବସରରେ ରାଜ୍ୟର ୨୮ଟି ଜିଲ୍ଲାରୁ ପୀଡିତମାନେ ଆସିଛନ୍ତି । ଯେଉଁମାନେ ନିଜ ପିଲା ଛୁଆଙ୍କୁ ହରାଇଛନ୍ତି । ବର୍ଷ ବର୍ଷ ଧରି ପୀଡ଼ିତମାନେ ନ୍ୟାୟ ପାଇପାରୁନାହାନ୍ତି । ଏହାର କାରଣ ହେଉଛି ପୂର୍ବ ସରକାର କାହାକୁ ନ୍ୟାୟ ଦେଇନଥିଲା ବେଳେ ବର୍ତ୍ତମାନର ସରକାର କାହାରିକୁ ମଧ ଏହି ଦୁଇ ବର୍ଷ ମଧ୍ୟରେ ନ୍ୟାୟ ଦେଇନାହିଁ । ବାରମ୍ବାର ମନ୍ତ୍ରୀ, ବିଧାୟକ, ପୋଲିସ ଡିଜି ଏପରିକି ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଅଭିଯୋଗ ନେଇ ଯାଇଛୁ ହେଲେ କୌଣସି ଫଳପ୍ରଦ ହେଉନାହିଁ । ଆଜି ମାତୃ ଦିବସରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରୁଛୁ, ଏହି ସମସ୍ତ ମାମଲାର ସାନି ତଦନ୍ତ କରାଯାଉ ।’

ସେହିପରି ଦିନ ଥିଲା ୯ ମାସ ପୂରିଲେ ଗର୍ଭବତୀଙ୍କ ପରିବାରରେ ଅଜଣା ଭୟ ସହ ଖୁସି ଖେଳି ଯାଉଥିଲା । ‘ପ୍ରସବ ବେଦନା’ ସମୟରେ ମା’ର ଯତ୍ନ ନେବାପାଇଁ ପୂରା ପରିବାର ଏକାଠି ଚେଷ୍ଟା କରୁଥିଲେ । ଏବେ ‘ପ୍ରସବ ବେଦନା’ ଇତିହାସ ହୋଇଯାଇଛି । ଆଧୁନିକ ଚିକିତ୍ସା ବିଜ୍ଞାନ ସହିତ ତାଳ ଦେଇ ‘ସିଜରିଆନ ଡେଲିଭରି’ ଏବେ ବଢ଼ି ଚାଲିଛି । ଏହାର ସାଂଘାତିକ ପରାଭବ ଅନୁଭବ କରିବା ପରେ ବି ଏହି ପ୍ରକ୍ରିୟାକୁ ରୋକିବା ଦିଗରେ କେହି ଯତ୍ନବାନ ହେଉନାହାନ୍ତି । ୨୦୨୨-୨୩ ବର୍ଷରେ ଓଡ଼ିଶାର ଘରୋଇ ହସ୍ପିଟାଲଗୁଡ଼ିକରେ ୧ ଲକ୍ଷ ୨୯ ହଜାର ୮୮ ପ୍ରସବ ହୋଇଥିଲା । ସେଥିରୁ ୯୯ ହଜାର ୯୮ଟି ଅସ୍ତ୍ରୋପଚାରଜନିତ ପ୍ରସବ ଥିଲା । ଅର୍ଥାତ ଓଡ଼ିଶାର ଘରୋଇ ଡାକ୍ତରଖାନାରେ ହୋଇଥିବା ସମ୍ପୂର୍ଣ୍ଣ ପ୍ରସବର ଏହା ଥିଲା ୭୭.୪୬%। ୨୦୨୩-୨୪ ରେ ଘରୋଇ ହସ୍ପିଟାଲରେ ୧ ଲକ୍ଷ ୪୦ ହଜାର ୧୨୬ ପ୍ରସବ ହୋଇଥିବା ବେଳେ ସେଥିରୁ ୧ ଲକ୍ଷ ୧୩ ହଜାର ୫୯୮ଟି ଥିଲା ଅସ୍ତ୍ରୋପଚାରଜନିତ ପ୍ରସବ । ଯାହାକି ସେହିବର୍ଷ ଘରୋଇ ହସ୍ପିଟାଲ୍‌ରେ ହୋଇଥିବା ସମୁଦାୟ ପ୍ରସବର ଥିଲା ୮୧.୦୬%।